

ଉପହାର

ଶ୍ରୀଯୁକ୍ତ/ଶ୍ରୀମତୀ ...B.C. Baral......

..........................ଙ୍କ ହସ୍ତରେ

ସ୍ନେହ / ଶ୍ରଦ୍ଧା / ଭକ୍ତିର ଚିହ୍ନ ସ୍ୱରୂପ

ସାହିତ୍ୟ ଗ୍ରନ୍ଥ ଖଣ୍ଡିକ ଅର୍ପଣ କଲି—

# ଉତ୍ସର୍ଗ

ଅଧ୍ୟାପକ ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ଦେଦେଷ, ଭଦ୍ରକ କଲେଜ ।

ମନେନ ଅଛୁନା ଦୁଷ୍ଟୁବାବୁ ! ଏ ବହିର ଗୋଟିଏ ଦୁଇଟି ଗପ ପଢ଼ି କହୁଥିଲ, "ଏ ଧରଣ ଗପଗୁଡ଼ିଏ ଏକାଠିକରି ଗୋଟିଏ ପୁସ୍ତିକ ପ୍ରକାଶକଲେ ଖୁବ ଭଲ ହୁଅନ୍ତା ।"

ମୁଁ ମଧ୍ୟ ସେହିଦିନ କହୁଥିଲି, "ଯଦି କେବେ ଏପରି ହେବାର ସୁଯୋଗ ଆସେ ତେବେ ତୁମରି ନାମରେ ଏହାକୁ ଉତ୍ସର୍ଗ କରିବି ।

ଆଜି ସେ ଦିନ ଆସିଛି.............................

ଫତୁରାନନ୍ଦ

ମହାଙ୍ଗମୀ

ଅକ୍ଟୋବର ୧୯୫୯ ।

# ପଦେ ଅଧେ

ସାହିତ୍ୟିକମାନେ ସାଧାରଣତଃ ସାହିତ୍ୟର ଆଲୋଚନା କରିଥାନ୍ତି । ସମସ୍ତଙ୍କର ଦୃଷ୍ଟି କୋଣ ଅଧିକେ ପ୍ରାୟ ଏକ ସ୍ଥାନରେ ପଡ଼ିଥାଏ । ଲେଖକର ଦୃଷ୍ଟି କିନ୍ତୁ ଏକ ଅଥାନରେ ପଡ଼ିଛି । ସେ ସ୍ଥାନକୁ କୌଣସି ସାହିତ୍ୟିକ ବୋଧହୁଏ ଦେଖିବାକୁ ଇଚ୍ଛା କରୁନଥିବେ । ସେହି ଅଥାନର ବର୍ଣ୍ଣନ ତଥା ବିଶ୍ଳେଷଣକୁ "ସାହିତ୍ୟ ଗୁପ୍ତ"ର କହିବ । ହୁଏତ କେତେକ ବସ୍ତ୍ୟସ୍ଥ ସାହିତ୍ୟିକଙ୍କୁ ଏହା ଅରୁଚିକର ବୋଧ ହୋଇପାରେ । ସମସ୍ତଙ୍କୁ ଯେ ଏହା ଭଲ ଲାଗିବ ଏହା ଆଶା କରିବା ବିଡ଼ମ୍ବନା ମାତ୍ର । ତଥାପି ଗଳ୍ପଆଖ୍ୟାନକୁ ଏକ ଉଦ୍ଭଟାକାର ନୂଆ ଜୀବ ଆସିଲେ ଲୋକଙ୍କର ଯେପରି କୌତୁହଳ ସୃଷ୍ଟି ହୁଏ "ସାହିତ୍ୟ ଗୁପ୍ତ" ଅନ୍ତତଃ ସେହିପରି ସାମାନ୍ୟ କୌତୁହଳ ସୃଷ୍ଟି କରିପାରିବ ବୋଲି ଆଶା କରାଯାଏ । ଲେଖକ ସାହିତ୍ୟର ଗୁପ୍ତକଥା ସେଥିର ଅପୂର୍ବ ଦ୍ରବ୍ୟକୁ ସୁଧୀ ସମାଲୋଚକ-ବୃନ୍ଦଙ୍କ ହାତରେ ଟେକି ଦେଉଛି । ତାର ସୁସ୍ୱାଦୁ ବା କୁସ୍ୱାଦୁ ଜନିତ ହର୍ଷ ମୁଖ ବା ମୁଖ ବିକୃତ ଦେଖିବାକୁ ବାସନା ରହିଲା ।

କୌଣସି ବ୍ୟକ୍ତି ବିଶେଷ ଏହି ପୁସ୍ତକ ସଙ୍କଳିତ କୌଣସି ଲେଖା ଦ୍ୱାରା ଯଦି କ୍ଷୁର୍ଣ୍ଣ ହୁଅନ୍ତି ତା'ହେଲେ ମୁଁ ସେମାନଙ୍କ ନିକଟରେ କ୍ଷମା ମାଗୁଛି ।

— ଲେଖକ

# ସୂଚୀ


| ବିଷୟ | | ପୃଷ୍ଠା |
|---|---|---|
| ୧ । ଓଡ଼ିଆ ସାହିତ୍ୟରେ ଅମ୍ବୁଲନ୍ସ ଯୁଗ | ... | ୧ |
| ୨ । ମେଡ଼ିକାଲ୍ କଲେଜରେ ମେହେର ଜୟନ୍ତୀ | ... | ୧୦ |
| ୩ । ଆଧୁନିକ କାବ୍ୟ ଯୁଗର ପ୍ରତିଷ୍ଠା | ... | ୨୦ |
| ୪ । ଭଲ୍ଲ କବି ... | ... | ୨୮ |
| ୫ । ଅଗାମୀ କବିର ଲକ୍ଷଣ ... | ... | ୪୦ |
| ୬ । ଶାରଳା ସାହିତ୍ୟର ସମାଲୋଚନା | ... | ୪୮ |
| ୭ । ମୃତ୍ୟୁ ପ୍ରବନ୍ଧର ଗୁଣଭାଠି ... | ... | ୫୩ |
| ୮ । କାଣ୍ଡୁଆ ସଭା ... | ... | ୬୩ |
| ୯ । ଚେମ୍ପାଦକ ... | ... | ୭୨ |
| ୧୦ । କବି ଖୁଣ୍ଟ ... | ... | ୮୧ |
| ୧୧ । କବି ଓ ସମାଲୋଚକ ... | ... | ୮୮ |
| ୧୨ । କବି ପୂଜା ... | ... | ୯୪ |
| ୧୩ । କଳସା'ର କାଳ କଳନା ... | ... | ୧୦୬ |
| ୧୪ । ବ୍ଲାଙ୍କ ଫର୍ମେସ୍ କବି ... | ... | ୧୧୨ |

# ଓଡ଼ିଆ ସାହିତ୍ୟରେ ଆତ୍ମଗ୍ଲାନିର ଯୁଗ

ରମେଶ କୋଠରି ଭିତରକୁ ପଶି ଯାଇ ଦେଖିଲା, ଅଜୟ ମୁହଁଟାକୁ ଭୁରୁଙ୍ଗା କରି କୋଣାର୍କର ଏକ ମୂର୍ତ୍ତି ପାଲଟି ଯାଇଛି, ନିଶ୍ୱାସ ପ୍ରଶ୍ୱାସଜନିତ ଶରୀର ଫୁଲା, ଦୃଷ୍ଟ ହେବା ଛଡ଼ା ଅନ୍ୟ କୌଣସି ଜୀବନ ଲକ୍ଷଣ ତାହାଠାରେ ଦେଖାଯାଉ ନ ଥିଲା। ତାର ହଠାତ୍ ଉପସ୍ଥିତି ମଧ୍ୟ କୌଣସି ପ୍ରକାର ପ୍ରତିକ୍ରିୟା ଅଜୟର ଶରୀରରେ ସୃଷ୍ଟି କଲା ନାହିଁ। ଯେଉଁ ଅଜୟ ସବୁବେଳେ ହାଟପରି ବକର ବକର, ଚଞ୍ଚଳ ଛୁଆପରି ଫଡର ଫଡର, ଝୁମ୍ପୁଲା ଶଗଡ଼ ପରି ଚକର ଚକର, ସାଙ୍ଗମାନଙ୍କ ପାଖରେ ଟୋକା ଲୁଲୁର ପରି ସବୁବେଳେ ହକର ହକର, ସେଇ ଅଜୟ ପୁଣି ଏକାବେଳକେ ପଥର ମୂର୍ତ୍ତି! ରମେଶ ପାଖରେ ଯାଇ ବସିଲା, ତଥାପି ତାର କିଛି ପରିବର୍ତ୍ତନ ହେଲା ନାହିଁ। ରମେଶର କୌତୁହଳ ବହୁତ ବଢ଼ିଗଲା।

ସେ ମନେ ମନେ ଭାବି ଲାଗିଲା—ଅଜୟ ତାର ଗୋଟିଏ ପେଟ କେଉଁଠାରେ ହୁଗୁଳା ହୋଇ ଯାଉଛି। ଖରାପ ପଥ—ନାଃ—ଅଜୟ ତ ସେମିତିଆ ଟୋକା ନୁହେଁ, ଧନେ ହେଲେ ବି ତାହାର ପାଦ ବଢ଼ାଇବାର ଦେଖିନି; ଚରିତ୍ରର ପ୍ରଶ୍ନ କା ଉଠିବ କାହିଁକି ? ମାନ ଅପମାନ ? କାହିଁକି ?—ଗରିବା ଭିତରେ ସେ ତ ଦେଖନ୍ତି ଗୋଟିଏ ଗରିବ ଛାଉଣି, ତା' ସଙ୍ଗେ କଳି କରିବ କିଏ ? ନାଃ—ତା' ବି ନୁହେଁ—ଘରୁ କିଛି ଖରାପ ଖବର ?—ନାହିଁ ତ, କାଲି ତା' ବାବାଙ୍କ ସାଙ୍ଗରେ ଦେଖା ହୋଇଛି, କିଛି ଖରାପ ଥିଲେ ସେ ଜଣେଇ କହି ଥାଆନ୍ତେ—ପାଠପଢ଼ା ଭିତ୍ରିରୁ ? ତେବେ ମୁହଁଟା ଝୁଲୁଁ ଖିଆ କରିଛି କିଆଁ ? ରମେଶ ଏମିତି ମନେ ମନେ ଜଣ ଭୂବନସାରେ ଅଣ୍ଡାଲି ଯେଉଁ ଖାଲ ଧରିଲା ତାହା ମଟ୍ କରି ଭାଙ୍ଗିଗଲା। ଅଜୟର ଧ୍ୟାନ ଭାଙ୍ଗିବାପାଇଁ ସେ ଗୋଟାଏ ସିନେମା ଗୀତର ସୁର ସାଟିରେ ସୁସ୍ୱର ମାରି ବଜେଇଲା, ତଥାପି ଅଜୟ ନିସ୍ତବ୍ଧ। ଟେବୁଲଟାକୁ ଢୁଟି ଭାବଲ୍ କରି ବାଡ଼େଇ "ଅନା ଅନା ନାସ୍ତଣୀ" ଗୀତରୁ ପଦେ ବୋଲିଲା, ତଥାପି ନିସ୍ତବ୍ଧ। ରମେଶ ଅସ୍ଥିର ହୋଇପଡ଼ିଲା। ନଇଁ ପଡ଼ି ଅଜୟର ଝୁଲୁଁ ଖିଆ ପୋଡ଼ା ମୁହଁକୁ ଚାହିଁ, ଫେଁ କରି ହସିଦେଲା। ଗୋଟିଏ ବଡ଼ ଧ୍ୱନିର କ୍ଷୀଣ ପ୍ରତିଧ୍ୱନି ପରି ଅଜୟ ଟିକିଏ ଫଟାହସ ହସି ଦେଇ କହିଲା—ହେଉ—ହେଉଟା ନା କଅଣ ମ ?

ରମେଶ ଉତ୍ଫୁଲ୍ଲ ହୋଇ ପଚାରିଲା—କଅଣ ଧ୍ୟାନଯୋଗ ଭାଙ୍ଗିଗଲା ? ବ୍ୟାପାର କଅଣ ?

ବହୁ ସଙ୍କୋଚ ଓ ମୋଡ଼ାମୋଡ଼ି ପରେ ଯେଉଁ ବେତାରଯନ୍ତ୍ରରୁ ଶବ୍ଦ ବାହାରେ, ସେହିପରି ରମେଶର ଅନେକ ଚେଷ୍ଟା ପରେ ଅଜୟ ପାଟିରୁ କଥା ବାହାରିଲା—

—ଭାଲ ଆଜକାଲ୍‌ରେ ପ୍ରାଚୀନ ଓଡ଼ିଆ-ସାହିତ୍ୟ ବିଷୟରେ ଏତ ସଭା ବସିଥିବ—ଶୁଣିଛୁ ?

—ନାଁ । ତ—କାହିଁକି, କଅଣ ହେଲା ?

—ମୁଁ ଭଞ୍ଜ ସାହିତ୍ୟ ବିଷୟରେ ଦି' ଶବ୍ଦ କହୁଛି କି ନାହିଁ—ସେ ନଷ୍ଟର—

—ହଁ, ହଁ, ନଟିଅ ନା—ସେ ପଞ୍ଚମ ବାର୍ଷିକ ଶ୍ରେଣୀରେ ପଢ଼େ ତ—?

—ହଁ, ହଁ, ସେ ନଷ୍ଟ ମୋତେ ଯେଉଁ ଅପମାନ ଦେଲା ତାହା ମଲାଯାଏ ଭୁଲି ପାରିବି ନାହିଁ ।

—କାହିଁକି କଅଣ ହେଲା ?

—ଆରେ, ମୁଁ ପଦେ କହୁଲେ ସେ ଦଶପଦ । ନାଆଁକୁ ସିନା ମୁଁ ବକ୍ତା, ସେ କଲୁ କହୁ ଲାଗିଥାଏ—"ବଦଭର ସେ ଅଶ୍ରାବ୍ୟ ସାହିତ୍ୟ—ତୁମର ଭଞ୍ଜ ଲେଖିଛନ୍ତି ନା—'ବାଛ ଶକ୍ତ କାନୁ ଲିଭ ସ୍ତନ୍ୟାରେ'—ମଲ ନାହିଁ ତାକୁ ଯାହା ପଢ଼ିଲ !" ପୁଣି କହୁଛି—ଟେସୁଣ୍ଡାଇ କବିତା ନା ପଥର ବେଗ୍ରବା—'ସାତ କୁମ୍ଭଘରେ ଟେକଣକୁମ୍ଭ ରଖି ପଞ୍ଚମନକୁ ତୋଷିଲ' ଏଥିରେ କାହିଁକି କଣେ ମୁଣ୍ଡ ଘୁଞ୍ଚାଇବ ! କେବଳ କାହିଁକି ନ ଖେଳିବ—ତୁଳୁ କୂହାଉ ସେ ଛନ୍ଦ ତାଳୁ—'କୁସୁମ ଶାୟକ ଶାୟକ, ଶାୟକ ଶାୟକ ବାନ୍ଧୁଥିବ ଠାଣି'—ଅହାରେ ଇଞ୍ଜିନ୍ [illegible] 'ଫସ ଫସ ଫସ ଫସ ଫସ ଫସ ତ୍ରାହି ଗୁଲୁଥିବ ଠାଣି', କାହିଁକି କବିତା ନ ହେବ—ମବନ୍ତ୍ର ଗ ତୁଳଦେ ପୁଣି ଯୁବକୁ ଦୋଷନ୍ତୁ ।"

—ଏଁ ଏମିତି କହିଲା ?

—ସେଇଥିରେ କ'ଣ ରହିଲା, ପୁଣି କହିଲା—ଯୋଉ କଣ୍ଟା କଲାଭ ବୋଲି' ଲେଖିବ, ତାକୁ କଳାବ ବୋଲି କହିବାକୁ ...

ଆଉ କଅଣ କହିବ ? ସେ ଜଣା ଭଳି କେବଳ ରାଜା ରାଜୁଡ଼ାଙ୍କୁ ଦେଖିଥିଲେ । ଶରୀର ମଳମୂତ୍ର ଅଙ୍କୁ ଶୁଙ୍ଘିବାକୁ ଅଛିଟା ନ ଥିଲା— ଲେଡ଼ାନାଙ୍କୁ ସେ ସାହିତ୍ୟ ଅଧିକାର ଯୁଗରେ । ବର୍ତ୍ତମାନ ତା'ର ସ୍ଥାନ ମ୍ୟୁନିସିପାଲିଟି ମଇଳା କୁଣ୍ଡରେ—

—ଏଁ ଏତେ ସାହସ ।

—ହଁ, ଏତକ ଦେଖିଲ, ପୁଣି କହୁଛ—ସାଥି ବନ୍ଧୁ ଓ ତା'ର ସ୍ତାବକଗଣ ଗୁଲ୍‌ସାଥି ଅନ୍ଧକାର ଯୁଗକୁ—

—ଅସ୍ତୁ ! ପଠେଇ ଦେଲ ଏକାବେଳେକେ ଅନ୍ଧକାର ଯୁଗକୁ—?

—ଦେଢ଼ୁ ତ, ଲୁହାଲିଅଟାଏ—କଥାରେ କଥାରେ ମୋତେ ଓପୋଭ—ପଚେଇଲା । ଶୁଣନ୍ତା ଯେବେ ବା ଗ୍ରସିଗଲେ ଚନ୍ଦ୍ରଙ୍କୁ—ସବୁ କହୁଛି ଭାଇ, ଏମିତି ଅଘାତ ମୁଁ ଜୀବନରେ କେବେ ପାଇନ । ମୋତେ ଦେଖିଲେ ଗାଲି ଦେଇ ଥାଆନ୍ତା । ମୋର ନମସ୍ୟ ବନ୍ଧୁଙ୍କୁ ଯାହା ମୋ ଆଗରେ ଗାଲି ଦେଲା । ଓଃ ଏ ଜୀବନଟା ସାହା ଗୁଲି-ନ ଗଲା—

—ଅତେବ ଏଇଥିପାଇଁ ଏତେ ? ତା'ର ବଦଳ ନେଇନଥା ମନ ମାନିବ ତ ?

—ଇଲେ ବୋପା ! ସେଇଟା ଶୁଣନ୍ତାଟାଏ, ମୋ ଭଲଅ ଗୁରୁଟାକୁ ଛନ୍ଦୁ କରିଦେବ—

—ରଖ ତା' ଛନ୍ଦୁ, ମୁଁ ତାକୁ ଛନ୍ଦୁ ଭଅଣ କରିଦେଲି । ଠିକ୍ ସେମିତି ସଙ୍ଗ ହୋଇଥିବ, ତାକୁ ଠିକ୍ ସେମିତି ଥୋକେ ଦୁର୍ ଦୁର୍ କରିବେ, ତାକୁ ଲୁହାଇ ଦେବେ ନାହିଁ । ତୋତେ ଯେମିତି ସେ ଅନ୍ଧକାର ଯୁଗକୁ ପଠେଇଛନ୍ତି, ମୋର ଭକ୍ତମାନେ ଠିକ୍ ସେମିତି ତାକୁ ଅମୃତାନ୍ୱ ଯୁଗକୁ ପଠେଇ ଦେବେ—

—ଏଁ ଅମ୍ବୁଜାକ୍ସ ଯୁଗ ?

—ଆରେ ହଁ ହଁ ଅମ୍ବୁଜାକ୍ସ ଯୁଗ । ଖୁବ୍ ନିକଟରେ ଆସିଲାଣି । ତୁ ଦେଖିନୁ ? ମୁଁ ଦେଖେଇଦେବି । କଳିଯୁଗ ଆସିବା କଥା ପୃଥ୍ୱୀ କଉଣ ପଢ଼ିଲେ ଜାଣିଥିଲେ ? ସହଦେବ ତାରସାଦ କଣ୍ଠ କଟେଇ ଦେଇଥିଲେ । ସେମିତି ମୁଁ ତାରସାଦ କରିଛି, ତୁ ଜାଣି ପିବୁ । ଏତକ ସବୁ ମୁଁ କହି ନ ପାରିଲି କେତେବେ ମୋ ନାଆଁରେ ଗୋଟାଏ କୁଡା ପେସିବୁ । ଆଉ ଦେଖ, ଡାଳ ବାର ଧନଟି ସମ୍ଭାଳି ନା'—ମୋତେ କିଛି ଓସ୍ତରବି ନାହିଁ । ତା'ପରେ ଅମ୍ବୁଜାକ୍ସ ଯୁଗକୁ ସ୍ୱ-ଚକ୍ଷୁରେ ଦେଖିବୁ ।

—ହେଃ ଉଦବସ୍ତାଏ ହେଲଣି ।

—ବାସ୍ ବାସ୍ କହିବୁ ତ ସେହିଦିନ ଉଦସ୍ତ ବୋଲି କହିବୁ । ବେ ଘାନଟଣ୍ଡେ ବେ—

× × ×

ନଟବରଙ୍କ ଗଟରେ ବସିପଡ଼ି ରମେଶ କହିଲା—ହଇ ହେ ନଟବାବୁ ଗୋଟାଏ ଅନୁରୋଧ—

—କି ଅନୁରୋଧ ?

—ଏଇ ସରସ ସାହିତ୍ୟ ସମିତି ପକ୍ଷରୁ ଗୋଟିଏ ସାହିତ୍ୟ ସଭା ହେଉଛି—

କେଉଁ ଯୁଗ ଉପରେ—

ଅତ୍ୟାଧୁନିକ ଯୁଗ ଉପରେ । କେତେକଣ କହୁଥିଲେ, ଆଧୁନିକ ଯୁଗ ବିଷୟରେ କରିବାକୁ । ମୁଁ କହିଲି, ଏଇଟା ଦାଦ୍ଧାସା ହୋଇଗଲାଣି । ଆଧୁନିକ ଯୁଗ ବୋଇଲେ ମାନସିଂହ, ଗଡ଼ନାୟକ, ଭଗବାନଦ, ଶଚୀ, କାହ୍ନୁ, ଯୋଶୀ, ସୁରେନ୍ଦ୍ର, ମହାନ୍ତି, ଗୋଲ, କାଳିନ୍ଦୀ ଓ ଭୁବନ ଆଦି । ଏମାନଙ୍କୁ ତ ସମ୍ଭବତଃ ଲେଖାରୁ ଓ

ତାଙ୍କ କଥା ସବୁବେଳେ ଶୁଣୁଛୁ ବରଂ ଅତ୍ୟାଧୁନିକ ଯୁଗ ବିଷୟରେ ଚର୍ଚ୍ଚା ହେଲେ ଭଲ ହେବ । ନୂତନ ଲେଖକମାନଙ୍କୁ ଆଲୁଅକୁ ଆଣିବାକୁ ହେବ । ସମସ୍ତେ ଏଥିରେ ରାଜି ହୋଇଛନ୍ତି । ଅଜ ମଧ୍ୟ ସମସ୍ତଙ୍କ ମତ ଯେ ଏ ବିଷୟରେ ଆପଣଙ୍କ ଜ୍ଞାନ ସର୍ବୋତ୍କୃଷ୍ଟ । ତେଣୁ ଆପଣଙ୍କୁ ପ୍ରଧାନ ବକ୍ତା କରିବାକୁ ସମସ୍ତଙ୍କର ଇଚ୍ଛା । ଆର ରବିବାର ଦିନ ରାମଚନ୍ଦ୍ର ଭବନରେ ସଭା ହେବ । ଏଥିରେ ଆପଣଙ୍କର କୌଣସି ଆପତ୍ତି ନ ରଖିବାକୁ ଆମ ସମସ୍ତଙ୍କର ଅନୁରୋଧ ।

ଉତ୍ଫୁଲ୍ଲିତ ହୋଇ ନଟବାବୁ କହିଲେ—ବାଃ ! ମୁଁ ଯାହା ଆଜିଯାଏ ଭାବୁଥିଲି ତାକୁ ଆପଣ କାର୍ଯ୍ୟରେ ପରିଣତ କଲେ । ମୁଁ ରାଜିଅଛି ।

ଡାଇରି ବହିରେ ତାରିଖ ସ୍ଥାନ ଇତ୍ୟାଦି ଟିପିଦେଇ ନଟବାବୁ ରମେଶ ବାବୁଙ୍କୁ ବିଦାୟ ଦେଲେ ।

ଧାର୍ଯ୍ୟ ହୋଇଥିବା ଦିନ ଯେତେ ପାଖେଇ ଆସୁଥାଏ ନୂଆ ଲେଖକ ଗୋଷ୍ଠୀଙ୍କ ଭିତରେ ସେତେ ଉତ୍ସୁକତା ବଢ଼ୁଥାଏ । ସବୁ ଖବର କାଗଜ ଓ ପତ୍ରପତ୍ରିକାରେ ବିଜ୍ଞାପନ ବାହାରି ଉତ୍ସୁକତାକୁ ଆହୁରି ବଢ଼ାଉଥାଏ ।

ରବିବାର ଦିନ ସରସ ସାହିତ୍ୟ ସମିତିର କର୍ମକର୍ତ୍ତାମାନେ ରାମଚନ୍ଦ୍ର ଭବନରେ ଆୟୋଜନରେ ଲାଗି ପଡ଼ିଲେ । କିନ୍ତୁ ରମେଶ ପୋଷ୍ଟପିଅନ ପରି ଯାହା ଘର ତା' ଘର ଯିବାକୁ ଲାଗିଲା ।

ରମେଶ ଠାରୁ ସବୁକଥା ଶୁଣି ଅଲେଖ ଦାସ କହିଲେ—ହେମନ୍ତ—ନଟିଆ କେବେ ଘଣ୍ଟଘଣ୍ଡ ପତ୍ରିକା ପଢ଼ିଛି ? ପଢ଼ିଥିଲେ ମୋ ନାକୁ ଛାଡ଼ି ଯାଇଥାନ୍ତା ? ରହ ସେ ଚୌଧାର ପିଲ୍ କେତେ ଆଲ ଦେଖିଛି ।

ଭ୍ରମର୍ଷ ମିଶ୍ର କହିଲେ—ଏଁ ପାଙ୍ଗଲୁଖା ଫର୍ଦିଭାବେ ମୋର ବ୍ୟଙ୍ଗ କବିତା କ'ଣ ନଷ୍ଟ ପଢ଼ିନ? ଛୋଟା ଜାଣି ସିଅଣା। ମୋ ନାଁକୁ ଜାଣି ଜାଣି ବାଦ୍ ଦେଇଛି। ଶଳାକୁ ଦେଖିଛି ଆଜ ଠିକ୍ କରି। —

ଗଜ ମହାପାତ୍ର କହିଲେ—ହୁଃ, ମୋ ବିରୁଦ୍ଧରେ ଷଡ଼ଯନ୍ତ୍ର? ମେରୁଦଣ୍ଡ କାଗଜରେ ଧାରାବାହିକ ଭାବରେ ମୋର ପ୍ରବନ୍ଧସବୁ ବାହାରି ଚାଞ୍ଚଲ୍ୟ ସୃଷ୍ଟି କରିଛି। ସେ ଛତରା ଭାବିଛି—ମୋ ନାଁଟା ନ କହି ମୋତେ ପୋଡ଼ି ପକେଇବ? ଜାଣିଛି ଦିନ କୋର୍ଟରେ ସମସ୍ତଙ୍କୁ ଦେଖି ଦେବ। ଶଳାକୁ ଏ ବୋଲ୍ଅରେ ଅଣ୍ଡା କରିଦେବି। ଆଜି ପକେଟରେ ବୋଲ୍ଅ ନେଇ ସଭାକୁ ଯିବି।

ଗୋବର ଷଡ଼ଙ୍ଗୀ କହିଲେ—କଅଣ ହେଲା? ବଣଭୁଆ କାଗଜରେ ମୋର ଏତେ ଗପ ବାହାରିଲା, ତା' ଆଖିରେ ପଡ଼ିଲାଣି? ଗଳ୍ପ ଲେଖକ ହିସାବରେ ଆଉ କାହା ନାଁ ରହିବ? ଶଳାକୁ ଲୁହାଇ ଦେବି ନାହିଁ। ଦେଖିଁ, କାହାର ଦରଜ କେତେ —

ରମେଶ ଏ ଗୋଷ୍ଠୀଙ୍କୁ ଡକେଇ ଡକେଇ, ସଙ୍ଗରେ ନେଇ ସ୍ୱମଚନ୍ଦ୍ ଭବନରେ ପହଞ୍ଚିଲା ବେଳକୁ ବକ୍ତୃତା ଆରମ୍ଭ ହୋଇ ଗଲାଣି। ନଷ୍ଟ ବାବୁ ସେତେବେଳକୁ କହୁଥାଆନ୍ତି—ତେଲିଆ ମୁଣ୍ଡରେ ତେଲ ଦେଲା ପରି ପ୍ରତିଷ୍ଠିତ ଲେଖକମାନଙ୍କ ଗୁଣଗାନ କରି ଲାଭ ନାହିଁ। ଭବିଷ୍ୟତର ଲେଖକମାନଙ୍କୁ ମୁଁ ଆଜ ସମସ୍ତଙ୍କୁ ଚିହ୍ନାଇ ଦେବି। ଅତ୍ୟାଧୁନିକ ଯୁଗର କବିତାରେ ଶ୍ରୀମାନ୍ ଦିଗମ୍ବର ସର୍ବଶ୍ରେଷ୍ଠ କୃତିତ୍ୱ ଦେଖାଇ ଅଛନ୍ତି।

ଏ ଦିଗରେ ଫକୀର ଓ ବୁଦ୍ଧିମନ୍ତଙ୍କର ନାମ ମଧ୍ୟ ଉଲ୍ଲେଖ ଯୋଗ୍ୟ—

ଠିକ୍ ଏହି ସମୟରେ ପ୍ରଶ୍ନ ହେଲା ଆଉ କେହି ନାହାନ୍ତି ?—

—ନା ଏହାଙ୍କ ସମକକ୍ଷ ଆଉ କେହି ନାହାନ୍ତି ।

—ତମ ଜନାଜାଲେ କେବେ ସାହିତ୍ୟ ଚର୍ଚ୍ଚା କରିଥିଲ ?

ଏପରି ମାଇଚିଅଙ୍କ ପରି ଲଚ ଲଚ ପ୍ରଶ୍ନ କରିବା ଗୁଣ୍ଡ ପ୍ରଶ୍ନକର୍ତ୍ତା ସାମନାସାମନି ଆସିଯାଆନ୍ତି ।—

ଜନ୍ତୁର ଅପୃଥିବା ଜାଳକୁ ଫୁ ଫା କରି ସମସ୍ତେ ଦବାଇ ଦେଲେ ।

ନଟ ବାବୁ ପୁଣି କହି ଲାଗିଲେ—କ୍ଷୁଦ୍ର ଗଳ୍ପରେ କେଶବଚନ୍ଦ୍ର ଈଶ୍ୱର ସ୍ୱଭାବରେ ନବୀନତା ଦେଖାଇ ଅଛନ୍ତି । ଏହାଙ୍କ ସମକକ୍ଷ ଆଉ କେହି ନାହାନ୍ତି ।

ପୁଣି ପ୍ରଶ୍ନ ଉଠିଲା—ଗୋବର ଷଡ଼ଙ୍ଗୀଙ୍କ ଗପ ପଢ଼ିଛନ୍ତି ?

—ପଢ଼ିଛି କିନ୍ତୁ ସେସବୁ ଗୋବର ।

—ଆରେ ତୋର ମୁଣ୍ଡରେ ଗୋବର—ଆ ମୋ ପାଖକୁ ଆସି କହ—

ହୋ ହା କରି ସମସ୍ତେ ପୁଣି ଗଣ୍ଡଗୋଳକୁ ଦବେଇ ଦେଲେ ।

ରାଗରେ ଗମ ଗମ ହୋଇ ନଟବାବୁ କହି ଲାଗିଲେ—ମୁଁ ଦୃଢ଼ସ୍ୱରରେ କହୁଛି, ବସନ୍ତ ବାବୁଙ୍କ ପରି ବ୍ୟଙ୍ଗ-କବିତା ଆଉ କେହି ଲେଖିନାହାନ୍ତି—

ସଭା ଭିତରୁ କିଏ ଜଣେ ପାଟିକରି କହିଲା—ହଁ ଲେଖିଛନ୍ତି, ଭୋ ବୋମା ଢମର୍ପ ମିଶ୍ର···

ସଭାପତି ସଟଙ୍ଗ ସଟଙ୍ଗ ପାଟି କରି କହିଲେ—ସାହିତ୍ୟ ସଭାରେ ଏପରି ବ୍ୟବହାର ଅତୀବ ଘୃଣ୍ୟ—

ନଟ ବାବୁ ହାତରୁ ଅସ୍ତ୍ରିନ ଟେଙ୍କି ଅହ୍ୱାନ ଦେଲେ—କେଉଁ ହାବଗଡା ଏଭଳି କହୁଛି ସେ ବାହାରି ଆସୁ ।

—କଅଣ ତା' ମୁଣ୍ଡଟା କାଟି ପକେଇବ ?

ଏହାପରେ ଅସାହିତ୍ୟିକ ବାଡ଼ି ବାଣ ଚାଲିଥିବା ବେଳେ ପାଖ କବାଟ ପଛଅଡ଼ୁ ଦୁଇ ସ୍ତୁର ବୋତଲ, ସଭାପତି ଓ ନଟ ବାବୁଙ୍କ ଅଙ୍ଗକୁ ଛୁଟିଗଲା । ଆକ୍ରାନ୍ତ ହୋଇ ଦୁହେଁ ସେହିଠାରେ ଢଳି ପଡ଼ିଲେ । ସଙ୍ଗେ ସଙ୍ଗେ ମ୍ୟୁନିସିପାଲିଟିର ଆମ୍ବୁଲାନ୍ସକୁ ଡକାଇ ଦୁହିଁଙ୍କୁ ଡାକ୍ତରଖାନା ନିଆଗଲା ।

ଘରକୁ ଫେରିଲାବେଳେ ରମେଶ ଅଜୟକୁ କହିଲା—ଓଡ଼ିଆ ସାହିତ୍ୟର ଆମ୍ବୁଲାନ୍ସ ଯୁଗ ବିଷୟରେ ତୋର ସଠିକ ଧାରଣା ହେଲା ? ଏତେ ସେ ସବୁ ପଢେଇଥିଲା ଅନ୍ଧକାର ଯୁଗକୁ ? ଆମ୍ବୁଲାନ୍ସ ଯୁଗକୁ କେବେ ଗଲା କି ନାହିଁ—ଦେ ଖଣ୍ଡେ ପାନ ଦେ— !

ଅଜୟ ଟିକିଏ ବ୍ୟଥିତ ହୋଇ କହିଲା—ଧ୍ୟାଃ ଅତି ବେଶି ହୋଇଗଲା— !

# ମେଡ଼ିକାଲ୍ କଲେଜରେ ମେହେର ଜୟନ୍ତୀ

ଘଣ୍ଟା କଣ୍ଟା ସବୁ ପ୍ରତିବର୍ଷ ଥରେ ଲେଖାଏଁ ମେହେର ଜୟନ୍ତୀ ଓଡ଼ିଶାକୁ ଆସେ । କବି, ସାହିତ୍ୟିକ ତଥା ସାହିତ୍ୟପ୍ରେମୀମାନେ ସେହି ଦିନଟି ଉତ୍ସବରେ କଟାନ୍ତି । ବହୁ ସଭା ସମିତିର ଆୟୋଜନ ହୁଏ । ତରୁଣ ବକ୍ତାମାନେ ଚୁଳ ସ୍ବବଧନ ଅଗରୁ ଜାବୁଅ ଟିପି କୋଡ଼ିଆ ଧରିଲା ପରି, ବିଷୟବସ୍ତୁ ପାଇବା ପାଇଁ ମେହେର ଗ୍ରନ୍ଥାବଳୀ ଘାଣ୍ଟି ବସନ୍ତି ଓ ଟିକଣା ସମୟରେ ଖାଲେଇ ଭିତରୁ ଘଳ ଘାଲ୍ ଭଳି ମାଛଗୁଡ଼ାକ କାଢ଼ି ପକାଇଲା ପରି ପେଟରୁ ମେହେରଙ୍କ ବିଷୟରେ ଜ୍ଞାନଗୁଡ଼ାକ ଓକାଳି ପକାଇବାକୁ ଜହୁକି ରହିଥାଆନ୍ତି । ବୁଢ଼ା ଧୋକଡ଼ା ବକ୍ତାମାନେ ମେହେରଙ୍କୁ କିପରି ନୂଆ ଭାବରେ ସଜେଇ ଲୋକଙ୍କୁ ଦେଖେଇବେ ସେଥିଲାଗି ନିଜ ନିଜ ମୁଣ୍ଡକୁ ଦହିଭାଣ୍ଡି ମନ୍ଥିଲା ପରି ମନ୍ଥିବାରେ

ଲାଗିପଡ଼ନ୍ତି । ଭାବପ୍ରବଣ ଛାତ୍ରମାନେ ଭବିଷ୍ୟତରେ ମେହେରଙ୍କ ପରି ହେବାକୁ ମନେ ମନେ ସରସ୍ୱତୀଙ୍କୁ ପ୍ରାର୍ଥନା କରନ୍ତି । ମୋଟ ଉପରେ ଯେପରି ବସନ୍ତ ଆସିଲେ ଦେଶ କୋଇଲିଙ୍କ ରବ କରେ, ସାହିତ୍ୟିକମାନଙ୍କ ଦେଶ ମେହେର ଜୟନ୍ତୀ ଆଗମନରେ କୋଇଲି ହୁଏ । ସମସ୍ତେ ଉଣା ଅଧିକେ ଜୟନ୍ତୀକୁ ସାଦର ଅଭ୍ୟର୍ଥନା ଜଣାନ୍ତି ।

ଏ ବର୍ଷ ମେହେର ଜୟନ୍ତୀ ଆସୁ ଆସୁ ଦୈବାତ୍ ମେଡ଼ିକାଲ କଲେଜ ଭିତରେ ପଶିଗଲା । ମାଲିକୁ ହେଲା ଅଡ଼ୁଆ । ଡାକ୍ତର ତଥା ଡାକ୍ତର ଛାତ୍ରମାନେ ଜୟନ୍ତୀକୁ ହଠାତ୍ ପଶି ଯିବାର ଦେଖି ଟିକିଏ ହଡ଼ବଡ଼େଇ ଗଲେ ସତ, କିନ୍ତୁ ଦବି ଗଲେ ନାହିଁ । ଯେଉଁମାନେ ଲୋକଙ୍କ ଗଳା ଅପିଲାବେଳେ ଦବି ଯାଆନ୍ତି ନାହିଁ ସେମାନେ କି ମେହେର ଜୟନ୍ତୀକୁ ଦେଖି ଦବି ଯିବେ ? ଡାକ୍ତର ତଥା ଡାକ୍ତର ଛାତ୍ରମାନେ ଠିକ୍ କଲେ ମେହେର ଜୟନ୍ତୀ ଅଲବତ୍ ପାଳିବେ—ପୁରାଦମ ସଜାସଜ କରି ପାଳିବେ ।

ସେମାନଙ୍କୁ ଯେ ମେହେର ଜୟନ୍ତୀ ପାଳି ଆସେ, ତାହା ଅନ୍ତତଃ ସାହିତ୍ୟିକମାନଙ୍କୁ ଦେଖାଇ ଦେବା ଦରକାର । ତେଣୁ ଠିକ୍ ହେଲା, ବାହାରର ଜଣେ ବଡ଼ ସାହିତ୍ୟିକଙ୍କୁ ସାଙ୍ଗେ ସାଙ୍ଗେ ନିମନ୍ତ୍ରଣ କରି ଅଣାଇବାକୁ ହେବ । କେତେ ଜଣ କହିଲେ ଯେ ସୁସ୍ଥ ସବଳ ସାହିତ୍ୟିକ କେହି ମେଡିକାଲ ଭିତରକୁ ଆସିବାକୁ ରାଜି ହେବେ ନାହିଁ । ଜଣେ କହିଲା—"କିଛି ପରବାଏ ନାହିଁ । ଯେଉଁ ସାହିତ୍ୟିକର ପେଟମରା ଥିବ ଓ ଦେଁଖୁ ହେଉଥିବ ତାକୁ ନିମନ୍ତ୍ରଣ କରିବା ମାତ୍ରେ ଧାଇଁ ଆସିବ । ବେଶି ଖୋଜିବାକୁ ପଡ଼ିବ ନାହିଁ । କାରଣ ଅଧିକାଂଶ ସାହିତ୍ୟିକଙ୍କର ପେଟକୁ ମାରେ" । ଦୁଇଜଣ ଚାଲିଗଲେ ନିମନ୍ତ୍ରଣ କରିବାକୁ ।

ଅଡେ଼ ପୁଣି ଘର ସଜା ହେବ; ଆଉ ସମୟ ନାହିଁ । ଅଧ୍ୟାପନା କୋଠରୀ ବା ଲେକଚର ହଲର ଫାଟକ ଦୁଇ ପାଖରେ ଯୋଡ଼ାଏ କଙ୍କାଳ ବା ସ୍କେଲିଟନ୍ ଠିଆ କରାଗଲା । କଙ୍କାଳଙ୍କର ହାତକୁ ନମସ୍କାର କରିବା ଭଙ୍ଗୀରେ ରଖି ସୂତା ବାନ୍ଧ ଦିଆଗଲା । ମୁଣ୍ଡ ଉପରକୁ ଦୁଇଟା ଜାନୁ-ହାଡ଼ ଛକି ପକାଇ ତା ଆଗକୁ ଗୋଟିଏ ମୁଣ୍ଡ ହାଡ଼ ବା ଖପୁରି ରଖାଗଲା । ତା ତଳକୁ ଲେଖାଗଲା "ସ୍ୱାଗତମ୍" ।

ପାଖରେ ଠିଆ ହୋଇ ଦେଖୁଥିବା କେତେକ ବାହାର ଲୋକ ଖୁଣ୍ଟୁ ଖୁଣ୍ଟୁ ହୋଇ କହୁଥିଲେ—"ଇଏ ପେଟ ଖୋଲି ଯମ ଘରକୁ ସ୍ୱାଗତ କରୁଛନ୍ତି,—କୋଉ ବୋକଡ଼୍ କାଣ୍ଡ କାଣ୍ଡ ତା ଭିତରକୁ ପଶିବ" । ଅବଶ୍ୟ ତାଙ୍କ କଥା ତାହାକୁ ଶୁଭୁ ନ ଥିଲା ।

ଘର ଭିତରଟା ତ ପୁଣି ସଜା ହେବ ! ଲମ୍ବ କାନ୍ଥରେ ବଡ଼ ବଡ଼ ରଙ୍ଗୀନ ଚାର୍ଟ ଛବିସବୁ ଡ୍ରଇଂପିନରେ ମରାଗଲା । ନାଲି ନେଳି ହୋଇ ସେଗୁଡ଼ିକ ବଡ଼ ସୁନ୍ଦର ଦେଖାଗଲା । ମେଟ୍ରନଙ୍କ ଛବିକୁ ରଖିବା ଲାଗି ଗୋଟାଏ ଭଲ ଟେବୁଲ ଦରକାର ପଡ଼ିଲା । ସଙ୍ଗେ ସଙ୍ଗେ ଅପରେସନ କୋଠରୀରୁ ଗୋଟିଏ ଚକ୍ ଲଗା ଟେବୁଲ ଆସିଗଲା । ତା' ଉପରେ ଦୁଇଗଜ ଲମ୍ବା ଶବ ବସ୍ତ୍ର ହେଲା ଓ ତା' ଉପରେ ହାଡ଼ ଯୋଡ଼ା ଦଣ୍ଡା ବା ସ୍ପ୍ଲିଣ୍ଟ୍ ଡିବି ଦିଆହୋଇ ମେଟ୍ରନଙ୍କ ଗୋଟିଏ ଛବି ଥୁଆଗଲା । ସଭାପତିଙ୍କ ପାଇଁ ଗୋଟିଏ ଭଲ ଚଉକି ଦରକାର । ଦାନ୍ତଭଙ୍ଗା ଘରୁ ଦାନ୍ତଭଙ୍ଗା ଚଉକିଟା ଆଣି ଥୋଇ ଦେଲେ । ତା'ପରେ ଟେବୁଲ ଉପରେ ଫୁଲଦାନୀ ଥୁଆ ହେବାପରେ ଭ୍ରୁଣ ସାଇତା ହୋଇଥିବା କେତେଗୁଡ଼ାଏ କାଚର ଜୁମ୍ପ ଆଣି ରଖି ଦେଲେ ।

ସଜ୍ଜାସଜ୍ଜ ସରିନ୍ତି ବି ନାହିଁ, ଦୁଇଜଣ ବନ୍ଧୁତମ୍ପୁଖଶିଷ୍ଟ ଓ ପେଟକୁ ଦୁଇ ହାତରେ ଚିପି ଧରିଥିବା ଜଣେ ସାହିତ୍ୟିକଙ୍କୁ ଘେନିଅସି ପହଞ୍ଚିଗଲେ । ଏତେଶି ତାଙ୍କ ଜଣେ ସାହିତ୍ୟିକ ମିଳିପିବାର କାରଣ ବୁଝି ବୁଝି ଜଣାଗଲା ଯେ ସେ ଦୁଇଜଣ ଯୁବକ ସାହିତ୍ୟିକ ଖୋଜି ଯାଇଁ ଯାଇଁ ଡାକ୍ତରଖାନା ଫାଟକ ପାଖରେ ତାହାଙ୍କୁ ରିକ୍ସାରେ ବସି, ପେଟ ଚିପି ଧରି, ମୁହଁକୁ ଜଣାଣ୍ଡ ଆସୁଥିବାର ଦେଖାଗଲେ । ଆଉ ସହର ଭିତରକୁ ଯିବା ଦରକାର ପଡ଼ିଲା ନାହିଁ । ଦୈବ ଅନୁକୂଳ ହେଲେ ସିନା ଏମିତି ଖାଲେଇ ଭିତରେ ମାଛ ଆସି ଧୁଏଁ ଧୁଏଁ ପଶିଯାଏ ! ପେଟମରା ପାଇଁ ଡାକ୍ତରଖାନାକୁ ସେ ଔଷଧ ନେବାକୁ ଆସୁଥିଲେ, ହାବୁଡ଼ ଗଲେ ଦୁହେଁ ତାଙ୍କ ମାଟକୁ ଯାଉଥିଲେ ବୋଲି କହି ନିମନ୍ତ୍ରଣଟା କରିଦେଲେ । ସେ ବି କଥାଟା ରଖିଲେ—ଭଲ ଔଷଧ ମିଳିବ ବୋଲି ରାଜି ହୋଇ ଦୁହିଁଙ୍କ ସଙ୍ଗରେ ଆସିଲେ ।

ଘର ଭିତରକୁ ପଶୁ ନ ପଶୁଣୁ କଙ୍କାଳ ଓ ଖାପୁରିମାନଙ୍କ ସ୍ୱାଗତ ଦେଖି ସାହିତ୍ୟିକ ଯୁଝିଅରେ ହୃତ୍ପିଣ୍ଡ ହୁବୁଡ଼ିଗଲା । ମନେ ମନେ ଭାବିଲେ "ଅଦ୍ୟ ପ୍ରାତଃରେ କାନିଷ୍ଟଂ ଦର୍ଶନଂ ଜାତଂ" ଯାହା ହେଉ ଭଦ୍ରତା ଖାତିରରେ ସେ ଭାବ ଦମନ କରି ଭିତରକୁ ଗଲେ । ତା ଉପରେ ପୁଣି ଦାନ୍ତ ଓପଡ଼ା ଚଉକି ! ଏ ଚଉକି ସବୁ ଆଗରୁ ଥରେ ସେ ପରିଚିତ ହୋଇଥିଲେ । ଅଲକ୍ଷରେ ତାଙ୍କ ଜିଭଟା ସବୁ ଦାନ୍ତମୂଳ ଠିକ୍ ଅଛି କି ନା ତାହା ପରୀକ୍ଷା କରି ଦେଖିନେଲା । ସେ ଚଉକି ଉପରେ ବସିବାକୁ କୁନ୍ଥୁ କୁନ୍ଥୁ ହେଉଥିଲେ ସୁଦ୍ଧା ବାଧ୍ୟ ତାଡ଼ନାରେ ଟାଣ ହୋଇ ବସିଲେ ।

ଟେବୁଲ ଉପରେ ଫୁଲଦାନୀ ପରି ଥୁଆ ହୋଇଥିବା କାଗ ରୂପମ ସବୁ ଦେଖି ତାଙ୍କ ମୁଟବାକୁ ଟିକିଏ ବେଶି ବଢ଼ିଗଲା ।

ପେଟ ବେଶି ମାରୁଥିବା ଭାବି ଜଣେ ଗରମ ପାଣିର ଥଳି ପେଟ ଉପରେ ଲଦିବାକୁ ଓ ଦୁଇଟା ବଟିକା ଖାଇବାକୁ ଦେଲା । ପେଟ ବେଦନା ଅଳ୍ପ ଊଣା ପଡ଼ିବାରୁ ସେ ଟିକିଏ ଟେକି ଠାକ ହୋଇ ବସିଲେ । ମାମୁଲି ଶ୍ରଦ୍ଧାଞ୍ଜଳିର ସଭା ଆରମ୍ଭ ହୋଇଗଲା ।

ପ୍ରଥମେ ଜଣେ ଡାକ୍ତର ଉଠି ବକ୍ତୃତା ଆରମ୍ଭ କଲେ—"ସଭାପତି ଓ ବନ୍ଧୁବର୍ଗ—ଯେଉଁ ମହାତ୍ମାଙ୍କ ଜୟନ୍ତୀ ଆଜି ପାଳିତ ହେଉଛି ସେ ଓଡ଼ିଶାର ଜଣ ବାଳଘରର ଭଲ ଭାବରେ ଜଣା ଶୁଣା । ଓଡ଼ିଶାରେ ଏପରି ସ୍ଥାନ ଥାଇପାରେ ଯେଉଁଠାରେ କି ଗୋଟିଏ ହେଲେ ଡାକ୍ତର ନ ଥିବେ କିନ୍ତୁ ଏପରି ସ୍ଥାନ ନାହିଁ ଯେଉଁଠି ସ୍ୱର୍ଗତ କବି ଗଙ୍ଗାଧର ମେହେରଙ୍କୁ କିଏ ଜାଣି ନ ଥିବ । ଯେଉଁ ଦିନ ଆଧୁନିକ ପିଣ୍ଡତତ୍ତ୍ୱ ବା ଆନଟୋମିର ଜନକ ମହାତ୍ମା ହେନେରି ଗ୍ରେଇହଲୀଳା ସମ୍ବରଣ କଲେ ସେହିଦିନଠାରୁ ଠିକ୍ ଏକ ବର୍ଷ ଏକମାସ ଚବିଶଦିନ ପରେ କବି ଜନ୍ମଗ୍ରହଣ କଲେ । ଯେଉଁ ଜିଲ୍ଲାରେ ରୌଦ୍ରାଘାତ ବା ହିଟ୍‌ଷ୍ଟ୍ରୋକ୍ ଗ୍ରୀଷ୍ମଦିନରେ ପ୍ରବଳ ଭାବରେ ଦେଖାଦିଏ, ଯେଉଁ ଜିଲ୍ଲାର ପ୍ରସିଦ୍ଧ ଆନାଟୋମି ଅଧ୍ୟାପକ ସ୍ୱର୍ଗୀୟ ସନାତନ ହୋଟାଙ୍କ ଜନ୍ମଗ୍ରହଣ କରିଥିଲେ ସେହି ଜିଲ୍ଲା ଅର୍ଥାତ୍ ସମ୍ବଲପୁର କବିଙ୍କୁ କୋଳରେ ଧରି ଧନ୍ୟ ହୋଇଥିଲା । ବାଲ୍ୟ କାଳରେ ସୁଷମ ଖାଦ୍ୟର ଅଭାବ ହେତୁ ତାଙ୍କର ଶରୀର ପୁଷ୍ଟ ନ ଥିଲା । ଜୀବନୀକ 'ଘ' ବା ଭିଟାମିନ୍ 'ଡି'ର ଅଭାବ ବିଶେଷ ଭାବରେ ପରିଲକ୍ଷିତ ହୋଇଥିଲା । ଏହିହେତୁ ଚୂନାଭାବ ବା କ୍ୟାଲ୍‌ସିଅମ୍ ଡିଫିସିଏନ୍‌ସି ହୋଇଥିବା ସମ୍ଭବ । ପିଲାଦିନେ ଖେଳୁ ଖେଳୁ ସେ ଥରେ ପଡ଼ି ଯାଇଥିଲେ । ଅଳ୍ପ ଆଘାତରେ ସୁଦ୍ଧା ତାଙ୍କର ହାଡ଼ର ଅସ୍ଥି ଭଙ୍ଗି ଯାଇଥିଲା । ଏହା କ୍ୟାଲ୍‌ସିୟମ୍ ଡିଫିସି ଏନ୍‌ସି ନ ହେଁ ତ ଆଉ କଅଣ ? ଯୁବାବସ୍ଥା

ବେଳକୁ ତାଙ୍କର ଶରୀର ଠିକ୍ ହୋଇ ଆସିଥିଲା । ପ୍ରାକୃତିକ ନିୟମମାନ ପାଳିବାରୁ ଶରୀର ବେଶ୍ ସୁସ୍ଥ ହୋଇ ଆସିଥିଲା । ଅଧିକ ସମୟ ବୟନ କାର୍ଯ୍ୟରେ ଲିପ୍ତ ରହୁଥିବାରୁ ତାଙ୍କର ମେରୁଦଣ୍ଡର ବକ୍ରତା ସାମାନ୍ୟ ବଢ଼ିଥିଲା । ପରେ ତାକୁଡ଼ରେ ତାଙ୍କ ଅଙ୍ଗୁଠି ଫୁଟି ଯାଇ ବିଷାକ୍ତ ବା ସେପ୍‌ଟିକ୍ ହୋଇଗଲା—"

ଏହି ସମୟରେ ଜଣେ ଚୁଙ୍ଗୁଚୁଙ୍ଗିଆ ଛାତ୍ର ଉଠି ପଡ଼ି କହିଲା —"ତାହିଁ, ପେନ୍‌ସିଲିନ୍ ଇଞ୍ଜେକ୍‌ସନ୍ ଦେଲେ ନାହିଁ ? ନ ଦେଲେ ସଲ୍‌ଫୋନାମାଇଡ୍ ଅନ୍ତତଃ ଖାଇବାକୁ ଦେଇ ପାରି ଥାଆନ୍ତେ ।"

ପୂର୍ବ ବକ୍ତା କହୁ ଲାଗିଲେ—

"ସେତେବେଳେ ଏହି ଦୁଇଟି ବିଖ୍ୟାତ ଔଷଧ ଆବିଷ୍କୃତ ହୋଇ ନ ଥିଲା । ଯାହା ହେଉ, ଦେହର ପ୍ରତିରୋଧ ଶକ୍ତି ଓ ଟୁଟୁକା ଟୁଟ୍‌କାରେ ସେ ଆରୋଗ୍ୟ ଲାଭ କରିଥିଲେ । ପରେ ତାଙ୍କର ଘର ପୋଡ଼ିଗଲା । ନିଆଁ ଲିଭାଇବାକୁ ଯାଇ ତାଙ୍କ ଶରୀର ବହୁ ଜାଗାରେ ପୋଡ଼ି ଯାଇଥିଲା ।"......"

ସେହି ଚୁଙ୍ଗୁଚୁଙ୍ଗିଆ ପୁଣି ଉଠିପଡ଼ି କହିଲା, "ଟ୍ୟାନିକ୍ ଏସିଡ୍ ମଲମ ବା ଜେଲି ଦିଆ ହୋଇଥିଲା ତ ?"

ପୂର୍ବବକ୍ତା କହିଲେ—"ନା, ସେହି ସମୟରେ ଟ୍ୟାନିକ୍-ଏସିଡ୍ ବାହାରିଥିଲେ ସୁଦ୍ଧା ପୋଡ଼ା ଘାଆରେ ତାର ଉପକାରିତା କେହି ଜାଣି ନ ଥିଲେ । ରନ୍ଧା ନଡ଼ିଆତେଲ ଦ୍ୱାରା ତାଙ୍କର ସମସ୍ତ ପୋଡ଼ା ଘାଆ ଭଲ ହୋଇଗଲା । ଏଥି ପାଇଁ ତାଙ୍କ ପିତା ଚୈତନ ଦେବ ଓ ମାତା ସେବତୀ ଦେବୀ ଅତ୍ୟନ୍ତ କାତର ହୋଇ ପଡ଼ିଥିଲେ । ୧୩୦୬ ସାଲ ଉତ୍କଳ ସାହିତ୍ୟ ୭ମ ସଂଖ୍ୟାରେ ସେ "ଏହାଙ୍କ ପୃଥିବୀର ଶବ୍ଦ" ଶୀର୍ଷକ ଏକ ପ୍ରବନ୍ଧ ଲେଖିଥିଲେ । ତାଙ୍କ

କାନକୁ ଭେଁ ଭେଁ ଶବ୍ଦ ହେଉଥିବାରୁ ସେ ଭ୍ରମ ବଶତଃ ଏପରି ଲେଖିଥିଲେ । ମୁନୀନାଂଚ ମତି ଭ୍ରମ । ତାଙ୍କର ଏପରି କାନ ଭେଁ। ଭେଁ। ହେବା ସ୍ନାୟବିକ ଦୌର୍ବଲ୍ୟର ଲକ୍ଷଣ । ଯାହାହେଉ କାଳର ଘାତ ପ୍ରତିଘାତ ମଧ୍ୟରେ ତାଙ୍କର ଶରୀର ୪ । ୪ । ୧୯୨୪ ପର୍ଯ୍ୟନ୍ତ ଜୀବନ ସଂଗ୍ରାମରେ ଲିପ୍ତ ଥିଲା । ସେହିଦିନ ଓଡ଼ିଶାବାସୀ ଜାଣିଲେ ଯେ ତାଙ୍କର ନମସ୍ୟ କବି ଆଉ ନାହାନ୍ତି ।"

ଶ୍ରୋତାଙ୍କ ଭିତରୁ ଗୁଞ୍ଜନ ଉଠିଲା "ଏଁ । କଅଣ ହୋଇଥିଲା ତାଙ୍କର, କିପରି ସେ ମରିଗଲେ ?"

ବକ୍ତା କହିଲେ—"ସେହିଠାରେ ଇତିହାସ ଅଶ୍ରୁ ପକାଉଛି । ଗୋରାମାନେ ସେ ସମୟର ଶାସକ ଥିଲେ । ଆମ ଦେଶର କବି-ମାନଙ୍କୁ ଖାତିର କରୁ ନ ଥିଲେ । ଯଦି ସେଠାରୁ କୌଣସି ଡାକ୍ତର ପଠାଇ ଥାଆନ୍ତା ତେବେ ହୁଏତ କବି ଆହୁରି ଦଶବର୍ଷ ବଞ୍ଚି ରହି ଥାଆନ୍ତେ । କିନ୍ତୁ କ୍ୱାକ୍‌ମାନେ ଅର୍ଥାତ୍ ଗାଉଁଲି ଅଶିକ୍ଷିତ ବୈଦ୍ୟମାନେ ସବୁ ସାରିଦେଲେ । ତାଙ୍କର କଅଣ ହୋଇଛି ତାହା ଜାଣି ପାରିଲେ ନାହିଁ । ଡାଇଗୋନସିସ୍ ହୋଇ ପାରିଲା ନାହିଁ । ଚିକିତ୍ସା ଯାହା ହୋଇଥିବ ତାହା ସହଜରେ ଅନୁମେୟ । କ୍ୱାକ୍‌ମାନେ ତାଙ୍କୁ ଖାଇଗଲେ ।"

"ସେମ, ସେମ୍" ବୋଲି ଶ୍ରୋତାଙ୍କ ଭିତରୁ ଚିତ୍କାର ଉଠିଲା । ଜଣେ କହିଲେ "ଆଜିକାଲି ହୋଇଥିଲେ ସେ କ୍ୱାକ୍-ମାନଙ୍କୁ ଫାଶିକାଠରେ ଝୁଲାଇ ଥାଆନ୍ତେ, ସେ ସମୟର ଶାସକ-ମାନଙ୍କୁ ଧିକ୍ !"

ଗୋଳମାଳ ଭିତରେ ସେ ବକ୍ତା ବସି ପଡ଼ିବାରୁ ଅନ୍ୟଜଣେ ଉଠିଆ ହୋଇ କହିଲେ—"କ୍ଲୋରୋଫର୍ମର ବାଷ୍ପ ଯେପରି ଅତି ଶୀଘ୍ର ଲୁଚିଆସେ ଗୋଟେଲଇ ହୋଇଯାଏ ମହାକବି ମେଘେରଙ୍କର

କବିତାର ମାଧୁରୀ ଓ ଭାଷାସୌଷ୍ଠବ ସେଥିପାଇଁ ଗୌଣ ହୋଇ ଯାଇ-ଥିଲା । କେବଳ ସେତିକି ନୁହେଁ, କବିତାର ଆମୋଦ କ୍ଲୋରୋଫର୍ମ ବାଷ୍ପ ପରି ସମସ୍ତଙ୍କୁ ଅଭିଭୂତ କରି ପକାଇ ଥିଲା । ଜିଭରେ ଟିକିଏ ସାକାରିନ୍ ମାରିଦେଲେ ମିଷ୍ଟତା ଯେପରି ଦୀର୍ଘକାଳ ଧରି ଅନୁଭୂତ ହେଉଥାଏ, ସେହିପରି ମେହେରଙ୍କ କବିତା ପଢ଼ିଲେ ତାର ମଧୁରତା ବହୁ ସମୟ ଯାଏ ମନରେ ଲାଗି ରହୁଥାଏ । ତାଙ୍କର 'ପ୍ରଣୟବଲ୍ଲରୀ' କାବ୍ୟ ଠିକ୍ ଅଫିମ ପରି । ବାରମ୍ବାର ପଢ଼ିବାକୁ ଇଚ୍ଛା ହୁଏ । ଗୁଣ ହୁଏନା । ଏଥିରେ ଯେଉଁ ସ୍ଥାନଟିରେ ଶକୁନ୍ତଳା ଓ ଶାପଗ୍ରସ୍ତ ଦୁଷ୍ମନ୍ତଙ୍କ ଭେଟ ବର୍ଣ୍ଣିତ ହୋଇଅଛି ତାହା ଜାଇନମ୍ ଗାଲ୍‌ସାଇ ପରି ଆକର୍ଷଣୀୟ । ଆପଣମାନେ ଜାଣିଥିବେ ଜାଇନମ୍ ଗାଲ୍‌ସାଇ ପ୍ରଥମେ ଉତ୍ତେଜନା ଓ ପରେ ଅବସାଦ ଆଣିଦିଏ । ଶକୁନ୍ତଳାଙ୍କର ପତି ଗୃହକୁ ଗମନ ଓ ପତିଙ୍କର ତାଙ୍କୁ ପ୍ରତ୍ୟାଖ୍ୟାନ ସେହିପରି ହୋଇ ନାହିଁ କି ? ଶକୁନ୍ତଳାଙ୍କ ପାଖରେ ଥିବା ପ୍ରିୟମ୍ବଦା ଓ ଅନସୂୟା ଠିକ୍ ଆମ ଗାଇନାକୋଲଜିଷ୍ଟଙ୍କ ପାଖେ ଦୁଇଟି ନର୍ସଙ୍କପରି ଦେଖାଯାନ୍ତି । ଗୋଟିଏ ବିଷୟ ଛାଡ଼ି ଦେଲେ କାବ୍ୟଟି ସର୍ବାଙ୍ଗ ସୁନ୍ଦର ହୋଇଛି । ଅରଣ୍ୟ ବର୍ଣ୍ଣନା ଭଲ ହୋଇଛି ସତ କିନ୍ତୁ ପାତାଳଗରୁଡ଼, ସିଙ୍କୋନା, କୋଚିଳା, ଛତିଅନା, ଶତମୂଳୀ, ସୋନାମୁଖି ଇତ୍ୟାଦି ହଜାର ହଜାର ବନୌଷଧିର ବର୍ଣ୍ଣନା କୁତ୍ରାପି ଦେଖାଯାଏ ନାହିଁ । ଅଥଚ ଏ ମୂଲ୍ୟବାନ ଔଷଧଗୁଡ଼ିକ ଆମ ବଣରେ ଭର୍ତ୍ତି ହୋଇ ରହିଅଛି । ଏହାଛଡ଼ା ମେହେରଙ୍କ ବିରୁଦ୍ଧରେ ଆଉ କିଛି କହିବାକୁ ନାହିଁ ।"

ସେ ବକ୍ତା ବସି ନ ବସୁଣୁ ଆଉ ଜଣେ ଉଠିପଡ଼ି ଆରମ୍ଭ କରିଦେଲେ:—

କବିଙ୍କର 'ତପସ୍ୱିନୀ' ବଡ଼ ମର୍ମନ୍ତୁଦ । ବୋମାଇଡ୍ ପରି ଅବସାଦକ । ବେଶି ପଢ଼ିଲେ ମେଲାନ୍‌କୋଲିଆ ହୋଇ ଯାଇ-ପାରେ । ତାଙ୍କର 'ଭାରତୀ-ଭାବନା' କିନ୍ତୁ ବଡ଼ ଚମତ୍କାର । ସେ ସମୟର ବ୍ରିଟିଶ ଶାସକମାନଙ୍କୁ ଏହା ଠିକ୍ ଡାଇନାମାଇଟ୍ ପରି ଲାଗିଥିଲା । ଏଥିପାଇଁ ସେମାନେ ମଧ୍ୟ କବିଙ୍କୁ ପକଡ଼ି ଥିଲେ । କିନ୍ତୁ ଭାଇନ୍‌ସ ଇପିଭାକ୍‌ର ଦ୍ୱିବିଧ କ୍ରିୟା ଥିଲାପରି ଛନ୍ଦରେ ଦ୍ୱିବିଧ ଅର୍ଥ ଥିବାରୁ କବି ଅଳ୍ପକେ ରକ୍ଷା ପାଇଗଲେ ।

କବି ସେମାନଙ୍କୁ ଠିଆ ଗତା ଲଗାଇ ଦେଇ ଥିଲେ । ଧାନ, ମୁଗ, ରହଡ଼, ପାନ ଇତ୍ୟାଦି କୃଷିଜାତ ଦ୍ରବ୍ୟମାନଙ୍କ ବିଷୟରେ କବି ଲେଖିବା ଦ୍ୱାରା ସ୍ୱୀୟ ଉଦ୍ଭିଦ-ପ୍ରିୟତାର ପରିଚୟ ଦେଇ ଅଛନ୍ତି । କିନ୍ତୁ ଦୁଃଖର କଥା, ସେ କୌଣସି ପ୍ରକାର ଔଷଧ ଗଛ ବିଷୟରେ କିଛି ଲେଖିଲେ ନାହିଁ । କୃଷକମାନଙ୍କର ଅତି ପରିଚିତ ମୁଥା ସମ୍ବନ୍ଧରେ ଅନ୍ତତଃ କିଛି ଲେଖିବା ଉଚିତ ଥିଲା । ମୁଥା ଗୋଟିଏ ଅତି ଉପାଦେୟ ଔଷଧ ।"

× × × ×

ଅଡ଼େ ବକ୍ତୃତା ଚାଲିଥାଏ । ସାଡ଼େ ସନ୍ତପ୍ତ ମନରେ ପ୍ରାର୍ଥ-ଥାନ୍ତି—ହେ ଭଗବାନ୍, ଏହି ଔଷଦ ମୋଷଦରୁ କବି ରକ୍ଷାପାଇ ଯାଆନ୍ତୁ । ତାଙ୍କ ଦେହରେ ଏ ଡାକ୍ତରି ଛୁଆଙ୍କ ଛୁରି ଯେପରି ନ ବାଜୁ । ସଭା ଶେଷରେ ସେ ବକ୍ତୃତା ଦେଲେ—

"ସାହାନବିଶ ଅପଣଙ୍କର ଦୃଷ୍ଟି ସାହିତ୍ୟର ଯେଉଁ ଅଂଶରେ ପଡ଼ନ୍ତୁ ତାହା ଡାକ୍ତାରି ଆଖିରେ ପଡ଼ି ନଥିଲା । ସାହିତ୍ୟରେ ଯଦି କେଉଁଠାରେ କିଛି ଘାଆ ହୁଏ ତେବେ ଅପଣମାନେ ନିଶ୍ଚୟ ତାକୁ ଲୋସନ୍ ପାଣିରେ ଧୋଇ ଗଜ୍ ବ୍ୟାଣ୍ଡେଜରେ ବାନ୍ଧି ଦେବେ, ଏଥିରେ ମୋର ଅଳ୍ପ ସନ୍ଦେହ ନାହିଁ । ଏହି ଯେଉଁ ପେଟମସ୍ତ

ମୋତେ ସାହିତ୍ୟ-ଚର୍ଚ୍ଚାରେ ବାଧା ଦେଉଛନ୍ତି ତାହା କଥା ଟିକିଏ ଛଣିଲ ବୁଝନ୍ତୁ !"

× × × ×

ସଭାପତି ଷ୍ଟ୍ରେଚର୍‌ରେ ମେଡ଼ିକାଲ ଓ୍ୱାର୍ଡ଼କୁ ବୁହାହୋଇ ଯିବାପରେ ସଭା ଭଙ୍ଗ ହେଲା ।

# ଆଧୁନିକ କାବ୍ୟଯୁଗର ପ୍ରତିଷ୍ଠା

ଗଞ୍ଜା କବିମାନଙ୍କ ମଧ୍ୟରେ ସେଦିନ ଭାରି ଉତ୍ତେଜନା ଦେଖାଯାଇଥାଏ । ପ୍ରାୟ ସମସ୍ତେ ମନରେ ଆଶା କରି ଥାଆନ୍ତି ଯେ ସେମାନେ କଳେ, ବଳେ, କୌଶଳେ ଅଲବତ ନୂତନ କାବ୍ୟ ଯୁଗର ପ୍ରତିଷ୍ଠା ତୁରନ୍ତ କରିବେ । ଆଉ ଟିକିଏ ହେଲେ ଡେରି ବରଦାସ୍ତ କରାଯିବ ନାହିଁ । ମୂଳଦୁଆଟା ସେହିଦିନ ନିଶ୍ଚୟ ପଡ଼ିବ ବୋଲି ସ୍ଥିର ହୋଇଥାଏ ।

ଜଣେ ଶୁଆ ନାକୁଆ କହୁଲେ ଦେଖ ହୋ, କି ଆଶ୍ଚର୍ଯ୍ୟ କଥା, ଗୋଟାଏ ଯୁଗ ସରିବାକୁ ବସିଲା, ସେହି ଭଞ୍ଜ କବିସୂର୍ଯ୍ୟ, ରାଧାନାଥ କବି ଆସନକୁ ମାଡ଼ି ବସିଥିବେ । କେବେଠୁ ମଲେଣି, ତେବେ ବି ସେମାନଙ୍କର ଛୁଡ଼ ଆସନ ଛାଡ଼ୁନାହାନ୍ତି । କି ଲଜ୍ଜାର କଥା । ବାହାରର ଲୋକେ କାହୁଁକି ବା ନ କହିବେ ଯେ ଓଡ଼ିଶାରେ

ଆଉ କବି ଜନ୍ମ ହେବେ ନାହାନ୍ତି । ନା, ନା ଏ ଭଞ୍ଜ, କବିସୂର୍ଯ୍ୟ ରାଧାନାଥଙ୍କୁ ଜବରଦସ୍ତ ତଡ଼ିବା । ଓଡ଼ିଆଙ୍କ ମୁଣ୍ଡରେ ସେମାନଙ୍କର ଯେଉଁ ଭୂତ ସବାର ହୋଇଛନ୍ତି ତାକୁ ତଡ଼ାଇଦେବା । ତା'ହେଲେ ନୂତନ ଯୁଗର ପ୍ରତିଷ୍ଠା ସ୍ୱତଃସ୍ଫୂର୍ତ୍ତରେ ହୋଇଯିବ ।

ଜଣେ ହାଓ୍ୱାଇନ୍ ବାଲ୍ କବି କହିଲେ, "ଯେଉଁମାନେ ସେ ପୁରୁଣା କାବ୍ୟର ଚର୍ଚ୍ଚା ଚଳାଉଅଛନ୍ତି ତାଙ୍କ ଘରକୁ ଯାଇ ସବୁ ଅଧିଆ ବୋଲ୍‌ଅ ଫୋପାଡ଼ିବା; ତାଙ୍କ ଫଟୋ ଯେଉଁଠି ଦେଖିବା ସେଠାରୁ ଚୋରି କରି ଆଣି ଶବସ୍ତୂର ଦେବା । ବୋଲ୍‌ଅକୁ ତ ମହାଦେବ ଡରନ୍ତି, ସେମାନେ କବା ଛାର । ପୁରୁଣା କବିଙ୍କୁ ଲୋକେ ଶୀଘ୍ର ଭୁଲିଯିବେ । ଠିକ୍ ଏତିକିବେଳକୁ ଆମେ ନୂଆ କାବ୍ୟ ଯୁଗର ମୂଳଦୁଆ ପକାଇ ଦେବା ।"

ଜଣେ ଟହାମୁଣ୍ଡିଆ କବି ଡ଼ମା ଡ଼ମା ଆଖି ନାଚି କହିଲେ— "ସେ ସବୁ ଠିକ୍ ନୁହେଁ । ଖବରଦାର ବୋଲ୍‌ଅ ନାଁ ଧରନା । ଲର୍ଡୋପଙ୍କ ମୁଣ୍ଡରେ ପଡ଼ିପାରେ । ତାହାଙ୍କ ଅମର ଝଅଣ ଅନ୍ୟ କବିମତ ନାହିଁ । ଆମର ନୂତନ କାବ୍ୟ ଯୁଗ ଉଦୟ ହେଲେ ' ଅନ୍ଧାରୁଆ ପୁରୁଣାଯୁଗ ଲୁଆଡ଼େ ଲୁଚିଯିବ । ଗୁଳ ବର୍ତ୍ତମାନ ଆଟ ନୂତନ କବିତା ଲେଖା ଆରମ୍ଭ କରିଦେବା ।"

ବିଲି ପଞ୍ଜାବବାଲା ଜଣେ କବି ଉଠି କହିଲେ 'ଏସବୁ ବାବଣ୍ଡ ବେଳରେ ଘଣ୍ଟି ବାନ୍ଧିଲା ପରି ହେଉନାହିଁ କି ? ସବୁ ଅଡ଼କୁ ସିନା ନଜର ଦେଲେ ହେବ । ସେ ପୁରୁଣା କବିମାନେ ସିନା ମରି ଯାଇଅଛନ୍ତି ତେଣୁ ଆମ ଲୋକେ ଭୁଲିଯାଇ ପାରନ୍ତି, କିନ୍ତୁ ଏ ଯେଉଁ ମାନସିଂହ, ଗଡ଼ନାୟକ, ନିତ୍ୟାନନ୍ଦ, ସ୍ୱରଭସ୍ୱ ସ୍ୱରୂ ମହାତ୍ମା ଫାଟେଷ୍ଟ ପରି ଠିଆ ହୋଇଅଛନ୍ତି, ତାଙ୍କୁ କପରି ତେଇଁବ । ଏ ସୁରକଣ ଥିବା ପର୍ଯ୍ୟନ୍ତ ଆମକୁ ସୁଣିବ କିଏ ?

ଏମାନେ ତ କହନ୍ତୁ ବୁଢ଼ା ହଡ଼ା ହୋଇଅଛନ୍ତି ସେ ଧନ କେନ୍ଦ୍ରଂଟାରେ ଆମର ସ୍ୱର୍ଣ୍ଣଯୁଗ ଆସିଯିବ ।”

ଜଣେ ଝାମ୍ପୁରା ମୁଣ୍ଡିଆ ଚେଙ୍ଗାଭଳ ସ୍ୱରେ କହିଲା—“ଅଃ, ଏଇଥିପାଇଁ ଏତେ ଚିନ୍ତା । ସୁବର୍ଣ୍ଣର ପୋଟାସିଅମ୍ ସାଇନାଇଡ୍ ରେ ସୁବର୍ଣ୍ଣଯୁଗ ସଫା ହୋଇଯିବ । ଘରକୁ ଡାକ ସୁହାରେ ଗୋଟେଲଇ ଦେଲେ ହେଲା । ତୁମ୍ଭେମାନେ ଜାଣିନାହଁ, ପ୍ରହ୍ଲାଦଙ୍କ କେମିତି ଶବାସ୍ତ୍ର ନେଲେ ।”

ଶବ୍ଦକୁ ଉଠି ଜଣେ ଥାଳୁଆ ପାଟି ଭଦ୍ର ଉଠିଲେ—‘ସ୍ୱମ, ସ୍ୱମ, ସ୍ୱମ ପାପକଥା ଗୁଡ଼ାକ, ଏ କଥା ତୁଣ୍ଡରେ ଧରିବା ଉଚିତ ନୁହେଁ । ଆରେ ବାବୁ, ଏତେ ଦୂରକୁ ଯିବାର ଦରକାର କଅଣ । ଆମ୍ଭେମାନେ ପଦାକୁ ବାହାରି ପଡ଼ିଲେ ସେ ସୁବର୍ଣ୍ଣଯୁଗ ସୁଁ ସୁଁ କୁଅଡ଼େ ଯାଇ ଲୁଚିଯିବେ । ଜାଣିଥିବତ ମୁନି ଋଷିମାନେ କିପରି ସଂସାରର ଗଣ୍ଡଗୋଳକୁ ଡରି ଗୁମ୍ଫାରେ ଅଶ୍ରୟ ନିଅନ୍ତି; ଆମେ ଟିକିଏ ଗଣ୍ଡଗୋଳ ହୋରସୋରରେ କରିଲେ ହେଲା ।’’

କେତେଜଣ “ହଁ ହଁ ଠିକ୍ ଠିକ୍ ଏଇଆ କରାଯାଉ” କହିଲେ । କଥାଟି ବା ଅଧିକାଂଶଙ୍କର ମନକୁ ପାଇଲା ପରି ଜଣାଗଲା । ତାପରେ ମୁକଳୁଆ କିପରି ପଡ଼ିବ ସେ ସମ୍ପର୍କରେ ଚର୍ଚ୍ଚା ଚାଲିଲା ।

ଜଣେ ଚୁଙ୍ଗଚୁଙ୍ଗିଆ ଆରମ୍ଭ କଲା ‘ଆଜି ଆମ ନୂତନ କବିତାର ବରା'ଟାଏ ସ୍ଥିର ଏଠାରେ ଗଢ଼ାଯାଉ । ଏଇଟା ନିତାନ୍ତ ଦରକାର । କାରଣ ଅଜସ୍ର ସଂଖ୍ୟାରେ ନୂଆ କବିତାର ପ୍ରସ୍ତୁତକରଣ ପାଇଁ ସ୍ଥିରର ଆବଶ୍ୟକତା ଅତି ବେଶି । ସମସ୍ତଙ୍କୁ ସୁବିଧା ନହେଲେ ଅଜସ୍ର ସଂଖ୍ୟାରେ କବିତା ଲେଖା ହୋଇ ପାରିବ ନାହିଁ । ଏ ଯୁଗରେ ସଂଖ୍ୟା ହେଉଛି ଆସଲ । ଗଣତାନ୍ତ୍ରିକ

—ଏ ଶବ୍ଦ ସବୁ କେଉଁ ଗ୍ରନ୍ଥରୁ ମିଳିବ ?—ସେମିତିଆ ଗ୍ରନ୍ଥ କିଛି ତ ଆଖି ଆଗରେ ପଡ଼ୁନି—

—ନା ନା ଭାଇ ଗ୍ରନ୍ଥ ନାହିଁ, ଏ ଶବ୍ଦ ସବୁ କମ୍ୟୁନିଷ୍ଟ ସଭା, ଶୋଭାଯାତ୍ରାରୁ ଟିପି ସଂଗ୍ରହ କରିବାକୁ ହେବ—

—ଏବେ ଅନ୍ତ ସଂଗ୍ରହ କରିବା ଅପେକ୍ଷା ଏଇଠି ଗୋଟାଏ ତାଲିକା ତିଆରି କରିଦେବା ଓ ସମସ୍ତଙ୍କୁ ଏହି ତାଲିକାରୁ ଖଣ୍ଡେ ଖଣ୍ଡେ ଟିପି ଦେଇ ଦେବା । ପରିଶ୍ରମ ଅନେକ କମିଯିବ—

—ଠିକ୍ ଠିକ୍, ଏହାହିଁ ହେଉ । ଅଚ୍ଛା ଯେଉଁ ସବୁ ବହି ବହିଗଲା ତା ଭିତରୁ ଭଲ ଶବ୍ଦ ସବୁ ଡାକ, ମୁଁ ଲେଖୁଛି । ଆଉ ତୁମର ଏ ଟିପା ଖାତାରେ କମ୍ୟୁନିଷ୍ଟ ଶବ୍ଦ ସବୁ ଅଛି, ତାକୁ ବି ଡାକ ।

ଜଣେ ଦି'ଜଣ ଡାକିଲେ ଓ ତାଲିକାରେ ଲେଖା ହେଲା—ବେଦନା, ଅଶ୍ରୁ, ଦିଗନ୍ତ, ସୀମାହୀନ, ଓରେ, ସର୍ପିଳ, ଜ୍ୱର, ମିଥ୍ୟା, ଝଡ଼, ଦୁରନ୍ତ, ଫାଲ୍ଗୁନ, ବନ୍ଧ୍ୟା ଭି, ଓନ୍, ସର୍ବହରା, ନିଷ୍ପେଷିତ, ବୁଭୁକ୍ଷୁ, ପିଶାଚ, କଙ୍କାଳ, ଟାଇଫୁନ୍, ଯୁଅରେଷ୍ଟ୍ର, ଘୃଣ୍ୟ ସାଇବେରିଆ, ଟେଲିଗ୍ରାମ, ରକ୍ତପ୍ଲାବିତ—ଇତ୍ୟାଦି, ଇତ୍ୟାଦି ।

ତା'ପରେ ଉପମାର ପ୍ରଶ୍ନ ଉଠିଲା । କଥା ହେଲା ମରହଟ୍ଟି ଉପମା ସବୁ ଏକାବେଳେକେ ବାଦ୍ ଦିଆଯିବ । ତା ପରିବର୍ତ୍ତେ ଏକାବେଳେକେ ନୂଆ ଜିନିଷ ଦିଆଯିବ ଯାହାକୁ କି କେହି କେବେ କଳ୍ପନା କରି ନଥିବେ । ଉପମାର ବି ତାଲିକା କରାଗଲା—ଅଲ୍କାତରା ପରି ଗତ, ଚନ୍ଦ୍ର ପରି ଧନ, ଟିଣ ପରି ଜହ୍ନ, ଦେଓ୍ୱର ଘୋଡ଼ଣୀ ପରି ସୂର୍ଯ୍ୟ, ଓଲଅ ପରି ପୃଥିବୀ ଅଡୁଆ ବାଳ ପରି

ଲୁଣ, ପଇତା ପରି ନଈ, ଗ୍ଳୁଡ଼ମେଦ ପରି ପର୍ବତ, ବ୍ଲାଷ୍ଟ ଫରନେଂ ପରି ଗରମ, ଇଥିଲ୍ କ୍ଲୋରାଇଡ଼୍ ପରି ଥଣ୍ଡା ଇତ୍ୟାଦି ।

ତାପରେ ସମସ୍ତଙ୍କର ପରାମର୍ଶ ନିଆଯାଇ ନିମ୍ନଲିଖିତ ନମୁନାଟି କବିତାଟି ଲେଖାଗଲା ।

ପ୍ରିୟା, ପ୍ରିୟା, ପ୍ରିୟା, ପ୍ରିୟା
ହୃଦୟରେ ଅତୀବ ବେଦନା ଉଠି ଉଠି ଉଠୁଛି
ଅଶ୍ରୁ ବର୍ଷଣ ସଡ଼ ସଡ଼ ହୋଇ ଗଳୁଛି

× × × ×

ତରଳ ହୃଦୟ ଫାଟିବା ଉପରେ
ଏ ଜୀବନଟା ଗଲା କୋଳାହଳ
ଏଥର ଚାଲ ସଙ୍ଗି ଚାଲ ଟେଁଲ ଚାଲ
ଚାଲ ସେହି ସୀମାହୀନ ପାର୍ବଳକୁ
ମରଣର ସର୍ପିଳ ପଥ ବନ୍ଧାସ୍ତ୍ର ହୋଇ
ସୃଜିଅଛି ଅଲଭାତର ପରି ପଥ
ତାକୁ ଦେଖିବା ଉପରୁ ସେ ଜାଣିପ
ନା ନା ତୁ ହୋ ଘୃଣ୍ୟ ସଇତାନ
ଧରା ପଡ଼ିଲଣି ସବୁ ଜାଲ ଫିସାଦ
ଚୁନପରି ଧନ ଅଳବତ ଅସିବ
ରକ୍ତ ପ୍ରଭାତ ଦେଖି ଅବନ୍ତ୍ରୀ ଖବରଦାର
ଡନ୍ ନଦୀର ବାଟେଙ୍କ ଟାଇଫୁନ
ସାଇବେରିଆରେ ଉତ୍ତପ୍ତ ନିଶ୍ୱାସ
ବ୍ଲାଷ୍ଟ ଫର୍ନେସ ପରି ଲେଲିହାନ
ଇଥିଲକ୍ଲୋରାଇଡ ପରି ଶୀତଳ
ଭବିଷ ନିମିଷକେ ଅଟାମୀ ଶତାବ୍ଦୀ

ମନ ଗହନର ଉଟଲ ଜଟିଳ ବନାନୀ
ଅଭ୍ରୂଅ ବାଳପର; ଡେଙ୍ଗର ଟଗାଡଣୀ
ଷଢ ସୂର୍ଯ୍ୟ; ପୁଞ୍ଜି ପଢର ଦଲାର ପର
ଶୋଷିନିଏ ଜନତା ପର ସମୁଦ୍ରର ପାଣି
ଷଇତାପର ନଦୀରେ ବୋହୁଯାଏ ସବୁ
ଲାଭ ଗୌରବ ସାକ୍ଷୀ ସ୍ଫୀତମେଦ ପଶ ଢଂଡ
ପ୍ରିୟା, ପ୍ରିସ୍ତା, ଫିଙ୍ଗିଦିଅ ଭ୍ରୂମନ୍ତ ଓଢଣା
ବାଞ୍ଛକଣ୍ଠୁ ସର୍ବହରାର କ୍ରାନ୍ତି ନାଦ

ତାଳିତା ଛପାଛାଇ ସମସ୍ତଙ୍କ ମଧ୍ୟରେ ବଣ୍ଟା ହେବାର ସ୍ଥିର କରାଗଲା। ଅଧୁନାଭ କବିତା ଜିନ୍ଦାବାଦ, ମରହଟ୍ଟି କବିତା ମୁର୍ଦାବାଦ, ଭଞ୍ଜ, ରାଧାନାଥ ଗୁଣ୍ଡା ହେଁ, ଭ୍ରଷ୍ଟେ ମତ୍, ଭ୍ରଷ୍ଟେଲି ମତ୍; ମାୟାଧର କୋ ଲାଠ୍ ଦୋ, ଗଢ଼ନାୟକ କୋ ଫାଶିଆ ଦୋ, ଶଚୀନନ୍ଦ କୋ ଜୁତା ଦୋ, ରାଉତରାୟ କୋ ନିକାଲ ଦୋ ଇତ୍ୟାଦି ଧ୍ୱନି ଭିତରେ ସଭା ଭଙ୍ଗ କରାଗଲା ।

# ଭାଲୁ ଛବି

ସନ୍ଧ୍ୟା ହେବା ଉପରେ । ଜଣେ ଦ'ଜଣଙ୍କୁ ଛାଡ଼ି ପ୍ରେସର ଅନ୍ୟାନ୍ୟ କର୍ମଚାରୀମାନେ ସେ ଯୁଅଡ଼େ ପଳେଇଲେଣି । ଉଷଭ କାଗଜର ସମ୍ପାଦକଙ୍କୁ କାମ କରୁ ଛାଡ଼ୁନାହିଁ । ଆସନ୍ତା ସଂଖ୍ୟା ପାଇଁ ବସ୍ତବସ୍ତରେ ସେ ଲଗି ପଡ଼ିଛନ୍ତି । ଆଗରେ ବସ୍ତାଣ ସବୁ ଥୁଆ ହୋଇଛନ୍ତି । ଗଳ୍ପ, ପ୍ରବନ୍ଧ, ଏକାଙ୍କିକା ଆଦି ବସ୍ତାଣ ସବୁ ନଅଙ୍କଅଙ୍କ ପରି ଜୀର୍ଣ୍ଣଶୀର୍ଣ୍ଣ ହୋଇ ପଡ଼ିଥିବାବେଳେ କବିତା ବସ୍ତାଣଟା ମଠ ମହନ୍ତ ପରି ଫାଟେ କି ନ ଫାଟେ । ଏହି ବସ୍ତାଣକୁ ନେଇ ସମ୍ପାଦକଙ୍କର ଲାଗିଛି, ଗୋଲକଧନ୍ଦା । ବଳୁର କାଟି କାଟି ଯେପରି ଭଂସେଇ ମନ ଖଟା ହୋଇଯାଏ, ସମ୍ପାଦକଙ୍କ ମନ ସେହିପରି ଗଦା ଗଦା କବିତା ନାକର ବର ଅଳଅ ଝୋଟକେଇଲୁ ଫୋପାଡ଼ି ଫୋପାଡ଼ି ଖଟା ଧରେଗଲଣି । କବିତା ବସ୍ତାନ ଭିତରୁ ତାଙ୍କ

ନାକକୁ ମଇଳା ଗାଇର ଗନ୍ଧପରି ଗୋଟାଏ ଗନ୍ଧ ବାଜିଲା ପରି ଲାଗୁଥାଏ । ବସ୍ତ୍ରାଣିର ସ୍ଥୂଳ ଶରୀରକୁ ଲକ୍ଷ୍ୟ କରି ସେ ହତାଶଭରା କଣ୍ଠରେ କହିଲେ—"ଏତେ ଫୋପାଡ଼ା ଫୋପାଡ଼ି, ଏତେ ଗଣ୍ଡି ! ବାପ୍‌ରେ ବାପ୍ ! ଦେଶସାରା କଣ ଗ୍ଲାନି ହୋଇଗଲେ । ସେଇଥିଲାଗି ତ କବିଙ୍କ ଦାମ କମିଗଲା । ହେ ଭଗବାନ୍ ! ଏ ଛତ୍ରଫୁଟା କବିମାନଙ୍କୁ ଟିକିଏ ସୁବୁଦ୍ଧି ଦିଅ । କି ଦହଗଞ୍ଜ ମଣିଷକୁ କରୁଛନ୍ତି ।"

ବସି ବସି ଅଣ୍ଟା ଲଠି ହୋଇଗଲାଣି । ଚଉକିରେ ଅଉଜା ପଡ଼ି ଓ ଟିକିଏ ପଛକୁ ଢଳେଇ ସେ ଗୋଟିଏ ଦୀର୍ଘଶ୍ୱାସ ପକାଉଛନ୍ତି, ଏତିକି ସମୟରେ ଅଧ୍ୟାପକ ବେହେରା ଦୁଆର ମୁହଁରେ ଠିଆ ହୋଇ କହିଲେ—"ନମସ୍ତେ—"

"ନମସ୍ତେ, ଆସ, ଆସ, ଭିତରକୁ ଆସ ।"

"ରାମଚନ୍ଦ୍ର ଭବନକୁ ଯିବେ ନାହିଁ କି ?"

"ନିଶ୍ଚୟ ଯିବି । ଏହିକ୍ଷଣି ଛଅଟା ପନ୍ଦର । ଅଠଟାରେ ସଭା, ଟିକିଏ ବସ, ସାଙ୍ଗହୋଇ ଯିବା । ସଭାଟା ଅବଶ୍ୟ ଗୁରୁତ୍ୱପୂର୍ଣ୍ଣ ।"

"ନିଶ୍ଚୟ ଗୁରୁତ୍ୱପୂର୍ଣ୍ଣ । କେନ୍ଦ୍ର ସରକାରଙ୍କ ସାହିତ୍ୟ ପ୍ରତିନିଧି ଆସିଛନ୍ତି । ଓଡ଼ିଶାର ପତ୍ରପତ୍ରିକା ବିଷୟରେ ବିବରଣୀ ସଂଗ୍ରହ କରି କେନ୍ଦ୍ର ସାହାଯ୍ୟର ବ୍ୟବସ୍ଥା କରିବେ ।"

"କଅଣ ସେତିକି । ଓଡ଼ିଆ ବହି କେତେଗୁଡ଼ିଏ ବାଛି ନେଇ ହିନ୍ଦୀରେ ଅନୁବାଦ କରିବାର ବ୍ୟବସ୍ଥା କରିବେ ଓ ଲେଖକମାନଙ୍କୁ ପାରିତୋଷିକ ମଧ୍ୟ ଦେବେ । ମୋର ତ ବହି, ପତ୍ରିକା ଭର୍ତ୍ତି; ତେଣୁ ମୁଁ ଯିବିନି ତ ଆଉ କିଏ ଯିବ ? ବସ ଯିବା ତ ।"

"ଆଉ କଅଣ କାମ ? ବଡ଼ କାର୍ଯ୍ୟବ୍ୟସ୍ତ ପରି ଦେଖା ଯାଉଛନ୍ତି ଯେ ।"

"କାମ ବୋଲି କାମ । ଏକାବେଳେକେ ଘଣ୍ଟା ଟେଲି । ଦେଖିଲ ଏ କବିତା ଗଦାକୁ । ଯାକୁ ମୁଁ ବୋଝ ଦନ ବାଛୁଛି ।"

ଅଧ୍ୟାପକ ବେହେରା ଆଖି ବୁଲାଇ ଦେଖିଲେ ବସ୍ତାଣ୍ଡ କଉପୁର । ଅଖୋଲା ଲଫାପା ବି ଗାଡ଼ାଏ । ତାକୁ ଦେଖାଇ ସେ ପଚାରିଲେ "ସେଗୁଡ଼ା ବି କବିତା ନା କଅଣ ?"

"କେବଳ କବିତା ନୁହେଁ, ମିଶାମିଶି ଅଛି । ତେବେ ମୁଁ ଲଫାପା ଦେଖି କହିପାରିବି ସେଥିରେ ପଦ୍ୟ କି ଗଦ୍ୟ ଅଛି ।"

କୌତୂହଳାକ୍ରାନ୍ତ ଅଧ୍ୟାପକ ବେହେରା ପରୀକ୍ଷା କଲେ । ସମ୍ପାଦକ ପଦ୍ୟ, ଗଦ୍ୟ, ଚିଠି ଇତ୍ୟାଦି କହୁ ଗୋଟିଏ ଗୋଟିଏ ଲଫାପା ଫୋପାଡ଼ି ଦେଉଥାଆନ୍ତି । ଅଧ୍ୟାପକ ଖୋଲି ଦେଖୁଥାଆନ୍ତି । ପ୍ରାୟ ନବେ ପ୍ରତିଶତ ଠିକ୍ । ଆଶ୍ଚର୍ଯ୍ୟ ହୋଇ ପଚାରିଲେ "ବଡ଼ ଆଶ୍ଚର୍ଯ୍ୟ ତ; ଜାଣିଲେ କେମିତି ?"

"ତମାରେ ବାଟେ ।"

"ଯାଃ, ସତ କୁହନ୍ତୁ, କେମିତି ଜାଣୁଛନ୍ତି ? ମୋତେ ଆଶ୍ଚର୍ଯ୍ୟ ଲାଗୁଛି ।"

"କାଳିଦାସ କାଶୀରେ ଛନ୍ଦର ହେଲାପରି କଅଣ ହେଉଛ ମ ? ମଲା ପରେ ଲୋକ ସ୍ୱର୍ଗକୁ ଗଲା କି ନର୍କକୁ ଗଲା, ତାହା ସେଠାର ବୁଢ଼ୀଟାଏ ଜାଣିଥିବାର ଦେଖି କାଳିଦାସ ଭକୁଆ ହୋଇଗଲେ । ବୁଢ଼ୀ ବୁଝେଇ ଦେଲା, ମଲା ଲୋକକୁ ସମସ୍ତେ ହାୟ ହାୟ କହିଲେ ସେ ସ୍ୱର୍ଗକୁ ଯାଏ, ଦୂର ଦୂର କହିଲେ ନର୍କକୁ ଯାଏ । କାଳିଦାସ ବୁଝିଗଲେ । ସେମିତି ତମକୁ ଟିକିଏ ବୁଝେଇ ଦେବା ଦରକାର ପଡ଼ୁଛି ।"

"ହଁ, ହଁ, ଟିକିଏ କହନ୍ତୁ ।"

"ଦେଖ ମୋଟା ଓ ଲମ୍ବା ଲଫାପା ଗୁଡ଼ିକରୁ ସବୁ ଗଦ୍ୟ, ଗଳ୍ପ, ପ୍ରବନ୍ଧ, ସମୀକ୍ଷା ଇତ୍ୟାଦି ପାଇବ । ଆଉ ଛୋଟ ଲଫାପା-ଭଳ ନାଷ୍ଟସ୍ତ ପଦ୍ୟ । ସେଇଁଟା ଶଠି ସେଥିରେ ସମ୍ପାଦକ ଅରବଣି ମୋ ନାଁ ଥିବ ।"

ଅଧ୍ୟାପକ ବେହେରା ହସିଉଠି କହିଲେ "ଓହୋ, ଏବେ ଜାଲିଦସଙ୍କ ପଦ ବୁଝିଲି । କେବେ ବାଛିବା ପାଇଁ ଆପଣଙ୍କୁ ଏତେ ପରିଶ୍ରମ ଲାଗୁଛି ?"

"କୁହ ନା, କୁହ ନା, ମୁଁ ମଲିଣି । ଧ' ରାବଦନ ନ ଦେଖିଲେ କବିତା ବସ୍ତ୍ରାଣିର ପେଟ ଟ୍ରାଟ୍ମ୍ । କେତେ ଓଡ଼ିଶ ? କବିତାରେ କାନ୍ଦୁ ହେଉଛି ଅନ୍ତ୍ରା ? ସେଇ ବେଦନା, ସେଇ ଅଶ୍ରୁ, ସେଇ ଦନ୍ତ, ସେଇ ବୁକୁଫଟା ଦରଦ; ଇସ ମୁଁ ଏକାବେଳେକେ ଚଇଁଥି ହୋଇ ଗଲିଣି । କବିତା ନାଁ ଶୁଣିଲାବେଳକୁ ମୋର ଧଇଁ ଅସୁଛି । ଧନ ବୁଝିଟା ବେକ୍କ ଏତେବେଳଯାଏ ଅନ୍ତ୍ରାଳିଲିଣି ଏ ପର୍ଯ୍ୟନ୍ତ ଗୋଟିଏ ହେଲେ ପ୍ରକାଶ ଉପଯୋଗୀ କବିତା ପାଇ ପାରିଲି ନାହିଁ ।

ଅଧ୍ୟାପକ ବେହେରା ଘଣ୍ଟା ଦେଖି କହି ଉଠିଲେ 'ଚଳନ୍ତୁ ଆପଣ କାମ ସାରନ୍ତୁ ଯିବା । ୭ଟା ବାଜି ଗଲିଣି ।"

ଚାମୁଣ୍ଡଟା ଓଲଟି ପାଲଟି ସମ୍ପାଦକ କହିଲେ "ମୁଁ କଅଣ ଏତେ ବେଳଯାଏ ଗୋଟାଗୁଡ଼ାଣି ଗଲିଣି ? ଟିକିଏ ରୁହ । ଘଣ୍ଟାଏ ସମୟ ଅଛି । ଟିକିଏ ବୁଲି କରି ଚାଲିଆସେ ।"

ଅଧ୍ୟାପକ ବେହେରା ରାଜି ହୋଇ ବସିଲେ । ସମ୍ପାଦକେ ଚାମୁଣ୍ଡ ପିନ୍ଧି ତାଳ ଖୋଲୁଛନ୍ତି, ଠିକ୍ ଏହି ସମୟରେ ସନ୍ଧ୍ୟାକାଳକ ନିତ୍ୟାନନ୍ଦ ଏକ ବଣ୍ଡଳ ଛପାଇ କାଗଜ ତାଙ୍କ ଆଗରେ ଥୋଇ

କହିଲା—"ଆଜ୍ଞା ଶେଷ ପ୍ରୁଫଟା ଟିକିଏ ଦେଖି ଦିଅନ୍ତୁ, ଛପା ଶେଷ ହୋଇଗଲାଣି ।"

ସମ୍ପାଦକ ଟିକିଏ ବିରକ୍ତ ହୋଇ କହିଲେ—"ଓଃ ମଣିଷକୁ ଟିକିଏ ଝାଡ଼ା ଫେରିବ ଦେବେନି । ରହୁଥାଅ ମୁଁ ପାଇଖାନାରୁ ଆସେ ।"

ବାଲଟା ଧରି କୁଅରୁ ମୁହଁ ଧୋଇ ଆସିଛନ୍ତି କି ନାହିଁ, ଅଚାନକ ଆସି ପହଞ୍ଚିଗଲେ ଭାନୁ ବାବୁ । ହାତରେ ଗୋଟିଏ ବ୍ୟାଗ୍ । ଏକାବେଳକେ ୩୨ଟା ଯାକ ଦାନ୍ତ ଦେଖାଇ ଦେଇ ଖିଲିଖିଲା ହସରେ କହିଲେ, "ସୁସନ୍ଧ୍ୟା ସୁସନ୍ଧ୍ୟା, ଯାହାହେଉ ଦର୍ଶନଟା ମିଳିଗଲା । ଆଶା ନିରାଶାର ଦ୍ୱନ୍ଦ୍ୱ ଭିତରେ ମୁଁ ଆସିଥିଲି । ଯାହାହେଉ, ମୋର ଆଶା ସଫଳ ହୋଇଛି ।"

ହାତଟା ଧରି ସମ୍ପାଦକ ଅତି ଉଲ୍ଲାସରେ ସାଦର କରମର୍ଦ୍ଦନ କଲେ । ଅତି ପରିଚିତ, ଅନ୍ତରଙ୍ଗ ପୁରୁଣା ବନ୍ଧୁ । ତାଙ୍କୁ ଚଉକିରେ ବସାଇ ପଚାରିଲେ "ହଠାତ୍ କୁଆଡ଼େ ମାଡ଼ି ଆସିଲେ ? ଆଉ ଘର ଖବର ସବୁ କଅଣ ? ବହୁଦିନ ପରେ ଦେଖା । ଆଉ କଅଣ କରୁଛନ୍ତି ?"

"କରିବି କଅଣ, ସହରଟିଏ ତ ମୋର ଜଙ୍ଗଲ ସ୍ଥଳୀ ! ପଡ଼ିଛି ପୁଣି ଏକ କୋଣଟିଆ ଜାଗାରେ । କଥାବାର୍ତ୍ତା କରିବାକୁ ଜଣେହେଲେ ଲୋକ ନାହିଁ । କିଛି ଦିନେ ଅଧେ ନୁହେଁ ସେଠି ଦୁଇ ବରଷ ହେଲାଣି । ଦେଖିଲି ସମୟ କଟେଇବାକୁ ଆଉ କିଛିବାଟ ନାହିଁ । ତମ ସଙ୍ଗେ ବନ୍ଧୁତାଟା ଥିଲା ବୋଲି ଗୋଟାଏ କିନାରା ମିଳିଗଲା । ତୁମଠୁ କବିତା ଜୀବାଣୁ ମୋଠାରେ ସଂକ୍ରମିତ ହୋଇଥିଲା । ସୁଯୋଗ ପାଇଲା ମାତ୍ରେ ସେମାନେ ପ୍ରବଳ ହୋଇ ଉଠିଲେ । କବିତା ସାଧନାରେ ଲାଗିପଡ଼ିଲି ।"

କବିତା ନାଁ ଶୁଣି ସମ୍ପାଦକ ଚମକି ଉଠିଲେ । ଅଗତ୍ୟା ଉପରେ ମନର ଭାବକୁ ଚାପିରଖି ଉତ୍ସାହ ଦେଖାଇ କହିଲେ "ଆରେ ବାଃ, ଭଲ ଜନ୍ତୁଟି ଏ ଧରିଲ ।"

ଭାନୁ କବି ଉତ୍ସାହିତ ହୋଇ କହି ଲାଗିଲେ "ଓଃ ସେ ସାଧନା କି କଠୋର । ଗୁରୁ ବର୍ଷଟାଏ ସବୁ ଭୁଲି ଯାଇଛି । ରବି ଠାକୁର, କାଜି ନଜରୁଲ୍, ଓମରଖାୟାମ, ସେଲି, ବାଇରନ୍, କୀଟ୍ସ୍ ସବୁ ମନ୍ଥି ପକାଇଛି । ନିଜ ଦେହରୁ ରକ୍ତ ଦେଇ ମା'ଅ ପୁଅକୁ ଜନ୍ମ ଦେଲାଭଳି କବିତାକୁ ଜନ୍ମ ଦେଇଛି । ଆଉ ମନହେଲା ତମକୁ ଶୁଣାଇବାକୁ । ବୁଝିଲ, ତୁମେ କେବେ ଖୁସି ନ ହେବ, ଯେତେବେଳେ ଦେଖିବ ତୁମର ଜଣେ ପୁରାତନ ବନ୍ଧୁ ତୁମର ରାସ୍ତାରେ ଯାଇଛି । ବାସ୍ତବିକ ସେ କବିତା ଯେ କି ଚମତ୍କାର ହୋଇଛି, ତାହା କଳ୍ପନାତୀତ । ତୁମକୁ ନ ଶୁଣାଇଲେ ମୁଁ ଜଳ ସୁଦ୍ଧା ସ୍ପର୍ଶ କରିବି ନାହିଁ ।" ଏହା କହି ସେ ଚମଡ଼ା ମୁଣି ଭିତରୁ ତାଡ଼ାଏ କାଗଜ କାଢ଼ିଲେ ।

କବିତା ନାଁ, ଓ ଏସବୁ ହାଲ ଦେଖି ସମ୍ପାଦକଙ୍କର ପାଇଖାନା ତଲବ ଦେଖାଦେଲା । ସେ ଅନୁନୟ ବିନୟ ହୋଇ କହିଲେ "ତେବେ ଟିକିଏ ରହନ୍ତୁ, ମୁଁ ଟିକିଏ ବାହାରୁ ଆସେ ।"

"ଅଚ୍ଛା, ଆଗ ଗୋଟାଏ ଶୁଣନ୍ତୁ, ତା'ପରେ ପଛେ ଯିବେ । ନ ହେଲେ ଉତ୍ସାହଟା ଭାଙ୍ଗିଯିବ । ଏ କବିତାଟି ଅତି ଚମତ୍କାର । ନାଁ ଦେଇଛି 'ଶତାବ୍ଦୀର ପ୍ରବଞ୍ଚନା ।' ଟିକିଏ ମନଦେଇ ଶୁଣନ୍ତୁ ।"

ବାଧ୍ୟ ହୋଇ ସମ୍ପାଦକ ପେଟ ଭିତରେ ବିରକ୍ତି ଓ ମଳ ଉଭୟଙ୍କୁ ଚାପି ରଖି ନିରୁପାୟ ଭାବରେ ବସିଲେ ଏବଂ ଭାନୁ କବି ଆବୃତ୍ତି କଲେ—

"କେ ବୁଝିବ ହୃଦର ବେଦନା
ହେ ବିଂଶ ଶତାବ୍ଦୀ"

ସମ୍ପାଦକଙ୍କ ମୁହଁରୁ ଅଜାଣତରେ ବାହାରି ପଡ଼ିଲା ପ୍ରଥମରୁ 'ବେଦନା'। ଅଧ୍ୟାପକ ବେହେରା ବି ମୁହଁଟା ବୁଲେଇ ନେଇ ରୁମାଲ୍ ଭିତରେ ଟିକେ ହସିଦେଲେ। ଭାନୁ କବି ଶବ୍ଦ ବ୍ୟାଖ୍ୟା କରି ବସିଲେ—"ପୃଥିବୀଟା ବେଦନାମୟ। ଜନ୍ମିବାରେ ବେଦନା, ମରିବାରେ ବେଦନା, ପଢ଼ିବାରେ ବେଦନା, ପଢ଼େଇବାରେ ବେଦନା, ଖାଇବାରେ ବେଦନା କାରଣ ଚାଉଳରେ ଗୋଡ଼ି ତ ତେଲରେ ଅଗରା, ସବୁ ଜିନିଷରେ ଭେଜାଲ୍; ପେଟରେ ବେଦନା, ଖୁଆଇବାରେ ବି ବେଦନା! ପଇସାଟାଏ ରୋଜଗାର କରିବାକୁ ବି ବେଦନା—"

ଅଧ୍ୟାପକ ବେହେରା କଥା ଉଠିଲେ, "ଲେଖିବାରେ ବି ବେଦନା।"

ଭାନୁ କବି କହିଲେ—"ଶାସ୍ତ୍ରସ୍ତ୍ର—ସନ୍ତାନଟା ପକାଇବାକୁ ଯେ ବେଦନା ତାହା ପଚାରିଲ ଲେଖକ ଜାଣେ। ଅଣ୍ଡାଦେଉଥିବ ମଣିଷ କ ୂଷ ପର୍ଯ୍ୟନ୍ତ। ମୁଁ ବୁଝିଛି ସେ ବେଦନା।"

ସମ୍ପାଦକ କହିଲେ, "ତା ଠିକ୍, ଲେଖେଇବାରେ ବି ବେଦନା ମାତ୍ର ଆମର ସେ ବେଦନାଟା କେହୁ ବୁଝନ୍ତି ନାହିଁ।"

ଅଧ୍ୟାପକ ବେହେରା କହିଲେ, "କିଏ ବୁଝୁ ବା ନ ବୁଝୁ ମୁଁ ବୁଝୁଛି। ଝାଡ଼ା ମାଡୁଥିବା ବେଳେ କାବ୍ୟ ରଚନାଟା ଅତି ବେଦନା ଦାୟକ ଜଣା ଯାଉଥିବ।"

ସମ୍ପାଦକେ ଉଠିପଡ଼ି ପାଣିଡାଲଟାକୁ ଧରି କହିଲେ, "ଅଚ୍ଛା ଟିକିଏ ଅପେକ୍ଷା କରନ୍ତୁ, ମୁଁ ପାଇଖାନାରୁ ଆସେ।"

ଉତ୍ସାହିତ ଭାନୁ କବି କହି ଉଠିଲେ—"ଆଉ ଟିକିଏ—, ଦେଖନ୍ତୁ କବିତାଟା କେଡ଼େ ଚମତ୍କାର ହୋଇଛି—

"ନୟନର ନୀରବର୍ଷି ଅଶ୍ରୁ
ହା ହୁତାଶ ଉଠେ ଅଭ୍ର ଭେଦ ।"

'ଅଶ୍ରୁ' ଶୁଣିବା ମାତ୍ରେ ସମ୍ପାଦକଙ୍କ ହାତରୁ ତାଳଟା ଖସି ପଡ଼ିଲା । ଅଧ୍ୟାପକ ବେହେସ୍ ହସି ଉଠିଲେ । ଭାନୁ କବି କହିଲେ —"ଜଣେ ସମ୍ପାଦକଙ୍କ ହାତରୁ ତାଳ ଖସି ପଡ଼ିବା ବାସ୍ତବିକ ହାସ୍ୟୋଦ୍ଦୀପକ । ହଁ ଶୁଣନ୍ତୁ—

ଦିଗନ୍ତ ପ୍ରସାରି ଗହମର କ୍ଷେତ
ମିଶେ ଯହିଁ ସ୍ୱର୍ଗ ଓ ପୃଥିବୀ ।"

ସମ୍ପାଦକ ପେଟକୁ ଚିପି ଧରିଲେ । ଅଧ୍ୟାପକ ବେନହସ୍ ଫାଟିକରି ଉଠିଲେ—"ଆପଣ ନ ଯିବେ ତ ଥାଆନ୍ତୁ, ମୁଁ ଯାଉଛି । ୮ଟା ବାଜିବାକୁ ପାଞ୍ଚମିନିଟ୍ ।" ତରତର ହୋଇ ସେ ସେଠାରୁ ପଳାଇଲେ । ସମ୍ପାଦକଙ୍କର ଅପେକ୍ଷା କରିବାକୁ ସମସ୍ତ ଅନୁରୋଧ ବ୍ୟର୍ଥ ହେଲା । ନିରାଶ୍ରୟ ଭାବରେ ସେ ମୁହଁଟି ଶୁଖାଇ ବସିଲେ ।

ଭାନୁ କବି ଟିକିଏ ବିରକ୍ତି ପ୍ରକାଶ କରି କହିଲେ, "ସେ ଭଦ୍ରଲୋକ ଜଣକ ବଡ଼ ଗର୍ବି, ଟିକିଏ ଦେଖାଇବା ଭାବ ଅଛି । ଘୁଷୁରିକୁ ପାଚିଲା କଦଳୀ ଯେମିତି ଭଲ ଲାଗେ ନାହିଁ; ତାଙ୍କୁ ସେମିତି କବିତା ବୋଧହୁଏ ଭଲ ଲାଗେନା । ମୁଣ୍ଡରେ ମସଲା ଥିଲେ ସିନା କବିତାର ମର୍ମ ବୁଝନ୍ତେ । ଏଇଟି ବୁଝା ପଡ଼ୁନି— ତୁମେ ଗୁଣୀ, ଗୁଣର ଆଦର କର । କବିତାର ମର୍ମ ବୁଝୁଛ ସେଥିଲାଗି ଆଗ୍ରହର ସହିତ ଶୁଣୁଛ—ସେ ପଳେଇଲେ । ନ ଜାଣି

ମୁଁ ତମପାଖକୁ ଏତେ ପରିଶ୍ରମ କରି ଆସିଛି । ଗ୍ଲୁଡ ସେ କଥା, ଶୁଣ—

ବୁଭୁକ୍ଷୁର ତୀବ୍ର ଅଭିନାଦ
ଶୈଳ ସମ ହୃଦେ ବାଏ ବେଶ ।"

ସମ୍ପାଦକ କବିତା ସ୍ରୋତକୁ ରୁଦ୍ଧ କରିବାକୁ ଦେବାଲଗ କହି ଉଠିଲେ, "ଦେଖ, ଏବେ ଜୀବନବାଦୀ କବିତାର ମୂଲ୍ୟ ଆଜିକାଲି ଲୋକେ ପସନ୍ଦ କରୁନାହାନ୍ତି ।"

କଥା ନ ସରୁଣୁ ଭାନୁ କବି, ଅଉ ଖଣ୍ଡେ କାଗଜ କାଢ଼ି-ପକାଇ କହି ଉଠିଲେ, 'ମୁଁ କଅଣ ଗ୍ଲୁଡ଼ୁଛି । ଅନ୍ୟ ଧରଣର ବି ଲେଖିଛି । ଶୁଣନ୍ତୁ—

ହାସ୍ୟମୟୀ ଗୋ, ଲାସ୍ୟମୟୀ ଗୋ
ଛବିଲ ପ୍ରିୟା
ବାଦାମି ଓଠର ନଭିନ ଦେଖି
ଘୁମରେ ହିୟା ।"

ହାବଲ ହୋଇ ସମ୍ପାଦକ ମନେ ମନେ ଭାବି ଲାଗିଲେ—ଓଃ କି କୁଗ୍ରହଠାଏ ଆସି ଘୋଟିଲା—ଏକାବେଳକେ ହାଡ଼ା ପରିସ୍ରା ବନ୍ଦ । ବୁଢ଼ଗଲା ଲୋକ କ୍ଷୁଟାଣିଅକୁ ଧରିଲା ପରି, ସେ କହି ଉଠିଲେ "ଦେଖ, ନାରୀ ସମ୍ବନ୍ଧୀୟ କବିତା ପ୍ରତି ଜନସାଧାରଣ ଟିକିଏ ବୀତସ୍ପୃହ ହେଲେଣି—"

ଭାନୁ କବି ଅଉ ଖଣ୍ଡେ କାଗଜ କାଢ଼ି ପକାଇ କହିଲେ "ରାଜନୀତି ମିଶା କବିତା ମଧ୍ୟ ଅଛି । ଯାହାର ଯେମିତି ଦରକାର—ହେଉ ଶୁଣନ୍ତୁ—

କର ଡର ଏ ଜାଲ ଫିସାଦୀ
ଅଟେ ଘୃଣ୍ୟ ପୁଞ୍ଜିପତି ଦଳ ।"

ସମ୍ପାଦକ ଘାଣ୍ଟିକଲେ ହଁ, ଏକରକମ, କିନ୍ତୁ କଂଗ୍ରେସୀ ସରକାରଙ୍କ ଶ୍ୟେନ ଦୃଷ୍ଟିରେ ପଡ଼ିବାକୁ ହେବ—

ଭାନୁ କବି କହିଲେ "ତାଙ୍କ ମନ ମାଣିବା ଭଳି ବି କବିତା ଅଛି, ହେଉ ଶୁଣନ୍ତୁ—

ତିଳ ତିଳ କରି ଦେଶ ପାଇଁ ଯିଏ
ଢାଳିଲା ଲହୁ
ଭାଗ୍ୟ ବିଧାତା ତାହାକୁ ଆମେ ତ
ମନ୍ତ୍ରୀ କହୁଁ ।"

୮ଟା ବାଜି ପନ୍ଦର । ସମ୍ପାଦକ ଦୀର୍ଘଶ୍ୱାସ ଛାଡ଼ିଲେ । ଭାବିଲେ କି ଦୁର୍ଯୋଗ । ସମୟ ଗଲା, ସୁଯୋଗ ଗଲା, ହାଁଡ଼ା ଦେଖେଇ ଦେଖେଇ ବାର ହେଲା; ଓଃ, କି ଭୂଲ୍ ଗୋଟିଏ ଆସି ହାବୁଡ଼ିଲା ! ସେ ପୁଣି ଚେଷ୍ଟାକଲେ—"ଆଜିକାଲି ବିଦ୍ରୋହୀ କବିତା ଆଡ଼କୁ ଲୋକେ ଅଧିକ ଆକୃଷ୍ଟ ହେଲେଣି ।"

ନଗ୍ନେଉତ୍‌ବନ୍ଦା ଭାନୁ କବି ଅତି ଉତ୍ସାହର ସହିତ କହିଲେ "ସେ ବି ଅଛି, ଶୁଣନ୍ତୁ ନା—

ଘନ ଘନ ପବନ ବନ କମ୍ପ କମ୍ପନ
ଧନ ଯୌବନ ଛନଛନ;
ହରି କର୍ମାଙ୍କ ପରି ହୁଅନ୍ତି ଦେବଦେମର
ଗମ୍ଭୀର, ଉମ୍ମିର, ଶାଗୁଆନ ।"

ସମ୍ପାଦକ ପ୍ରାଣ ବିକଳରେ ଶେଷ ଚେଷ୍ଟା କଲେ । ବିବସ୍ତ୍ରକୁ ଅତି କଷ୍ଟରେ ଲୁଚି ରଖି କହିଲେ, "କବିତାକୁ ଆଉ କେହି ପଢ଼ୁ ନାହାନ୍ତି । ଗଳ୍ପ ଆଡ଼କୁ ସମସ୍ତଙ୍କର ଝୁଙ୍କ୍ ।"

ଭାନୁ କବି ଉତ୍ସାହିତ ହୋଇ କହିଲେ—"ଗବେଷ ତାକୁ ଛାଡ଼ୁଛି ? କଅଣ ନ ଅଟେ ମୋତେ ? ହେଉ ଗୋଟିଏ ଗପ, ଶୁଣିନ୍ତୁ

ଇଂରାଜୀରେ ଅନୁବାଦ କରି ଜମ୍ପୂର୍ଣ୍ଣ ଟାଇମସ୍ ପ୍ରତିଯୋଗିତାକୁ ପଠାଇଛି । ଜଣେ ବନ୍ଧୁ ଶୁଣି କହୁଛନ୍ତି—ପ୍ରଥମ ପୁରସ୍କାର ଥୁଅ—ଶୁଣନ୍ତୁ, ଶୁଣନ୍ତୁ—

× କିଶୋରୀ କହୁଛି—ଆଃ ତୁମେ କେଡ଼େ ସୁନ୍ଦର ! ତମକୁ ମୁଁ ଭଲପାଏଁ । ମଖମଲି ଘାସର ଗାଲିଚା ଉପରେ ଦେହଙ୍କ ମିଶ ଗଡ଼ିସାରି ଗଦ୍‌ଗଦ୍ କଣ୍ଠରେ କହୁଛି—ସତେ, ସତେ, କିଶୋରୀ ତମେ ମତେ ଭଲ ପାଅ ? ସତେ, ଭଲ ପାଅ ? ଆଃ କି ତୃପ୍ତି । ଆଃ ମୁଁ ତମ ପାଦ ତଳେ କହିଁମାନ ମରିବାକୁ ଚାହେଁ—ସେ ମୃତ୍ୟୁ ହେବ ମୋର ନନ୍ଦନର ପାରିଜାତ । ଇସ୍ କହ ତୁମେ ମୋ ମଡ଼ାଟାକୁ ଟିକିଏ ପାଦରେ ଠେଲି ଦେବ ! ଖାଦରେ ଯେପରି ପ୍ରାସ ନ ଲାଗେ ।  ×  ×  ×

ଘଣ୍ଟା ଘଣ୍ଟା ୯କୁ ଡେଇଁଲା । ହତଭାଗ୍ୟ ସମ୍ପାଦକ ଖାଟଟି ପରି ବସିଥାନ୍ତି । ଯନ୍ତ୍ର ଚାଳକ ଡାକୁଥାଏ ବାବୁ ମେସିନ୍ ବନ୍ଦ ରହିଲା, ଶୀଘ୍ର ପ୍ରୁଫ୍ ଦେଉନ୍ତୁ । ମେନେଜର କହିଲେ କହୁଛ ଡେରି ହେଲାଣି, ମୁଁ ଯାଉଛି । ସମ୍ପାଦକଙ୍କ କାନରେ କିଛି ପଶୁ ନଥାଏ । ସେ ପଥର ପାଲଟି ଯାଇ ଥାଆନ୍ତି ।

ଅଧ୍ୟାପକ ବେହେରା ସଭାରୁ ଫେରି ଦେଖନ୍ତି ତ ଲାଲ୍ ସେ ପର୍ଯ୍ୟନ୍ତ ଯାଇ ନି । ସେ ଘର ଭିତରକୁ ନ ପଶି ପଦାରେ ରହିଲେ । କର୍ମଚାରୀମାନଙ୍କ ସହ ନାନା ପରାମର୍ଶ ଚାଲିଲା । କିପରି ସମ୍ପାଦକ ଲାଲ୍ ହାତରୁ ରକ୍ଷା ପାଇବେ ? ମନ ଥିଲେ ଉପାୟ ଆସିଯାଏ । ଅତି ସନ୍ତର୍ପଣରେ ଅଧ୍ୟାପକ ବେହେରା ଅନ୍ୟ ଏକ କୋଠରୀରେ ଥିବା ବିଦ୍ୟୁତର ପ୍ରଧାନ ସୁଇଚିକୁ ଉଠାଇ ଦେଲେ । ଅର୍ଦ୍ଧ ପଲକରେ ସବୁ ଅନ୍ଧାର । ଯୁବକ କବି ବିବ୍ରତ ହୋଇ କହୁଥିଲେ "ଏ ଶଳା ବିଜୁଳି କମ୍ପାନୀଟା ଏକାବେଳକେ ଅକର୍ମଣ୍ୟ । ଠିକଣାବେଳେ

ଫ୍ୟୁଜ୍ । ଯେତେବେଳେ ଦେଖ ଫ୍ୟୁଜ୍ । ଫ୍ୟୁଜ୍‌ଟା ତା' ଦେହର ମଇଳା । ଶଳା ଲୁସ୍ତିତଟା ନର୍ଦ୍ଦକୁ ଯାଉ । ତାକୁ ସରକାର ନେଉ । ଅଚ୍ଛା, ଗୋଟାଏ ମହମବତୀ ଲଗାଇ ଚାଲିଯିବ ।"

ଗୀତାରେ ଲେଖା ଅଛି ଅନ୍ୟମାନଙ୍କୁ ଯେଉଁଟା ଅନ୍ଧାର ଗୁଣୀମାନଙ୍କୁ ତାହା ଆଲୁଅ । ସମ୍ପାଦକ ଗୁଣି ଥିବାରୁ ତାଙ୍କୁ ଅନ୍ଧାରଟା ଆଲୋକମୟ ଦିଶିଲା । ଭଗବାନଙ୍କୁ ମନେ ମନେ ଧନ୍ୟବାଦ ଦେଇ ସେ କହିଲେ—'ଦୁଇ ତିନି ଘଣ୍ଟା ନଗଲେ ଆଲୁଅ ନ ଆସେ । ମହମବତୀ ବି ନାହିଁ ମୁଁ ଯାଉଛି, ଏତିକିବେଳେ ପାଇଖାନାରୁ ଫେରିଆସେ ।"

× × × ×

ବାଲୁଙ୍କ ଟୋମାଟୋକୁ ଅଭିଶାପ ଦେଇ ଦେଇ ଫ୍ୟୁଜ୍ ଭକ୍ତ ପ୍ରସ୍ଥାନ କରିବା ବାଦ ଆଲୁଅ ଜଳି ଉଠିଲା । ସମସ୍ତେ ଏକତ୍ର ହେଲେ । ସମ୍ପାଦକ କହିଲେ "କୋଉଠି ଥିଲା ଫ୍ୟୁଜ୍‌ଟା ସବୁ ସାରିଦେଲା ।"

ଅଧ୍ୟାପକ ବେହେରା କହିଲେ—"ଫ୍ୟୁଜ୍ ନୁହେଁ, ଫ୍ୟୁଲ୍ ଫ୍ୟୁଲ୍ ।"

# ଆଗାମୀ କବିର ଲକ୍ଷଣ

ଟ୍ରେଙ୍ଗଲ ପଡାର ସନ୍ଧ୍ୟା ଆଜି ବଡ଼ ସରଗରମ ହୋଇ ଉଠିଛି । ସମସ୍ତଙ୍କ ମନରେ ସେହି ଗୋଟାଏ ପ୍ରଶ୍ନ—'ଅତଃପର କବିମାନେ କଣ ହେବେ ?''

ଜଣେ ଚନ୍ଦାମୁଣ୍ଡିଆ କାଉଁଦା ଅନାର ପରି ଭରର୍ ଭରର୍ ହୋଇ କହି ଲାଗିଲେ—''ଦେଖ, ଆମ ଦେଶର ବର୍ତ୍ତମାନ ବଡ଼ ଘଡ଼ିସନ୍ଧି ସମୟ । ବର୍ତ୍ତମାନର କବିମାନଙ୍କୁ ଅବଶ୍ୟ ଆଉ ଚିହ୍ନିବା ଦରକାର ନାହିଁ । ସେମାନଙ୍କୁ ସମସ୍ତେ ଜାଣିଗଲେଣି । ଏମାନେ ଯେ ପୋଖତ କବି ବଣୀ ଶୁଙ୍ଘିଲା ନଡ଼ିଆ ଖସିଲା ପରି ଆକାଶରୁ ଖସି ପଡ଼ିଲେ ତା ନୁହେଁ, ଅତୀତରେ ବହୁ ପରିଶ୍ରମ କରି, କାବ୍ୟ କସରତ କରି ସାରିଲା ପରେ ଏବେ କବି ଟୋପି ଲଗେଇଲେ । ସେମାନେ ଯେତେବେଳେ କସରତ କରୁଥିଲେ ସେତେବେଳର

ଶିକ୍ଷକମାନେ ସେମାନଙ୍କୁ ଶିଖାଇ ଦେଉ ଥିଲେ ବୋଲି ଆଜି ଆମ୍ଭମାନଙ୍କୁ ଶଠ୍ କରି ଶିଖିବାକୁ ସୁବିଧା ହେଉଛି । ଯାଙ୍କପରେ ଯେଉଁମାନେ କବି ହେବେ ଅର୍ଥାତ୍ ଭବିଷ୍ୟତର ପୋଖତ୍ କବିମାନଙ୍କୁ ଇଅଡ଼ୁ ଅମ୍ଭମାନଙ୍କର ଶିଖାଇ ଦେବା ଉଚିତ୍ । ବର୍ତ୍ତମାନର ପ୍ରତିଷ୍ଠିତ କବିମାନେ ବୁଢ଼ା ହୋଇ ଆସିଲେଣି । ପାଚିଲା ଆମ୍ବ, କେତେବେଳେ କଅଣ ହେବ କିଏ କହିବ? ତେଣୁ ଆଗାମୀ କବିମାନଙ୍କୁ ତୁରନ୍ତ ଶିଖାଇ ଦେବା ଅତି ଜରୁରୀ ହୋଇ ପଡ଼ିଲାଣି ।"

ଜଣେ ଶିଶୁଆ କହିଲା, "ହଁ ହଁ ପ୍ରସ୍ତାବଟା ଠିକ୍ । ତେବେ ଆଗ ପ୍ରତିଷ୍ଠିତ କବିମାନଙ୍କର ଗୋଟିଏ ତାଲିକା ଅଲଗା କରି ଦେବା । ତାପରେ କଅଁଳ କବିମାନଙ୍କୁ ଚାଲୁଣୀରେ ଚଳେଇ ନେବା ।"

ଜଣେ ଝୁମା ଝୁମା ଆଖି କରି ହଠାତ୍ ପ୍ରତିବାଦ କଲା, "ଆରେ, ବାବା ସେ ତାଲିକା ଫାଲିକା କାମ ଛାଡ଼, ମୁଣ୍ଡରେ ଲମ୍ବା ଟୋପି, ପିଠିରେ ଚଣ୍ଡା ଚମଡ଼ା ବାନ୍ଧିବାର ତାଲିକା କରି ବସ ।"

ସମସ୍ତେ ଜିଜ୍ଞାସୁ ନେତ୍ରରେ ତା ଆଡ଼କୁ ଚାହିଁଲେ । ସେ କହି ଚାଲିଲା "ଅରେ ବାବୁ, ତାଲିକାରେ ଗୋଟିଏ କୁଇଟା ମେଞ୍ଚଡ଼ା କବିଙ୍କୁ ନ ରଖିଲେ ମୁଣ୍ଡ ଓ ପିଠି ବୋଲ ଅରେ ଫାଟିଯିବ । ଦାଣ୍ଡରେ ଘାଟରେ ସବୁଠେଇଁ ଗର୍ଜନ କରିବେ 'କହୋ ଅମେ କଅଣ କବି ନୋହୁଁ ? ତୁମ ଚଉଦ ପୁରୁଷରେ କିଏ କବି ବାଛୁଥିଲା ?" ଆଉ ବି ତାଲିକାରେ ଟିକିଏ ଅଚଟେଛ ହୋଇଗଲେ ସଙ୍ଗେ ସଙ୍ଗେ ଦଶରା ଫୌଜଦାରୀ ଆରମ୍ଭ ହେବ ।"

ଜଣେ ପଚାରିଲା "ଅରେ ଦଶରା ଫୌଜଦାରୀ କ'ଣ ?"

ପୂର୍ବ ଜଣକ କହିଲେ—‘ଆରେ ଦଶହରାରେ ସାହିବାଲାମାନେ ଯେପରି ନିଜ ନିଜ ମେଢ଼କୁ ଭଲ କରି ମାଡ଼ଫିଟ୍ ଲଗାନ୍ତି ସେମିତି ପ୍ରତିଷ୍ଠିତ କବିମାନଙ୍କ ପାଖରେ ସର୍ବଦା ନଅର ପଅର ହେଉଥିବା କେତେକ ମେଣ୍ଟ ଟୋକା ଭଳି ଆରମ୍ଭ କରି ଦିଅନ୍ତି । ଫଳରେ ପ୍ରତିଷ୍ଠିତ କବିମାନଙ୍କ ଦୋଷ ଗୁଣ ପଦାରେ ଉଗ୍ଗୁରା ହୁଏ । ସେ କଥା ଥାଉ । ପ୍ରତିଷ୍ଠିତ କବିଙ୍କର ତାଲିକା ନକରି, ଅଗାମୀ କବିମାନଙ୍କର ତାଲିକା ବରଂ ହେଉ ସେଥିପାଇଁ ଅଗ ବସ୍ଥବନ୍ଧୁଟା ହୋଇଯାଉ ।”

ଜଣେ ପାକୁଆ ଅଠେଇ ହସ ଦେଇ କହିଲା, “ଆରେ କାଶୀମେ ଯେତନା କଙ୍କର, ସବ୍ ହୋତାହେଁ ଶଙ୍କର’ ଆଗାମୀ କବି ଆମ ଓଡ଼ିଶାରେ କଲି କିଏ ନାହିଁ କହିଲ ? ବାଛିବ କାହାକୁ ?

ଆଗ ଜଣେ କହିଲା, କବିର ଲକ୍ଷଣ ସବୁ ଦେଖି ବାଛିବା ନାଁ —”

ପାକୁଆ କହି ଗଲା “ଆଚ୍ଛା କବିର ଲକ୍ଷଣ କଣ ମୁଁ କହୁଛି ଶୁଣ । ଏହି ଲକ୍ଷଣ ଅନୁସାରେ ବାଛିଲ ଭଲ ଦେଖି । ଭଗବତ୍. ଗୀତା ଅଷ୍ଟମ ଅଧ୍ୟାୟ ୯ମ ଶ୍ଳୋକରେ ଲେଖାଅଛି, କବି ହେଉଛନ୍ତି ସର୍ବଜ୍ଞ । ଇଶୋପନିଷଦ ୮ମ ସୂକ୍ତରେ ଲେଖାଅଛି—କବି ହେଉଛନ୍ତି କ୍ରାନ୍ତଦର୍ଶୀ । କଠୋପନିଷଦ ୩ୟ ବଲ୍ଲୀରେ ଲେଖାଅଛି, କବି ହେଉଛନ୍ତି ପଣ୍ଡିତ ଓ ଶାସ୍ତ୍ରବିତ୍ । ଅମରକୋଷ ଓ ପାଣିନୀ ମତରେ, ଅନ୍ତରର ଭାବକୁ ଯେ ବର୍ଣ୍ଣନା କରେ ସେ ହେଉଛି କବି । ଏଥରକ ବାଛ ।”

ସମସ୍ତେ ଗୁଣୁ ଗୁଣୁ ହୋଇ ଉଠିଲେ—“ଏତ ବଡ଼ ଗହନ କଥା, ବହୁତ ସମୟ ଲାଗିବ !

ମାସକ ପରେ ସଭା ବସିବାର ଠିକ୍ ହେଲା । ସଭା ଭିତରେ ସଭ୍ୟମାନେ ପୁଲିସ ପଛ ଧରି ଦାଗୀ ଖୋଜିଲା ପରି ଭଣ୍ଡ ଖୋଜିବାକୁ ସମର୍ଥ ହୋଇପାରିବେ । × ×

ମାସକପରେ ପୁଣି ସଭା ବସିଲା । ପାକୁଆ ଜଣକ ସମସ୍ତଙ୍କୁ ପଚାରିଲେ, "କହନ୍ତୁ, କେତେ ଭଣ୍ଡ ଖୋଜେଇରେ ଭର୍ତ୍ତି ହେଲ ?" ସମସ୍ତଙ୍କ ମୁହଁରେ ନିରାଶାର ଚିହ୍ନ । ଜଣେ କହିଲା "କମ୍ବଳଯାକ ବାଳ, ବାଛିବ କାହାକୁ ?'

ଆଉ ଜଣେ କହିଲା—"ଗୋଟିଏ ହେଲେ ଲକ୍ଷଣ ମିଳିବା କଥା କଷ୍ଟ ।"

"ଆଉ ଜଣେ କହିଲା "ତାହେଲେ ଆଗାମୀ ଭଣ୍ଡ ଭଉଣୀ ବିଲକୁଲ ନାହାନ୍ତି ?

ନିଶ ଗଜୁରି ଆସୁଥିବା ଜଣେ ଟୋକା ଗର୍ଜିଉଠିଲା—"ଭଣ୍ଡ ଅଛନ୍ତି, ଯଥେଷ୍ଟ ଅଛନ୍ତି । ନାହାନ୍ତି କେବଳ ଚିହ୍ନିଲା ବାଲା । କେଉଁ ବଡ଼ ଅମଳରେ ଏ ଲକ୍ଷଣ ସବୁ ତିଆରି କରା ଯାଇଥିଲା । ସେ କାଳ ଆଉ ନାହିଁ । ଏ ହେଉଛି ନୂଆ ଯୁଗ, ଏଥିପାଇଁ ନୂଆ ଲକ୍ଷଣ ନୂଆ ହୋଇ ଗଢ଼ାହେବ । ପୁରୁଣାକୁ ଗୋଳିମାର ।"

ପାକୁଆ ଜଣକ ଯାକିହେଇ ଯାଇ କହିଲେ 'ହେଉ, ହେଉ ତାହାହିଁ ହେଉ । ଆଗ ନୂଆ ଲକ୍ଷଣ ସବୁ ତିଆରି କରାଯାଉ ତା ପରେ ସେ ଭେଦ୍ରୁ ଆଗାମୀ ଭଣ୍ଡମାନଙ୍କୁ ବାଛି ଦେବେ । ଜଣେ ପଚାରିଲା 'ଲକ୍ଷଣ ସବୁ କେମିତି ବାଛିବା ?'

ଟୋକାଟି କହିଲା, "ଏଇଟା କିଛି କଷ୍ଟକର କଥା ନୁହେଁ । ଡାକ୍ତରମାନେ ବହୁ ରୋଗୀ ଦେଖି ଦେଖି ସେମାନଙ୍କର ଲକ୍ଷଣ ବହିରେ ଟିପି ଅଛନ୍ତି । ଆମେ ସେମିତି ଯେଉଁମାନଙ୍କୁ ସାଧାରଣତଃ ବହୁଲୋକ ଭଣ୍ଡ ଭଣ୍ଡ ବୋଲି କହୁଅଛନ୍ତି ବା ଯେଉଁମାନଙ୍କର

ନାମ ପତ୍ର ପତ୍ରିକାରେ ବେଶି ବାହାରୁଅଛି ସେମାନଙ୍କ ପାଖରେ ବସାଇଥା କରି ତାଙ୍କର କାର୍ଯ୍ୟକଳାପ ଦେଖି ଗୋଟାଏ ମୋଟା-ମୋଟି ଲକ୍ଷଣ ତାଲିକା ତିଆରି କରିଦେବା ।"

ସମସ୍ତେ ଏକାବେଳକେ କହି ଉଠିଲେ—"ଠିକ୍ ଠିକ୍ ଯଥାର୍ଥ କହୁଛ । ଆଗାମୀ କବିମାନଙ୍କ ସହିତ ମିଳାମିଶା କରି ଲକ୍ଷଣ ଠିକରେଇବାକୁ ୩ ମାସ ସମୟ ଦିଆଗଲା । ଅଲଗା ଅଲଗା ତାଲିକା କରି ତହିଁରୁ ମୋଟାମୋଟି ଲକ୍ଷଣତକ ବାଛି ନେବାକୁ ବ୍ୟବସ୍ଥା କରାଗଲା । ଲକ୍ଷଣ ସଂଗ୍ରହରେ ସମସ୍ତେ ବାହାରିଗଲେ ।

ତିନି ମାସ ପରେ ପୁଣି ସଭା ବସିଲା । ଅଧିକାଂଶଙ୍କ ମନରେ ଆନନ୍ଦର ଚିହ୍ନ । ବସ୍ତାଲମାନଙ୍କ ହାତରୁ ତାଲିକା ନିଆଯାଇ ମିଳାଗଲା ତାଲିକାତକ ପ୍ରାୟ ସମାନ । ମୋଟାମୋଟି ଲକ୍ଷଣ ତାଲିକା ପ୍ରସ୍ତୁତ କରାଗଲା । ଜଣେ ଲେଖୁଥାଏ, ଆଉ କେତେ ଜଣ ଡାକୁଥାନ୍ତି—"ଲେଖ, ଏକରେ ଚୌର୍ଯ୍ୟଶାସ୍ତ୍ରକାର ।"

ପାକୁଆ ପଚାରିଲା 'ଏଁ—ସେ କିପରି ?"

ଜଣେ କହିଲା— "ଆରେ ବାବୁ ଏମାନେ ପଢ଼ିଲେ ଚୋରି ନ କଲେ କବିତା ଲେଖି ପାରନ୍ତି ନାହିଁ । ଅଧିକାଂଶ କବିତା ଦେଖିବ ଇଂରାଜୀ, ବଙ୍ଗଳା, ହିନ୍ଦୀ ପ୍ରଭୃତି କୌଣସି ଗୋଟିଏ ଭାଷାରୁ ଚୋରି । କେତେକ ଚୋର ଅଛନ୍ତି, ଯେପରି ପର କଂସା ତାଳକୁ କୁନ୍ଦ ନୂଆ କଲମ କରି ଦେଇ ବଜାରରେ ବିକ୍ରି କରନ୍ତି, ଏ କବିମାନେ ଠିକ୍ ସେହିପରି ଅନ୍ୟର କବିତାକୁ ଟିକିଏ ଉଲଟପାଲଟ କରିଦେଇ ନିଜ ନାଁରେ ସାହିତ୍ୟ ବଜାରରେ ବିକ୍ରି କରନ୍ତି । ଏ ଲକ୍ଷଣଟା ସବୁଠାରୁ ବେଶି ।"

ପୁଣି ଡାକାହେଲା—"ଲେଖ ଦୁଇରେ—ସମ୍ପାଦକଗତପ୍ରାଣ ।"

ପାକୁଆ କହିଲା—"ହଁ ହଁ ଭଲଭାବରେ ବୁଝା ପଡ଼ୁନି ?"

ଜଣେ କହିଲା "ଏମାନଙ୍କର କେବଳ କାମ ହେଉଛି ସମ୍ପାଦକମାନଙ୍କୁ ଖୋସାମଦ କରିବା । ଏ ଦିଗରେ କେତେ ଯେ ଶ୍ରମ ଖର୍ଚ୍ଚ ହୁଏ ତା କଳ୍ପନା କରି ହେବ ନାହିଁ । ଖୋସାମଦ ନ କଲେ ଯେ କେହି ତାଙ୍କ କବିତାକୁ ଦେଖି ପାରିବେ ନାହିଁ । ସମ୍ପାଦକମାନେ ଯେତେବେଳେ ତ ମଣିଷ । ତୈଳାକ୍ତ ହସ୍ତରେ କବିତା ଶିଘ୍ର ଶିଘ୍ର ଖସିଯାଏ ।"

ପୁଣି ଜଣା ହେଲା—"ଭୃଗାସ୍ତୁରେ କବି ସହବାସ ।"

ପାକୁଆ କହିଲା—"ଧେତ୍"

ଜଣେ କହିଲା "ଧେତ୍ କଅଣ ? ଅଧିକାଂଶଙ୍କୁ ଦେଖିବ ଚଶବର ସେମାନେ କୌଣସି ନା କୌଣସି ପ୍ରତିଷ୍ଠିତ କବି ପାଖରେ ବସିଥିବେ । ଗୁରୁଙ୍କ ପାଖରେ ଚଳପ୍ରଚଳ ହେଲେ ସମସ୍ତେ ତାଙ୍କୁ ବି ଗୁରୁ ବୋଲି ଭାବନ୍ତି । ସେହିପରି କବିଙ୍କ ପାଖରେ ବସିଲେ ଉଠିଲେ ଚଳପ୍ରଚଳ ହେଲେ ଲୋକମାନେ ଅତି ସହଜରେ କବି ବୋଲି ଜାଣିଯିବେ ।"

ଓକାଗୁଲିଲା—'ସ୍ୱରରେ ବିରହବେଦନା ଯୁକ୍ତ ।'

ପାକୁଆ କହିଲା—"ସତେ ?" ଡାକିଲା ବାଲା କହିଲା—"ଆଉ ପଚାରିବାକୁ ଅଛି ନା । ଅଧିକାଂଶ କବିତାରେ, ଗୀତ ଅଧରେ ଭୂଅ ଡାକିଲା ପରି 'ପ୍ରିୟା, ପ୍ରିୟା, ସଖି, ସଖି, ପ୍ରେମ, ପ୍ରେମ, ବେଦନା, ଚୁମା' ଲୁହାଟ । କବିମାନେ ଏକାବେଳକେ ଅସାମ୍ଭମ ।"

"ପାଞ୍ଚରେ ଗଦ୍ୟମୟତା । ଏ କବିମାନଙ୍କ କବିତା ଏମିତି ଯେ ସେମାନେ ନିଜେ ନ କହିଲେ ତାକୁ ପଦ୍ୟ ବୋଲି କେହି କହିପାରିବେ ନାହିଁ । ଏଇ ଧରଣର କବିତା ଲେଖି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିବା ଏମାନଙ୍କର ସାଧାରଣତ । ଅଥଚ କୌଣସି

ପ୍ରକାରରେ ଦୃଷ୍ଟି ଆକର୍ଷଣ କରିବାକୁ ହେବ । ତେଣୁ ସଭାରେ ଶବ୍ଦାସ୍ତ୍ରମାନ ଅଧୋବାୟୁ ତ୍ୟାଗ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କଲାପରି ଏମାନେ ଅପ୍ରାକୃତିକ କବିତା ଲେଖି ଦୃଷ୍ଟି ଆକର୍ଷଣ କରନ୍ତି ।”

“ଛଅରେ ପୁଞ୍ଜିପତି-ତାଡ଼ନ, ବହୁତ କବିତାରେ ଏ ମନୋଭାବ ଦେଖିବାକୁ ମିଳେ । ଲୁଅଣ୍ଟେର, ଧୂର୍ତ୍ତ, ରକ୍ତ-ପିପାସୁ, ସଇତାନ୍ ଇତ୍ୟାଦି ପୁଞ୍ଜିପତି ଶୋଷା ଗାଳି କରି ଯାଇଥାଏ । ଦୃଷ୍ଟି ଆକର୍ଷଣର ଏ' ବି ଗୋଟିଏ ସହଜ ପନ୍ଥା ! ଚାଲ ଉଚ୍ଛଳ ହେଲେ କିଏ ବା ନ ଅସେ ।

“ସାତରେ ଦୁର୍ବୋଧତା । ଏମାନଙ୍କର କବିତାକୁ ବୁଝିବା ମୁସ୍କିଲ । କବିତାରେ ଦର୍ଶନ ଦେବାକୁ ଯାଇଁ ଏମାନେ ଏଭଳି ଲେଖନ୍ତି । ଆଜିକାଲି ଦର୍ଶନର ଅର୍ଥ ହେଉଛି—ଯାହାକୁ କେହି ବୁଝି ପାରନ୍ତି ନାହିଁ । ନ ବୁଝିପାରି ବକୁଆ ହୋଇ କେବଳ ଚାହିଁ ରହନ୍ତି । ଅର୍ଥ ବୁଝିଲେ ସିନା ପାଟିରୁ କଥା ବାହାରିବ ? ନ ବୁଝିବାରୁ ବାଲୁ ବାଲୁ କରି କେବଳ ଚାହିଁବା ବା ଦର୍ଶନ ହିଁ ସାର ହୁଏ । ଏହି ଦର୍ଶନ ଦେବାକୁ ଯାଇ ଏମାନେ ଏପରି କବିତା ଲେଖନ୍ତି, ପାଠକମାନେ ବି ବୁଝି ନ ପାରି ଏଥିରେ ଗଭୀର ଦର୍ଶନ ଅଛି ବୋଲି ଧରି ନିଅନ୍ତି ।”

“ଅଠରେ 'ଅପଦୃଷ୍ଟି ଭଙ୍ଗୀ ।' କାଳୀଗାଈର ଲକ୍ଷ ଗୋଠ ପରି ଏମାନଙ୍କର ଗୋଟିଏ ସ୍ୱତନ୍ତ୍ର ଓ ଅଲଗା ଦୃଷ୍ଟିଭଙ୍ଗୀ ଥାଏ । ଏହି ବିକୃତ ଦୃଷ୍ଟିଭଙ୍ଗୀ ହେତୁ ଲଣ୍ଠନଟା ଏମାନଙ୍କୁ ଟିଣ ପରି, ସ୍ତନଟା ଅଫିମ ଫଳ ଓ ନାକଟା ଇଲେକ୍ଟ୍ରିକ ବଲ୍ବ ପରି ଦିଶେ । ଏ ସବୁ ଭଲ ବଡ଼ ଲକ୍ଷଣ । ଛୋଟ ଛୋଟ ଲକ୍ଷଣ ହେଉଛି— ସମ୍ବାଦୀ, ପଞ୍ଜାବୀ, ସିଗାରେଟ, ଝାମ୍ପ ବାଳ, ଚୋଟବଗଲ ଚକ୍ଷୁ,

କଲେଜ ଗାନ୍ଧୀଙ୍କ ଅନୁଧାବନ ଓ ତାଙ୍କ ଉଦ୍ଦେଶ୍ୟରେ କବିତା ରଚନା ଇତ୍ୟାଦି—"

ଲକ୍ଷଣ ଭାଲ୍‌କା ତଅର କାମ ସରିଗଲା । ସମସ୍ତଙ୍କ ମୁଖରେ ତୃପ୍ତିର ଚିହ୍ନ—

ପାଞ୍ଚୁଅ ଜଣେକ କହିଲା—"ଏଥରକ ଅଗାମୀ କବିଙ୍କୁ ସୁବିଧାରେ ବାଛି ହେବ ।"

# ଶାରଳା ସାହିତ୍ୟର ସମାଲୋଚନା

ଓଡ଼ିଶାରେ ସମାଲୋଚନା ସାହିତ୍ୟର କ୍ରମେ ଆଦର ବଢ଼ିବାକୁ ଥିଲେ ଅଣ୍ଟା ଭିଡ଼ି ପ୍ରସିଦ୍ଧ କବି ଶାରଳା ଦାସଙ୍କର ମହାଭାରତ ସମାଲୋଚନା କରିବାକୁ ବାହାରି ପଡ଼ିଲେ । ସୂର୍ଯ୍ୟ ନାରାୟଣ ଦାସ ପ୍ରଭୃତିଙ୍କର ସମାଲୋଚନା ତାହା ମନକୁ ପାଇଲା ନାହିଁ । କାରଣ ଜଣେ କହିଲେ—'ହେଃ ଓଡ଼ିଆ ସାହିତ୍ୟର ସମାଲୋଚନା କଲେ ଏପରି ସଂକୀର୍ଣ୍ଣ ମନା ହୋଇ କେବଳ ଓଡ଼ିଆ ଭାଷା ବିଷୟରେ ଲେଖିବା କାହିଁକି ? ଉଦାରମନା ହୋଇ ଇଂରେଜୀ ଭାଷାରେ କିଛି ଚର୍ଚ୍ଚା କରିବା ଦରକାର' ଆଉ ଜଣେ କହିଲେ, 'ଦାସେ ସମାଲୋଚନାଟାଏ ଲେଖିଛନ୍ତି ସେ ଗୋଟିଏ ହେଲେ ଇଂରେଜୀ କବିର ନା ନାହିଁ ।' ଆଉ ଜଣେ କହିଲେ, 'ଇଂରେଜୀରେ ଗଣ୍ଡାଏ, ଛଅଟା ଦାୟିକା ନଥିଲେ ତାହା ଆଦୃତ ହୋଇ ପାରିବ ନାହିଁ ।' ଆଉ ଜଣେ କହିଲେ, 'ହଁ ଠିକ୍ କଥା, ଇଂରେଜୀରେ

ସମାଲୋଚନା କିପରି ହୁଏ ତାହା ଶିଖିଲାରୁ ସିନା ଓଡ଼ିଆ ସମାଲୋଚନା କରିବାକୁ ଚାହାଁବେ । ଇଂରାଜୀ ଯେ ଆମେ ଜାଣିଛୁ ଏକଥା ଜଣାଇ ନ ଦେଲେ ଲୋକମାନଙ୍କ ଖାତିର ହେବ କିପରି ?' ଆଉ ଜଣେ କହିଲେ, 'ଆଜିକାଲି ସବୁଠାରେ ରାଜନୀତି ଚାଲିଛି ଓ ହାଁଡ଼ିଶାଳ ପର୍ଯ୍ୟନ୍ତ ସମସ୍ତେ ରାଜନୀତି ଚର୍ଚ୍ଚା କରୁଛନ୍ତି । ସେଥିଁ କାଗଜରେ ରାଜନୀତି ନାହିଁ ତାହା ଅଲୁଣା ତିଅଣ ପରି ।'

କଥା ହେଲା ସେମାନଙ୍କ ମଧ୍ୟରୁ ଜଣେ ଶ୍ରୀଓଗ୍ରନ୍ଥ ସମାଲୋଚନା ଲେଖିବେ; କାରଣ ତାଙ୍କ ପାଖରେ ଅନେକ ଦାମିକା ପୁସ୍ତକ ଅଛି । ଦାମିକା ପୁସ୍ତକ ମାନଙ୍କରେ ତ ସରସ୍ୱତୀ ସହଜରେ ବନ୍ଧା; ତେଣୁ ଗ୍ରନ୍ଥରେ ସେ ବହୁ ତାରିଖ ଉଦ୍ଧୃତି କରି ଯାହା ଲାଗିବ ତାହା ଯୋଗଦ ସରସ୍ୱତୀଙ୍କ ମୁଖରୁ ନିସୃତ ହେଲାପରି ଜଣାଯିବ ଏବଂ ତାହାକୁ ମଧ୍ୟ ସେଇ ଏକା ଛାପାଇ ପାରିବେ । ଏଇ ଅନୁସାରେ କାର୍ଯ୍ୟଟି ଆରମ୍ଭ ହୋଇଗଲା । ସ୍ତନ୍ଦଙ୍କୁ ସାହାଯ୍ୟ କରିବାକୁ ଉପରୋକ୍ତ ମତାବଲମ୍ବୀ ସାହିତ୍ୟିକମାନେ ମୁକ୍ତସୂନ ରହିଲେ ।

ଜଣେ ଲୋକ ଲେଖୁଥାଏ ଓ ସ୍ତନ୍ଦେ ସୂର୍ଯ୍ୟନାରାୟଣ ଦାସଙ୍କର ବହି ଦେଖି ଢାଳିବାରେ ଲାଗି ଥାଆନ୍ତି :—

'ଶାରଳା ଦାସଙ୍କ ପୂର୍ବରୁ ଅର୍ଥାତ ୧୫ଶ ଶତାବ୍ଦୀ ପୂର୍ବରୁ ଉତ୍କଳ, ବଙ୍ଗ, ମଗଧ କିମ୍ବା ପ୍ରାଚୀନ ଭାରତର କୌଣସି ଭାଷାରେ ଏତେ ବଡ଼ ମୌଳିକ ଗ୍ରନ୍ଥ ଏତେ ସୁନ୍ଦର ଭାବରେ ଲେଖା ହୋଇ ନାହିଁ । ଶାରଳା ଦାସଙ୍କ ମହାଭାରତ କେବଳ ଓଡ଼ିଶାରେ ନୁହେଁ, ସମଗ୍ର ଭାରତରେ ଏକ ବିଶିଷ୍ଟ ଆଦରଣୀୟ ଗ୍ରନ୍ଥ କହିଲେ ଅତ୍ୟୁକ୍ତି ହେବ ନାହିଁ ।'

ଜଣେ ସାହାଯ୍ୟକାରୀ କହିଲା, "ଏଲିଷ୍ଟ ଯୋଷିଦାଅ—ପ୍ରସିଦ୍ଧ ଇଂରେଜୀ କବି କିଟ୍‌ସ୍ କେବଳ ଏପରି ବିରାଟ ଗ୍ରନ୍ଥ ରଚନା କରି

ଥିଲେ । ତାହାର ପ୍ରଭାବ ଶାରଳା ଦାସଙ୍କ ଉପରେ ପଡ଼ିବାରୁ ସେ ଏପରି ବିରାଟ ଗ୍ରନ୍ଥ ରଚନାରେ ବ୍ରତୀ ହେଲେ ।'

ତାହା ଯୋଗା ହେଲା । ପୁଣି ବୃଦ୍ଧେ ହାକିଲେ—'ଶାରଳା ଦାସଙ୍କର ବିଷୟଜ୍ଞାନ, କଳ୍ପନା ବିଳାସ ଓ ମନୋମୁଗ୍ଧକର ରଚନା ଶୈଳୀ ତାଙ୍କର ଗ୍ରନ୍ଥକୁ ଅମର କରି ରଖିଛି ।' ଜଣେ ସାହାଯ୍ୟକାରୀ ପାଟିକରି ଉଠିଲେ—'ଯୋଗ ଯୋଗ—ଏପରି ଲାଳିତ୍ୟ ଓ କଳ୍ପନା ବିଳାସ ପ୍ରସିଦ୍ଧ ଇଂରେଜୀ କବି ଭାଲ୍ଟାୟାର ଓ ହୁଗୋଙ୍କ କବିତାରେ ଦେଖାଯାଏ । ଏମାନଙ୍କ ଲେଖାଗୁଡ଼ିକ ଶାରଳା ଦାସ ଭଲ ଭଲ କରି ପଢ଼ିଥିବାର ଅନୁମାନ କରାଯାଏ ।' ତାପରେ ବୃଦ୍ଧେ ପୁଣି ହାକିଲେ 'ପରବର୍ତ୍ତୀ ଯୁଗର ବହୁ ଉତ୍କଳୀୟ କବି ଶାରଳା ଦାସଙ୍କ ବର୍ଣ୍ଣିତ ବିଭିନ୍ନ ଆଖ୍ୟାୟିକା ମାନଙ୍କୁ ଆଶ୍ରୟ କରି କାବ୍ୟ ଓ କବିତା ଲେଖି ଯାଇଛନ୍ତି ।'

ମଝିରୁ ଜଣେ ଲୋକ ବାଧାଦେଇ କହି ଉଠିଲା—'ଏହେଁ ମଝିରେ ମଝିରେ ଗୋଟାଏ ଦୋଟାଏ ଶବ୍ଦ ବଦଳାଇ ଲେଖା ନ ହେଲେ ସୂର୍ଯ୍ୟନାରାୟଣ ଦାସଙ୍କ ବହିର ନକଲ ବୋଲି ଜଣା ପଡ଼ି ଯିବ ।'

ସେହି ଅନୁସାରେ ବୃଦ୍ଧେ ହାକିଲେ—'ଶାରଳା ଦାସଙ୍କ ଲିଖିତ ସୁଭଦ୍ରା ହେରଣ, ରୁକ୍ମିଣୀ ହେରଣ ପ୍ରଭୃତି 'ହେରଣ' ଗଳ୍ପିକା ବହୁ ପ୍ରଚଳିତ ଥିବାର ଦେଖାଯାଏ । ଉପେନ୍ଦ୍ର ଭଞ୍ଜଙ୍କ 'ସୁବର୍ଣ୍ଣ ରେଖା' ଶିଶୁମାନଙ୍କର 'ଶଶୀ ସେଣା' ଶାରଳା ଦାସଙ୍କର ଗଳ୍ପିକା ମାନଙ୍କର ଅନୁସରଣରେ ଲିଖିତ ।'

ଆଉ ଜଣେ ସାହାଯ୍ୟକାରୀ ଯୋଗି ଦେଲେ "କେବଳ ସ୍ୱଦେଶୀ କାହିଁକି ସୋଭିଏଟ କବି ଟେନିସନ ହୋମର, ଚସର, ଇଂରେଜୀ କବି ଦାନ୍ତେ, ଫେଁଟେ, ଫରାସୀ କବି ମିଲଟନ୍,

ୱାର୍ଡସ୍‌ୱାର୍ଥ ଇତ୍ୟାଦି କବିମାନେ ଶାରଳା ଦାସଙ୍କ ମହାଭାରତ ଦ୍ୱାରା ବହୁ ଭାବରେ ପ୍ରଭାବିତ ହୋଇଛନ୍ତି । ସେକ୍‌ସପିୟରଙ୍କର ଇଆଗୋ ଚରିତ୍ର ଶାରଳା ଦାସଙ୍କ ଶକୁନି ଚରିତ୍ରରୁ ଗୃହୀତ ହୋଇଛି । ସ୍ୱର୍ଗାରୋହଣ ପର୍ବଟି ପଢ଼ି ଟେନିସନ୍ ତାଙ୍କର ଇଉଲି-ସେସ୍ କବିତା ଲେଖିଥିଲେ ।'

ଗୁରୁଦେବ ପୁଣି ହାଙ୍କିଲେ—'ସ୍ୱୟଂ ଶାରଳା ଦାସ ସୁଦ୍ଧା ଭାଗବତ ଓ ହରିବଂଶ ପ୍ରଭୃତି ପୁରାଣମାନଙ୍କର କେତେକ ଆଖ୍ୟାନ ଗ୍ରହଣ କରିଛନ୍ତି । ଶକୁନ୍ତଳା କଥା, ଜଟାବିବାଦ, ନଳକଥା ଭାଗବତରୁ ଗ୍ରହଣ କରିଛନ୍ତି ।'

ସାହାଯ୍ୟକାରୀ ଯୋଡ଼ିଲେ—ବାଇରନଙ୍କ ଶୃଙ୍ଗାର ରସପୂର୍ଣ୍ଣ କବିତା ଓ ମିଲ୍‌ଟନଙ୍କ ହାସ୍ୟରସ ପୂର୍ଣ୍ଣ କବିତା ଓ ୱାର୍ଡସ୍‌ୱାର୍ଥଙ୍କ ଜ୍ୱାଳାମୟୀ କବିତାକୁ ଜର୍ଷ୍ଟିନ କରି ଶାରଳା ଦାସ ବହୁ ବିଷୟ ଲେଖି ଯାଇ ଅଛନ୍ତି । ଭୀଷ୍ମପର୍ବରେ ଲେଖା ଅଛି କୃଷ୍ଣଙ୍କର ମହିମାର ଆଦିଅନ୍ତ ନ ପାଇ ଅର୍ଜୁନ କହି ଉଠିଲେ 'ହେ ଭଗବାନ ଆପଣଙ୍କୁ କ'ଣ ବୋଲି ଡାକିବି ତାହା ମୁଁ କଳ୍ପନା କରି ପାରୁ ନାହିଁ ।' ଏହା ଭଲଟାୟାରଙ୍କ ରଚିତ କବିତା "ସାଲ୍ ଅଇ କଲ୍ ଦ ଏ ବାର୍ଡ ଅର୍ ବଟ୍ ଏ ୱାଣ୍ଡରିଙ୍ଗ୍ ଭଏସ୍" ର ଅକ୍ଷରଶଃ ଅନୁବାଦ କହିଲେ ଚଳେ ।'

ଅନ୍ୟଜଣେ ସାହାଯ୍ୟକାରୀ କହିଲେ 'ଆରେ ବାଇବଲ ବାଦ ଓ ଦର୍ଶନ ବିଷୟ କିଛି କିଛି ଉଲ୍ଲେଖ କରିବା ତ ଦରକାର । ଦେଖ ଯୋଗା—ବିଶ୍ୱ-ବ୍ରହ୍ମାଣ୍ଡର ସୋସିଆଲିଜମ୍, କମ୍ୟୁନିଜମ୍, ଫାସିଜମ୍, ନ୍ୟୁଡ଼ିଜମ୍, ବାରବାରିଜମ୍, ମେସମେରିଜମ୍ ଇତ୍ୟାଦି ସାର୍ବଜାତୀୟ ବାଦ" ଏହି ମହାଭାରତରୁ ହିଁ ଉଦ୍ଭବ । ପ୍ରସ୍ତୁତଙ୍କର

ଡାରୱିନ ବାଦ ଓ ଫ୍ରାଉଡ୍‌ଙ୍କ ଯୌନବାଦର ଜନକ ଏହି ଶାରଳାଦାସଙ୍କ ମହାଭାରତ।'

ଅନ୍ୟଜଣେ ସାହିତ୍ୟିକ ଲେଖିଲେ—'ଶାରଳାଦାସଙ୍କ ରଚନା ପାଶ୍ଚାତ୍ୟ ସାହିତ୍ୟର ଏଲିଅଟ୍, ଲରେନ୍ସ, ମିଲ୍ଟନ୍ ଅଡ୍‌ଭବର୍, ବାଇରନ୍, ଓଡ୍, ଓ ଏଲିଜି ପରି ଭାବନାପ୍ରଭାବରେ ପରିପୂର୍ଣ୍ଣ'

ଅନ୍ୟଜଣେ ସାହିତ୍ୟିକ କହିଲେ, 'ଆରେ ବୁଝୁନାହିଁ ସେ ଗୁଣ୍ଡିଗଲେ ଯୋଗ ଯୋଗ—'ଦୁର୍ଯ୍ୟୋଧନଙ୍କ ଐଶ୍ୱର୍ଯ୍ୟ ବର୍ଣ୍ଣନାରେ ପୁଞ୍ଜିପତି ଓ ତାର ଦଲାଲମାନଙ୍କର ପ୍ରଚ୍ଛନ୍ନ ହସ୍ତ ଥିବାର ଅନୁମାନ କରାଯାଏ। ଶାରଳାଦାସ ଏକରକମ ପୁଞ୍ଜିପତିଙ୍କର ହାତବାରିସି ହୋଇ ପଡ଼ିଛନ୍ତି। କେବେ କେବେ ଶାରଳାଦାସ କମ୍ୟୁନିଷ୍ଟଙ୍କ ଫାନ୍ଦରେ ମଧ୍ୟ ପଡ଼ି ଯାଇଛନ୍ତି। ତାଙ୍କର ବର୍ଣ୍ଣିତ କୃଷ୍ଣ ଜଣେ ପକ୍କା କମ୍ୟୁନିଷ୍ଟ। ଷଡ଼ଯନ୍ତ୍ର, ଧର୍ମଘଟ, ଧ୍ୱଂସଲୀଳା, ନିର୍ମମ ହତ୍ୟାକାଣ୍ଡ, ଅମାନୁଷିକ ଅତ୍ୟାଚାର ଭିଆଇବାରେ ସେ ଧୁରନ୍ଧର। ଶୋଷିତ ସର୍ବହରା ସମ୍ପ୍ରଦାୟ ପ୍ରତି ଶାରଳାଦାସଙ୍କର ଯେ ସହାନୁଭୂତି ନ ଥିଲା, ତାହା ନୁହେଁ।

ଅନ୍ୟଜଣେ ସାହିତ୍ୟିକ ଏହି ସମୟରେ ପାଟିକରି କହିଲେ—'ବାସ୍ ବାସ୍ ଏଇଠାରେ ବନ୍ଦ କର। ଆବ୍ରୁପ୍ଟ ଏଣ୍ଡିଙ୍ଗର ଚମତ୍କାରିତାରେ ଖିଲ୍ ଖିଲ୍ ହାସ୍ୟ ଫୁଟି ଉଠିବ।'

ସମାଲୋଚନାଟି ପୁଣି ଅନ୍ୟପଥରେ ପଡ଼ିଗଲା। ବୃଦ୍ଧେ କହି ଉଠିଲେ—'ଆମର ସମାଲୋଚନାଟି ସର୍ବଶ୍ରେଷ୍ଠ। ଏହା ସମସ୍ତେ ସ୍ୱୀକାର କରିବାକୁ ବାଧ୍ୟ। ସାହିତ୍ୟିକମାନେ କ୍ଷୀଣ ସ୍ଲୋଗାନ ଦେଇପର କହି ଉଠିଲେ "ନଷ୍ଟସ୍ତୁ। ନଷ୍ଟସ୍ତୁ" !!

# ମୃତ୍ୟୁ ପ୍ରବନ୍ଧର ଚାବିକାଠି

ଜବରଦସ୍ତ ଲେଖକ ଶ୍ରୀ ବନ୍ଟୁ ମିଶ୍ରଙ୍କ ଜର୍ମମଣ ବିଷୟରେ ଗୋବର୍ଦ୍ଧନ ସେଦିନ ଅବାକ୍ ନ ହୋଇ ରହି ପାରିଲା ନାହିଁ । ସେଇଦିନ କବି ଲିଙ୍ଗା ଦାଶଙ୍କର ଦିନ ଦୁଇଟାରେ ମୃତ୍ୟୁ ହୋଇଛି । କି ଆଶ୍ଚର୍ଯ୍ୟ, ସନ୍ଧ୍ୟା ପାଞ୍ଚଟା ବେଳକୁ ଖବରକାଗଜରେ ପୂରା ସ୍ତମ୍ଭ-ସ୍ତମ୍ଭବ୍ୟାପୀ ଏକ ପ୍ରବନ୍ଧ ତାଙ୍କ ବିଷୟରେ ବାହାରି ପଡ଼ିଲା । ଲେଖକ ହେଉଛନ୍ତି ଶ୍ରୀ ବନ୍ଟୁ ମିଶ୍ର । ଗୋବର୍ଦ୍ଧନର ଆଖି ଖୋସି ହୋଇଗଲା । କେଉଁ କବି ବା ଲେଖକ ମଲେ ତାଙ୍କ ବିଷୟରେ ଖବରକାଗଜରେ ବାହାରିଥିବା ପ୍ରବନ୍ଧ ତଳେ ବନ୍ଟୁ ମିଶ୍ରଙ୍କ ନାମ ସେ ପ୍ରାୟ ବରାବର ପଢ଼ିଥାଏ । କିନ୍ତୁ ସେ ସବୁଥିରେ ଲେଖିବାପାଇଁ ଅଳ୍ପ କିଛୁତ ସମୟ ପାଇଥିବାର ସୂଚନା ଥାଏ । ଫ୍ଲୁକ୍ ଷ୍ଟୋଖଡ୍ ମାର୍ ଲେଖକ ହେଲେ ଗୋଟିଏ ଦିନରେ ଜଣେ କବିର ମୃତ୍ୟୁ ପ୍ରବନ୍ଧ ଲେଖିଦେଇ ପାରିବ ବୋଲି ଗୋବର୍ଦ୍ଧନର ଏକ କୁହା ଧାରଣା ଥିଲା । କିନ୍ତୁ ଲିଙ୍ଗା

କବି ବେଳକୁ ଗୋବର୍ ଏକଦମ୍ ଜକୁଆ । ସମସ୍ତ ହାଲ୍ ଚୁଲ୍ ଷ୍ଟାଣ୍ଡର୍ଡ଼—ଦୁଇଟାରେ ମଲେ ତ ପାଞ୍ଚଟାରେ ମୃତ୍ୟୁ ପ୍ରବନ୍ଧ ଖବରକାଗଜରେ । ଚାରି ସ୍ତମ୍ଭବ୍ୟାପୀ ଏହି ବିରାଟ ପ୍ରବନ୍ଧଟିକୁ ଲେଖିବାକୁ ତ କେବଳ ଚାରିଘଣ୍ଟାରୁ ବେଶୀ ସମୟ ଲାଗିଯିବ । ସେଥିରେ ପୁଣି ଅକ୍ଷର ଗଣ୍ଠା, ସଂଶୋଧନ, ସଟେଇବ ଓ ଛପେଇ ରହିଛି । ଖୁବ୍ ବଢ଼ିଆ ଖଞ୍ଜାଳି ହେଲେବି ଚାରିସ୍ତମ୍ଭ ଅକ୍ଷର ଖଞ୍ଜିବାକୁ ଦିନେ ବା ଅଠଘଣ୍ଟାରୁ କମ୍ ସମୟ ଲାଗିବନି । ଗୋବର୍ ନିଶି ଘଷିଲା, ହୋଇ ପାରିବ ନା ତ ହେଲା କେମିତି ? ହୁଏତ ତା କଳ୍ପନାଟା ବହୁତ ପଛରେ ପଡ଼ିଯାଉଛି । ଆଜି କାଲିର ଏ ଭୀଷଣ ପ୍ରତିଯୋଗିତା କ୍ଷେତ୍ରରେ ତହୁଁ ବଡ଼ା, ତହୁଁ ବଡ଼ା ରଥୀମାନେ ତାହାର ପଛୁଛନ୍ତି । ଲଙ୍ଗା କବି ବେଳକୁ କିଛି ଥଳକୂଳ ନ ପାଇ ଗୋବର୍ ଶେଷରେ ମନେ ମନେ ସ୍ଥିର କଲା—ଲେଖକ ବନୁ ଗୋଟାଏ ଦେବତା, ଖବର କାଗଜ ସମ୍ପାଦକ ଗୋଟାଏ ଦେବତା, ଅକ୍ଷର ଖଞ୍ଜାଳି, ସଂଶୋଧକ ଓ ସ୍ତମ୍ଭସଜାଳି ସମସ୍ତେ ଗୋଟିଏ ଗୋଟିଏ ଦେବତା । ଦେବତା ଛଡ଼ା ଅନ୍ୟ କାହାରି ଏପରି ଉତ୍ସାହ ହୋଇ ପାରିବ ନାହିଁ । ମଣିଷ କେବଳ ସେ ନିଜେ, ଯାହାର କଳ୍ପନା ବି ବହୁତ ପଛରେ ପଡ଼ିଯାଉଛି ।

ସେ ନିଜେ ବି ଜଣେ ମୃତ୍ୟୁ ପ୍ରବନ୍ଧ ଲେଖକ । ଅକ୍ଲାନ୍ତ ଚେଷ୍ଟା ବହୁବାର କରି ସେ ବହୁ ପ୍ରବନ୍ଧ ଲେଖିଛି, କିନ୍ତୁ କୌଣସି ଗୋଟିଏ ଖବର କାଗଜରେ ସ୍ଥାନ ପାଇ ନି । ତାର ସ୍ଥାନକୁ ସର୍ବଦା ବନୁମିଶ୍ରର ପ୍ରବନ୍ଧ ଆଗରୁ ଦଖଲ କରି ସାରିଥାଏ । କର୍ଣ୍ଣର ଅର୍ଜ୍ଜୁନ ପରି ବନୁ ମିଶ୍ର ତାର ନଷ୍ଟୁଙ୍ଗ ବନ୍ଧା ପ୍ରତିଦ୍ୱନ୍ଦୀ । ଏଯାଏ ଗୋବର୍ ବନୁକୁ ମନେ ମନେ ହିଂସା କରି ଆସିଥିଲା, କିନ୍ତୁ ଲଙ୍ଗା କବି ବେଳକୁ ସେ ଏକାବେଳକେ ଅଣ୍ଟେଇ ପଡ଼ିଲା । ବନୁର

କଲ୍ପନାଗୀତ ପ୍ରତିଭା ଆଗରେ ତାର ମୁଣ୍ଡ ଥରେଁ ଥରେଁ ନଇଁ ପଡ଼ିଲା । କୃଷ୍ଣଙ୍କ ଆଗରେ ଅର୍ଜୁନ ସ୍ତୁତି କଲାପରି ସେ ମନେ ମନେ କହିବାକୁ ଲାଗିଲା, ହେ ମହାତ୍ମା ତୋଠାରେ ଶରଣ ପଶିଲି ମୋତେ କରୁଣା ଦିଅ । ଅଜ୍ଞଠାରୁ ତୁମ୍ଭର ସ୍ନେହ ହେଲି ତୁମ୍ଭ ଶକ୍ତିରୁ କିଞ୍ଚିନ୍ମାତ୍ର ମୋତେ ଦିଅ ।

ମନର ବଳବତୀ ଇଚ୍ଛା କ୍ରମେ କିସ୍ମାରେ ପରିଣତ ହେବାକୁ ଲାଗିଲା । ଗୋବର୍ଦ୍ଧ ଧୀରେ ଧୀରେ ବନ୍ଧୁ ସଙ୍ଗେ ମେଣ୍ଟ୍ରାଲି ଜଡ଼ାତେଲି ହୋଇଗଲା । ଚା, ଜଳଖିଆ, ସିଗାରେଟ୍‌ରେ ବନ୍ଧୁକୁ ବସ ଭସେଇ ଦେଲା । ଥିଏଟର ସିନେମା ଦେଖାଇ ତା ମନ ରସେଇ ଦେଲା, ସୀମା ଛୋଡ଼ୁ ପ୍ରଶଂସାର ହୁଦକୁ ଲସେଇ ଦେଲା ।

ଗୋବର୍ଦ୍ଧର ଏ ସବୁ କାମକୁ ବନ୍ଧୁ ଯେ ପର୍ଯ୍ୟନ୍ତ ପ୍ରତିଭା ପୂଜା ବୋଲି ଭାବିଥିଲା ସେ ପର୍ଯ୍ୟନ୍ତ ସେ ଗୋବର୍ଦ୍ଧର ପ୍ରକୃତ ବନ୍ଧୁ ପାଲଟି ଯାଇଥିଲା । ଯେଉଁ ଦିନ ଏ ହାତ ନେହୁରା ହୋଇ ମୃତ୍ୟୁ ପ୍ରବନ୍ଧ ଲେଖାର ସ୍ବତ୍ୱଛାଟିଶା ମାଗିଲା, ସେଦିନ ବନ୍ଧୁ ଚମକି ପଡ଼ିଲା । ରଞ୍ଜନରଶ୍ମି ପରଦାରେ ଭିତରର ହାଡ଼ ପଦାକୁ ଦେଖାଗଲା ପରି ଗୋବର୍ଦ୍ଧର ମନ କଥାଟା ତାକୁ ପରିଷ୍କାର ଦେଖାଗଲା । ମନ ଭିତରେ ମୁର୍କି ହସା ଦେଇ କହିଲା—"ହଁ। ବାବୁଧନ, ଏଇଥିଲାଗି ଏତେ ପଟାପଟି ଏତେ ଲୁଚାଲୁଚି ମନେ ମନେ ମୁଁ ଖାଉଥା । ସାତଜନ୍ମ ଗଲେ ବି ବନ୍ଧୁଠାରୁ ସ୍ବତ୍ୱ ନ ପାଇ ।"

ସେହିଦିନଠାରୁ କଥାବାର୍ତ୍ତାରେ ବନ୍ଧୁ ଖୁବ୍ ସତର୍କ ରହିଲା । ନାନା ଉପାୟରେ ବାଟେଇ ବୁଲେଇ ଗୋବର୍ଦ୍ଧ ତାକୁ ସାହିତ୍ୟ ଚର୍ଚ୍ଚା ଆଡ଼କୁ ଟାଣି ଆଣେ, କିନ୍ତୁ ମୃତ୍ୟୁ ପ୍ରବନ୍ଧର ପାଖାପାଖି

ହୋଇଗଲେ ବନ୍ଧୁ ରଞ୍ଜନ୍ କୁ ଦେଇ କଥାଟା ବାଆଁରେଇ ଦଏ । ବାରମ୍ବାର ଏପରି ହତାଶ ହେବାରୁ ଗୋବର ଦିନେ ସାଫ୍ ସାଫ୍ ପଚାରିଲା—"ନ କହିବାର ନାହିଁ କହିଦେବ, ଏତେ ଭଣ୍ଡାଭଣ୍ଡି କାହିଁକି ? ପରିଷ୍କାର କହିଦିଅ, ମୁଁ ପଛେ ତୁମ ପାଖକୁ ଆଉ ନ ଆସିବି ।" ସାମାନ୍ୟ ପଦେ କଥାରେ ଏତେ ମଉଜ ଟୋ ପଟାସ ପାଣିରେ ମଜ୍ଜିଯିବ ଭାବି ବନ୍ଧୁ ଟିକିଏ ନରମଗଳାରେ ଓ ହସି ହସି କହିଲା—"କଅଣ ଗୁଡ଼ାଏ କହୁଛୁ ମ, ଏଗୁଡ଼ାକ ଖାଲି ଅଭ୍ୟାସର କଥା । ଅଭ୍ୟାସ କଲେ ପୃଥିବୀର କୌଣସି ଜିନିଷଟା ଅସାଧ୍ୟ ହେବ ନାହିଁ । କିଛୁଦିନ ଧରି ଅଭ୍ୟାସ କରି ଲେଖିଲେ ତୁମେ ମଧ୍ୟ ଏହିପରି ଲଟାପଟ ଲେଖି ପାରିବ ।

ଆଶ୍ଚର୍ଯ୍ୟାନ୍ୱିତ ହୋଇଯାଇ ଗୋବର ପଚାରିଲା, "ଅଚ୍ଛା ଲଙ୍କା କବିର ଯେଉଁ ମୃତ୍ୟୁ ପ୍ରବନ୍ଧଟା ଲେଖିଲ ତାହା କଅଣ ଅଭ୍ୟାସ ଫଳରେ ହେଲା ?"

"ହୁଁ କେବଳ ଅଭ୍ୟାସ ଛଡ଼ା ଆଉ କିଛି ନୁହେଁ—"

"ଲଙ୍କା କବିର ମୃତ୍ୟୁଠାରୁ ଛପାଇ ସମୟ ମାତ୍ର ତିନିଘଣ୍ଟା । ଏହାରି ଭିତରେ ଲେଖାଇ, ଅଫିସ ଗଛେଇ, ସଜାଇ, ଛପାଇ ବାହାରିଲା କେମିତି, ଯେତେ ବେଗି ଲେଖିଲେ ବି ୩୪ ଘଣ୍ଟାରୁ ତ ଊଣା ଲାଗିବ ନି ।"

'ବିଶ୍ୱାସ କଲେ କର ନ କଲେ ନାହିଁ, ମୁଁ ମାତ୍ର ଅଧଘଣ୍ଟାଏ କି ଘଣ୍ଟାଏ ଭିତରେ ଲେଖି ଦେଇଥିଲି ।"

ଗୋବର ଦେଖିଲା ଆଉ ବେଶି ନେଭେଡ଼େଇ ହୋଇ ଲାଭ ନାହିଁ । ତେଣୁ ସେ ଅନ୍ୟ ରାସ୍ତା ଖୋଜି ବସିଲା ଓ ସୁଯୋଗକୁ ଚାହିଁ ରହିଲା । ଦୈବଯୋଗ ଏମିତିସେ ଦିନେ ଦୁ' ପହରେ କବି ଚଣ୍ଡୀ ଦାସଙ୍କର କାଳ ହୋଇଗଲା । ଆଉ ଖବରଟା

ପହଞ୍ଚିଲା ଗୋବର୍ଦ୍ଧ ପାଖରେ । ସେ ସଙ୍ଗେ ସଙ୍ଗେ ଧାଇଁଲା ବନ୍ଟୁ ଘରକୁ । ମନେ ମନେ ସେ ଖୁବ୍ ଆନନ୍ଦିତ ହେଉଥାଏ । ଏତେଦିନେ ସୁଯୋଗ ମିଳିଛି, ଅଡ଼ୁଆ ସୁତାର ମୁହଁଟା ଆଜି ନିଶ୍ଚେ ମଳିବ । ବନ୍ଟୁ ଘରେ ପହଞ୍ଚି ଦେଖେତ ସେ ବସି ଖୁରରେ ନିଶ ଦାଢ଼ି ଘଷୁଛି । ନିଶ ଦାଢ଼ି ଫାଳେ ସବଛି କି ନାହିଁ, ଗୋବର୍ଦ୍ଧ ଉତ୍ତରଦେଲା—"ଶୁଣିନାହିଁ; ଚଣ୍ଡୀଦାସେ ଆଜି ମରିଗଲେ ।" ବନ୍ଟୁ ଚମକି ପଡ଼ିଲା । ଅର୍ଦ୍ଧନଗ୍ନର ବେଶକଥା ଭୁଲିଯାଇ ଖୁରଟା ବନ୍ଦ କରି ଥୋଇଦେଲା ଓ ପଚାରିଲା—"କେତେବେଳେ ?"

—"ଏଇ ଅଧଘଣ୍ଟା ହେଲା, ମୁଁ ତ ଶୁଣିବା ମାତ୍ରେ ଏଠାକୁ ଦଉଡ଼ି ଆସିଲି; ଏବେ ଲେଖା ଆରମ୍ଭ କର, ଆଉ ଡେରି କାହିଁକି ?"

ବନ୍ଟୁ ସେତେବେଳକୁ ଏକାବେଳକେ ବିଚଳିତ ହୋଇ ପଡ଼ିଲାଣି । ସମୟ ଖୁବ୍ କମ୍ । ତାର ଭିତରେ ମୃତ୍ୟୁ ପ୍ରବନ୍ଧଟି ଖବରକାଗଜକୁ ପଠାଇବାକୁ ହେବ । କିନ୍ତୁ ଗୋବର୍ଦ୍ଧ ଆଗରେ ତ ସେ ହାଣ୍ଡି ମେଲିକରି ପାରିବନାହିଁ । ଏଣେ ଗୋବର୍ଦ୍ଧ ନଛୋଡ଼ବନ୍ଧା । ଠିକ୍ ଲିଙ୍ଗାଭଣ ମଲାଦିନ ପରି ଆଉ ଗୋଟିଏ ଦିନ ଆସିଛି । ଆଜି ବନ୍ଟୁର ପ୍ରତିଭାକୁ ନିଜ ଆଖିରେ ଦେଖିବାର ସୁଯୋଗ ପାଇବ । ନାନା ଉପାୟରେ ବନ୍ଟୁ ଗୋବର୍ଦ୍ଧର ଉପସ୍ଥିତିକୁ ଅବାଞ୍ଛନୀୟ ବୋଲି ଇସାରା ଦେଲେ ସୁଦ୍ଧା ସେ ଅଟଳ । ବାଧ୍ୟ ହୋଇ ବନ୍ଟୁ ମୁହଁ ଖୋଲିଲା "ହଉ ତୁମେ ତେବେ ଯାଅ"—

"ମୁଁ ତୁମର କି ଅସୁବିଧା କରୁଛି କି ?"

"ମୁଁ ଏକୁଟିଆ ଟିକିଏ ନିରୋଳାରେ ଲେଖିବି ।"

ମୁଁ ତୁନି ହୋଇ ବସୁଛି ତୁମେ ଲେଖ ।"

ବିରକ୍ତିଆ ମୁହଁକରି ବନ୍ ଆଲମାରିରୁ ୨।୩ଟା ମୋଟାବସ୍ତାନି କାଢ଼ି ଆଣିଲା । ବସ୍ତାନି ଖୋଲି ତରତରରେ କାଗଜ ଗୁଡ଼ାକ ଲେଉଟାଇ ଗଲା । ଗୋବର୍ ଟିକିଏ ଭଙ୍କି ମାରିଲାରୁ ବସ୍ତାନିଟା ବନ୍ଦ କରିଦେଇ ବନ୍ କହିଲା "ସେଗୁଡ଼ାକ ଘରୋଇ ଜିନିଷ ତୁମର ଦେଖିବା ଉଚିତ ନୁହେଁ ।" ଗୋବର୍ ଟିକିଏ ଅପ୍ରତିଭ ହୋଇ ବସିଗଲା ସତ କିନ୍ତୁ ମନଟା ଖାଲି ଟୋଟେଲଇ ଘାଣ୍ଟି ହେଲା । ସେ ଭାବିଲା— ଲେଖାଲେଖିର ମସଲା ନିଶ୍ଚେ ଏହି ବସ୍ତାନି ଭିତରେ ଅଛି । ଏହିଥିରୁ ଦେଖି ବୋଧହୁଏ ବନ୍ ଲେଖି ପକାଏ ।

ଠିକ୍ ଏହି ସମୟରେ ଘର ଭିତରେ ଗୋଟିଏ କାଚ ଟିଲିସ୍ ପଡ଼ି ଚୂନା ହୋଇଯିବାର ଶବ୍ଦ ଶୁଣାଗଲା । 'ଶଳା ବିରାଡ଼ି' ବୋଲି କହି ବନ୍ ବସ୍ତାନିକୁ ଧରି ଘର ଭିତରକୁ ପଶିଗଲା । ଏହାରି ଭିତରେ ଗୋବର୍ ବସ୍ତାନିରୁ ପୁଳେ କାଗଜ ଟାଣିନେଇ କାମିଜ ତଳେ ଅଣ୍ଟାରେ ଗୁଞ୍ଜିଦେଲା । କାଚ ଟୁକୁରାତକ ଫୋପାଡ଼ି ଦେଇ ବନ୍ ଶୀଘ୍ର ଫେରିଆସିଲା । ଗୋବର୍ ତା' ମୁହଁରୁ ପରିଷ୍କାର ଜାଣିପାରୁଥାଏ ଯେ ତାକୁ ସେଠାରୁ ତଡ଼ିବାକୁ ସେ ଅଦମ୍ୟ ଚେଷ୍ଟା ଚଳାଇଛି । ଶେଷରେ ବନ୍ ବସ୍ତାନିତକ ଥୋଇଦେଇ କହିଲା—"ଚାଲ ଯିବା ମୁଁ ଏହୁଷଣି ଲେଖିବି ନାହିଁ, ପଡ଼ାରେ ଟିକିଏ କାମ ଅଛି ମୁଁ ଯିବି । ଗୋବର୍ ଶେଷରେ ତଳକୁ ଆସିଲା । କବାଟଟା ଲଗେଇ ଦେଇ ବନ୍ ତରତରରେ ୧୫।୨୦ ଗଜ ଚାଲି ଯାଇଛି କି ନାହିଁ, ଦି' ଚାରିଜଣ ଲୋକ ତା ମୁହଁକୁ ଚାହିଁ ଟେଁ ଟେଁ ହୋଇ ହସି ଉଠିଲେ । ଗୋବର୍ ମନେ ମନେ ଭାବିଲା "ଓଃ କି ବିବ୍ରତ ନ ହୋଇ ପଡ଼ିଛି । ହତଭାଗା ବାକି ଅଧିକ ଖିଅରି ହେବାକୁ ବି ଭୁଲି ଯାଇଛି"। ଲାଜରେ ଶରବିନ୍ଦା ହୋଇଯାଇ

ବନ୍ ପୁଣି ଘରକୁ ଲେଉଟି ଆସିଲ । ଗୋବରା କିନ୍ତୁ ଆଉ ତାକୁ ବ୍ୟସ୍ତ ନ କରି ନିଜ ଘରକୁ ତନାଘନାରେ ଚାଲିଗଲା ।

ସେଫ୍ଟିଭଲ୍ଟ କାଗଜଗଦା କାଢ଼ି ଦେଖିବାମାତ୍ରେ ଗୋବରା ଏକାବେଳେକେ ଜଡ଼ ପାଲଟିଗଲା । କାଗଜ ଗୁଡ଼ାକ ଗୋଟିଏ ଗୋଟିଏ ମୃତ୍ୟୁ ପ୍ରବନ୍ଧ । ତାହାଉପରେ ଲେଖା ହୋଇଛି— ନାଁ, ନୀଳକଣ୍ଠ ମହାନ୍ତି, ଆର୍ତ୍ତବଲ୍ଲଭ ଦାଶ, ଗୋଦାବରୀଶ ଭର, କାଳିନ୍ଦ ପଟ୍ଟନାୟକ, ମାୟାଧର ଦାଶ, ରାଧାମୋହନ ପାଣି । ଏମାନେ ସୁସ୍ଥ ସବଳ ଦେହରେ ବଞ୍ଚିଥିଲେ ବି ଏମାନଙ୍କ ଉପରେ ମୃତ୍ୟୁ ପ୍ରବନ୍ଧ । ପ୍ରତି ପ୍ରବନ୍ଧରେ ଦୁ’ ଗାରଜାଗା ଫାଙ୍କା ରହିଛି । ବୋଧହୁଏ ମରଣ ତାରିଖ ଖବର କାଗଜକୁ ପଠାଇବା ଲାଗି । ଏତେବେଳେକେ ଯାଇ ଗୋବରା ମୃତ୍ୟୁ ପ୍ରବନ୍ଧର ଗୁମର୍‌ଟା ପାଇଗଲା । ବର୍ତ୍ତମାନ ସେ ଜାଣିପାରିଲା ସେ କାଇଁ ଆଉ ଥାଉ ପ୍ରେତଦନିସ୍ତା ଜବଲ ଦେବା ବେଗଟା ଯାଇ ସାମ୍ନାଟ୍ୟରେ ପଶିଲାଣି । ଅପଛ ନିଅ ଟିକିଏ ନାଁ ଥାଇଁ ଜୀଅନ୍ତା ଗଣମାନ୍ୟ ଲେଖକମାନଙ୍କର ମରଣକୁ ଠାକି ବସିଛି । ଅଲକ୍ଷଣଟା ଚନ୍ଦ୍ରଗୁପ୍ତର ବଡ଼ବୋପା ।

ଗୋଦାବରୀ ମହାନ୍ତିଙ୍କ ମୃତ୍ୟୁ ପ୍ରବନ୍ଧଟା ତାକୁ ଅଧିକ ଆଶ୍ଚର୍ଯ୍ୟାନ୍ୱିତ କଲା । ସେଇଟା ହାତଲେଖା ନୁହେଁ ସେ ଏକଦମ ଛାପେଇ ଅକ୍ଷର । ଛପା ହେଲାବେଳର ସଂଶୋଧନ ପତ୍ର ବା ପ୍ରୁଫ୍ କପିରେ ହୋଇଛି । ଖରି ଖରି ଗୋବରା ଟୋଟାଏ କନାସ ପାଇଗଲା । ଏ ପ୍ରବନ୍ଧଟି ବୋଧହୁଏ ଅକ୍ଷର ଦେଞ୍ଜା ହୋଇ ପ୍ରେସରେ ସାଇତା ହୋଇଛି । ଦରକାର ପଡ଼ିଲେ ୧୫ ମିନିଟ୍‌ରେ ଛପାଯାଇ ପାରିବ । ଲେଖକମାନଙ୍କ ମଧ୍ୟରେ ସବୁଠାରୁ ବୁଢ଼ା, ମରିବା ପାଇଁ ଯାହାଙ୍କର ସବାଆଗ, ତାଙ୍କର ମରଣ ପାଇଁ ଧନମଣି ବୋଧହୁଏ ଅବାରୁଣ୍ଡ ଲେଖି ଅକ୍ଷର ଦେଞ୍ଜିଲ ପ୍ରେସରେ ସାଇତି ରଖି ଦେଇଛି ।

ଲୁପ୍ତି ତ ଲେଖକଟା କଅଣ ନ କରନ୍ତୁ । ଗଣମାନ୍ୟ ଲେଖକ ଏମାନେ । ଦେଶବାସୀ ସ୍ପୃହୁଁଛନ୍ତି କେମିତି ଏମାନେ ଚିରାୟୁ ହୋଇ ବସନ୍ତୁ, ଅଉ ଏ ସତ୍ୟାନାଶିଅଟା କ'ଣ ସ୍ପୃହୁଁଛି ନା—କେମିତି ମରନ୍ତୁ । ତାର ଲାଭ ଭିତରେ ଏତିକି, ତା ପ୍ରବନ୍ଧଟା କେମିତି ସବା ଆଗେ ବାହାରି ପଡ଼ିବ । ଦେଶ ପଛେ ଭାସିଯାଉ । ଅଲକ୍ଷଣୀ ସେ ସମ୍ପାଦକ ଭିତରେ ସଳ୍ପ ସ୍ୱତର ନ ହେଲେ ବି ଏ କାମ ନ ହୁଏ । କେଡ଼େ କଦର୍ଯ୍ୟ ସମ୍ପାଦକଟା, ଖଣ୍ଡେ ଦି ଖଣ୍ଡ କାଗଜ ବେଶି ବିକ୍ରୀ ହୋଇଯିବ ବୋଲି ଏକେଡ଼ବଡ଼ ଗୁଣି ଲୋକଟାର ମଲା ଆଗରୁ ଶ୍ରାଦ୍ଧ ବ୍ୟବସ୍ଥା କରି ଦେଉଛନ୍ତି ?

ସେଦିନ ସନ୍ଧ୍ୟାରେ ଲିଙ୍ଗା ଦାସଙ୍କ ଓର ଚଣ୍ଡୀ ଦାସଙ୍କ ମୃତ୍ୟୁ ପ୍ରବନ୍ଧଟା ଖବର କାଗଜର ସାତେ ତଳାଟି ସ୍ତମ୍ଭ ମଣ୍ଡନ କଲା । ବନ୍ଧୁ ପ୍ରଭଞ୍ଜର ଗୁଣଗାଥାଟି ପାଇଯାଇ ଗୋବର୍ଦ୍ଧ ବେଶ ଆତ୍ମପ୍ରସାଦ ଅନୁଭବ କଲା ଓ ସେହି ଗୁଣ ସାହାଯ୍ୟରେ କେମିତି ସେ ଲେଖକ ଓ ସମ୍ପାଦକଙ୍କୁ ହଲାପଟ୍ଟ । କରିବ ତାର ଉପାୟ ଖୋଜିବାରେ ଲାଗିପଡ଼ିଲା । ଯାପୁଲିରେ ବିଧାଟାଏ ମାରି କହିଲା—"ନାଃ ଏ ଛତରା ଦିଟାଙ୍କୁ ପାଠ ନ ପଢ଼େଇଲେ ଚଳିବ ନାହିଁ ।"

ଦିନେ ସୁବିଧାବେଳେ ଗୋବର୍ଦ୍ଧ କଳ୍ପ କାମରେ ଡାକ୍ତରଖାନା ଯାଇଥିଲା । ପୁଲିସଗୁଣ୍ଡାଙ୍କ ସେଠାରେ ମନ ଦୁଃଖରେ ସାଲୁ ସାଲୁ ହେଉଥିବାରୁ ଦେଖି, କାରଣ ଅନୁସନ୍ଧାନ କରନ୍ତେ ଜାଣି ପାରିଲା ଯେ ଗୋଦାବରୀ ମହାନ୍ତି ନାମକ ଜଣେ ଦାରୋଗାଙ୍କର ମୃତ୍ୟୁ ହୋଇ ଯାଇଛି । ସଙ୍ଗୀ, ସହକର୍ମୀମାନେ ଶବ ନେବାର ବ୍ୟବସ୍ଥାରେ ଲାଗିପଡ଼ି ଅଛନ୍ତି । ହଠାତ୍ ଗୋବର୍ଦ୍ଧ ମୁଣ୍ଡରେ ଗୋଟାଏ ବୁଦ୍ଧି ଖେଳିଗଲା । ନିଜର ପୂର୍ବ ଅଭିଳାଷ ଚରିତାର୍ଥ

ଭବିବାର ଏହା ଗୋଟିଏ ବଡ଼ ସୁଯୋଗ ବୋଲି ଭାବି ସେ ଘରକୁ ତରତର ହୋଇ ଫେରି ଆସିଲେ ।

ସାହିତ୍ୟିକ ଗୋଦାବରୀ ମହାନ୍ତିଙ୍କ ମୃତ୍ୟୁ ପ୍ରବନ୍ଧର ଫାରମରେ ଦୁଇ ତିନୋଟି ଶୂନ୍ୟ ସ୍ଥାନ ପୂରଣ କରିଦେଇ ଖବର-କାଗଜ ସମ୍ପାଦକଙ୍କ ପାଖକୁ ଜଣେ ବିଶ୍ୱାସୀ ଲୋକ ହାତରେ ପଠେଇ ଦେଲା । ଚିଠି ପାଇବା ମାତ୍ରେ ସମ୍ପାଦକ ଫୋନ ଉଠାଇ ମେଡିକାଲକୁ ପଚାରିଲେ । ସାଢ଼ ଭ ଉତ୍ତର ଆସିଲା—ହଁ, ଗୋଦାବରୀ ମହାନ୍ତିଙ୍କର ଆଜି ସାଢ଼େ ଛଅଟାରେ କାଳ ହୋଇଗଲା । ସମ୍ପାଦକଙ୍କ ମୁହଁରେ ବିଜୟ ଗୌରବର ଚିହ୍ନ । ସେତେବେଳକୁ ଛାପାଖାନା ଛପା ଆରମ୍ଭ କରି ସାରିଲାଣି । ସମ୍ପାଦକ ଦଉଡ଼ି ଯାଇ ମେସିନ୍ ବନ୍ଦ କରାଇଲେ । ସକାଳ ଜଳାହୋଇ ଆସିଲା । ଗୋଟିଏ ବାକ୍ସରୁ ଖୋଳା ହୋଇ ଛନ୍ନସ୍ତମ୍ଭରୁ କିଛି ବେଶି ଖେଞ୍ଜା ଅକ୍ଷର କଢ଼ାଗଲା ଓ ଆଉ କିଛି ଅକ୍ଷର ତହିଁରେ ଭର୍ତ୍ତି କରାଗଲା । ସବା ଶେଷରେ ଛପା ହେଉଥିବା ଫର୍ମାରୁ ସେତିକି ପରିମାଣ ବିଷୟ କାଢ଼ିଦେଇ ନୂଆ ବିଷୟ ଭର୍ତ୍ତି କରାଗଲା । ଛାପାଖାନା ଛପେଇ ପୁଣି ଆରମ୍ଭ କରିଦେବା ବାଦ ସମ୍ପାଦକ ହୃଷ୍ଟଫୁଲ୍ଲିତ ହୋଇ ନିଜ ସ୍ଥାନକୁ ଗଲେ ।

ରାତିରେ ଯାହା ତାହା । ସକାଳୁ କିନ୍ତୁ ଲାଗିଲା ଅସଲ ହେଇଚୈ । କବି ଗୋଦାବରୀ ମହାନ୍ତି, ସକାଳୁ ଉଠି ଦେଖନ୍ତି ତ ଖବର କାଗଜରେ ତାଙ୍କ ପିଣ୍ଡ ବଢ଼ା ହୋଇଛି । ଏଣେ ଲୋକ ସୁଅ ତାଙ୍କ ଘରକୁ ଛୁଟିଲା । ଜଣାଅଧିକେ ସମସ୍ତେ ମହାନ୍ତିଙ୍କୁ ସ୍ୱ-ଦେହରେ ଦେଖି ଅପ୍ରତିଭ ହୋଇ ପଳାଇ ଯାଉ ଥାଆନ୍ତି । କବି ଆଉ ସମ୍ଭାଳି ନ ପାରି ଖବରକାଗଜଟି ହାତରେ ଧରି ସମ୍ପାଦକଙ୍କ ଘରକୁ ଗଲେ ।

ହଠାତ୍ ଗୋଦାବରୀଙ୍କୁ ଆଗରେ ଦେଖି ସମ୍ପାଦକ ପ୍ରମାଦ ଗଣିଲେ । ଭାବିଲେ ପ୍ରେତ ନା କଅଣ ସ ! ଗୋଡ ତଳକୁ ଚାହିଁଲେ— ପ୍ରେତଙ୍କ ଗୋଡ଼ କୁଅଡ଼େ ତଳେ ନ ଥାଏ, କିନ୍ତୁ ତାଙ୍କ ଗୋଡ଼ ଯୋଡ଼ା ଇବର ହୋଇ ଭୂଇଁରେ ଲାଗିଛି । ସମ୍ପାଦକ ଆଖି ମଳକି ପୁଣି ଚାହିଁଲେ । ଦେଖିଲେ ସବୁ ଠିକ୍, ତାଙ୍କ ପାଟି ଖନ୍ନି ବାହାରିଗଲା । ଅତି କରୁଣ ସ୍ୱରରେ କହିଲେ—କ୍ଷ—କ୍ଷ—କ୍ଷମା !

ଏଣେ ଗୋଦାବରୀଙ୍କର କେତେକଜଣ ଭକ୍ତ ବନ୍ଧୁ ଉପରେ ରାଗିଯାଇ, ତେଙ୍କେ ଦେବାର ଉପାୟ ଖୋଜିଲେ । ସମସ୍ତେ ଗୋଟାଏ ଚୋଟକେଇ ଡଅର ଧର ବନ୍ଧୁ ଘରକୁ ଧାଇଁଲେ । ବନ୍ଧୁଙ୍କୁ ଡ଼ାକି କହିଲେ "ଦେଖ ଗୋଦାବରୀଙ୍କ ପାଇଁ ଏ ଚୋଟକେଇ ଡଅର ହୋଇଥିଲା । ସେ ଜୀଇଁ ଥିବାରୁ ଏଥିରେ ଯିବାକୁ ରାଜି ହେଲେ ନାହିଁ । ତେଣୁ ଏଥିରେ ତୁମକୁ ଶୁଆଇ ନିରସ୍ତ ମଶାଣିକୁ ନେବୁ । ଯୋଉ ପିଣ୍ଡ ଖଇରକାଗଜରେ ବାନ୍ଧିଛୁ ତାକୁ ଏବେ ନିଜେ ଖାଅ ।"

# ଛାଣ୍ଟୁଆ ସଭା

ଖିଆ ଟିକିଏ ନେଇ ଅସିବାରୁ ବିନୋଦ ଗୋଟିଏ କବିତା ଲେଖିବାକୁ ସଜ ବାଜ ହେଲା । ବହୁତ ଭାବି ଚିନ୍ତି ଗୋଟିଏ ଧାଡ଼ି ସାରିଛି କି ନାହିଁ ଏହି ସମୟରେ ତାର ସାହିତ୍ୟିକ ସଙ୍ଗୀ ଦୁହେଁ ଅସି ପହଞ୍ଚି ଗଲେ । ଜଣେ ବିନୋଦ ପିଠିରେ ହାତ ମାରି କହିଲା—"କି ଘଟୋତ୍କଚ ଅଜି କିଛି କବିତା ପ୍ରସବ କରିଛ ?"

"ପ୍ରସବ କରୁଥିଲି ଯେ, ତୁମ୍ଭେ ଅସିବାରୁ ଶୂଳ ବନ୍ଦ ହୋଇଗଲା ।"

"ବନ୍ଦ ହୋଇଛି ଭଲ ହୋଇଛି । କାଗଜ ପେନ ରଖି ଦିଅ । ଅଜି ଗୋଟିଏ ବଢ଼ିଆ ସାହିତ୍ୟ ସଭା ଅଛି ; ଚାଲ ଯିବା ।"

"କି ସାହିତ୍ୟ ସଭା ? କିଏ ସଭାପତି ?"

"ଓଃ, ସଭା କଥା କହନା, ବଡ଼ ଝାମେଲ ସଭା, ସବୁଜ ଓ ଅତ୍ୟାଧୁନିକ କବିମାନଙ୍କର ସମାଲୋଚନା । ସଭାପତି ସ

ଟୋଖଡ଼ମାର ଲିଟେଲ ପଣ୍ଡିତ ଦାଶ । ଓଡ଼ିଆ ସାହିତ୍ୟିକ ମାନଙ୍କ ମଧ୍ୟରେ ଯାହାଙ୍କୁ କହନ୍ତି ପଣ୍ଡ୍ ? ଅତ୍ୟାଧୁନିକ କବିମାନଙ୍କ ମଧ୍ୟରେ ତ୍ରୁଷ ତ ଜଣେ ? ତୋ ବିଷୟରେ ତାଙ୍କର ମତ ମଧ୍ୟ ଜଣା ଯିବ । ଗୁଲ୍ ।

ଉକ୍ତ ଅସ୍ତୁଥିବା ଇସ୍ତାହାକୁ ଦବାଇ ରଖି ବିନୋଦ କହିଲା—"ହଁଅ, ମୋତେ ଜାଣେ କିଏ ?"

ଅନ୍ୟ ସାଙ୍ଗଟି ଚଡ଼ିଗଲା ପରି କହିଲା—"କଅଣ ହେଲା ? ଅରେ ବିନୋଦକୁ ଯିନା କିଏ ଜାଣେନି, କିନ୍ତୁ କବି ଘଟୋତ୍କଚକୁ ନ ଜାଣେ କିଏ ? ଘଟୋତ୍କଚର ସ୍ଥାନ ଓଡ଼ିଆ ସାହିତ୍ୟରେ ଅଲବତ ରହିଛି । ଗୁଲ୍ ଦେଖିବୁ ମଜା—?"

ଆଉ ସଙ୍ଗୀଟି କହିଲା—"ଅରେ, ମଜା କାହିଁରେ କଅଣ ନା ? ଏ ଦଳ ଯାକ ଆଜି ସତେଇ ଯାଇଛନ୍ତି । ତାହାକୁ ଜବାବ ହେବ । ଗୋଟାଏ ବଡ଼ ଧରଣର ଦଢ଼୍ ଫଢ଼୍ ଲାଗିଯିବ ।"

ଟିକିଏ ଗମ୍ଭୀର ହୋଇଯାଇ ବିନୋଦ କହିଲା—"ଆମେ ତୋଉ ଆଠ ଘାଟରେ ପଶିବା ନାହିଁ ।"

ସଙ୍ଗୀ ଦୁହେଁ ଶାନ୍ତ ହୋଇ ଗଲେ । ବିନୋଦ ଘଣ୍ଟା ଦେଖିଲା । ସାଢ଼େ ପାଞ୍ଚ ! ଛଅଟାରେ ସଭା ବସିବ । ଅଧ ଘଣ୍ଟାଏ ବାକି ! ଏତେ ଆଗରୁ ଯିବାରେ ଦରକାର କଅଣ ? ଅଜି ପଣ୍ଡିତ ଦାଶଙ୍କ ପରି ସାହିତ୍ୟିକଙ୍କ ମୁହଁରୁ ତା' ବିଷୟରେ ପଦେ ବି ବାହାରିବା କିଛି କମ୍ କଥା ନୁହେଁ । ବଡ଼ ଶୁଭ ଦିନଟା ନିଶ୍ଚୟ । ଗୋଟାଏ ଅନନ୍ଦର ହିଲ୍ଲୋଳ ବିନୋଦର ଦେହ ଯାକ ଖେଳିଗଲା । ସଙ୍ଗେ ସଙ୍ଗେ ସେ ଜଳଖିଆର ବନ୍ଦୋବସ୍ତ କରିଗଲା । ବ୍ୟବସ୍ଥା ସଭା ପୂର୍ବରୁ ଦଳ ସଭା ବସିବାପରି ବିନୋଦ ଘରେ ମଧ୍ୟ ଗୋଟିଏ ଟିକି ସାହିତ୍ୟ ସଭା ସେ, ଜଳଖିଆ ଭିତରେ ବସିଗଲା ।

ସବୁ କାମ ସହଜ ବେଳକୁ ସନ୍ଧ୍ୟା ୭ । ସମସ୍ତେ ତରତର ହୋଇ ସଭାସ୍ଥଳକୁ ଧାଇଁଲେ ।

ସଭାସ୍ଥଳର ହାଲତ ଦେଖି ତନ୍ନାବେଁ ଭାବା । ପୁଲିସ କନେଷ୍ଟବଲ ପାଞ୍ଚ ଛଅ ଜଣ ଓ ଦାରୋଗା ଜଣେ ସେଠି ପହଁଚସ ମାରୁଥାଆନ୍ତି । ସଭାର ଲୋକେ, ଟିଭି ସିନେମାମାନେ ଗୋଟିଏ ସ୍ଥାନ ଅକ୍ରମଣ କରିବା ପୂର୍ବରୁ ସ୍କୁଲ ଘଣ୍ଟା ବା ଜାଗେ ଅର୍ଦ୍ଧାବରୁ ଅପେକ୍ଷା କରି ପ୍ରସ୍ତୁତ ଥିଲା ପରି କଣ୍ଠୁଣ୍ଠିତ ହୋଇ ବସିଥିବାର ଦେଖାଗଲା । କଥା କଅଣ ? ବୁଙ୍, ବୁଙ୍, ଲୁଆଡ଼େ ଦ' ଦଳଙ୍କ ମଧ୍ୟରେ ଗାଳି ଫଜିତରୁ ଠେଙ୍ଗାବାଡ଼ି ଯାଏ କଥା ଯିବାରୁ ପୁଲିସ୍ ପାଞ୍ଚ ଛଅ ଜଣଙ୍କୁ ଗିରଫ କରି ନେଇ ଗଲଣି, ତଥାପି ଉତ୍ତେଜନା କମି ନାହିଁ । ପୁଲିସ୍ ଜଗି ରହିଛନ୍ତି, ସଭାକୁ ବି ଚଳିଲ ଚଳିଲ ଯାଇ ଦେବାଲାଗି ପଣ୍ଡିତ ଦାଶେ ଆଉ ତାହାକୁ ବଢ଼ିବାକୁ ନ ଦେଇ ସଭାପତି ଅଭିଭାଷଣ ଆରମ୍ଭ କରି ଦେଲେଣି । ଟ୍ୟୁବ୍ ଟ୍ୟୁବରେ ପ୍ରାୟ ସବୁ ଅଭ୍ୟାଗତଙ୍କ କଣ୍ଠଙ୍କ ବିଷୟରେ ପଦେଅଧେ କହିଲେଣି । ଘଟୋତ୍କଚଙ୍କ ନାଁ ପଡ଼ୁନାହିଁ । କାଳେ ସଭା ସରିଯିବ ଏହି ଭୟରେ ବିନୋଦର ପଇସାରେ ୮ଟା ସିଙ୍ଗଡ଼ା ୨ଟା କ୍ଷୀରମୋହନ ଓ ଏକ କପ୍ ଚା ଖାଇଥିବା ଭାଉ ଗୋଟିଏ ଯାଙ୍ଗ, ହୁସ୍ କରି ଉଠିପଡ଼ି ପଚାରିଲା—"ଆଜ୍ଞା, କଣ ଘଟୋତ୍କଚଙ୍କ ବିଷୟରେ କିଛି କହନ୍ତୁ ।"

କୁଇ କୁହଟି ବାକ୍ୟ ପରେ ପଣ୍ଡିତ ଦାଶ କହିଲେ—"ହଁ, ତାଙ୍କ ଲେଖା ମୁଁ ପଢ଼ିଛି ।"

ବିନୋଦର ଛାମ ଥାକୁରି ଉଠିଲା । ପଣ୍ଡିତ ଦାଶଙ୍କ ପରି ସାହିତ୍ୟିକ ତା' ଲେଖାକୁ ପଢ଼ିଛନ୍ତି । ଏହା କମ୍ ଗୌରବର କଥା ନୁହେଁ ।

ଦାଶେ ପୁଣି କହୁଥିଲେ—"ତାଙ୍କ ଲେଖା ଯେ କେବଳ ସର୍ବସାଧାରଣଙ୍କ ଉପରେ ପ୍ରଭାବ ପକାଇ ଅଛି ତାହା ନୁହେଁ । ତାହା ମୋ ଉପରେ ମଧ୍ୟ ପ୍ରଭାବ ପକାଇଛି ।"

ଗୋଟେଇରେ ବିନୋଦ ପ୍ରାୟ ୪ ଇଞ୍ଚ ଫୁଲିଗଲା । ପଣ୍ଡିତ ଦାଶଙ୍କ ଉପରେ ପୁଣି ତା ଲେଖାର ପ୍ରଭାବ । ଏ ସୁଯୋଗରେ ଅଳ୍ପ ଧନ୍ଦୁ ବାହାର ଥିଲା । ଦାଶେ କହୁ ଥାଆନ୍ତି—"ତାହା ଲେଖକ ପକ୍ଷରେ……"

ତୁଣ୍ଡ କଥା ତୁଣ୍ଡରେ ରହିଲା । ବିନୋଦ ଭାଷାରେ ଅଡ଼ାଇଲା, ବାତ୍ୟାଙ୍ଗ୍‌ଗୁଣ୍ଡାଙ୍କର ଯାତାୟାତ ଠିକ୍ ସେତିକି ବେଳକୁ ଆରମ୍ଭ ହୋଇଗଲା । ଫାୟାର୍ ବ୍ରିଗେଡ୍‌ର ପାଣି ଯେପରି ନିଆଁ ସଙ୍ଗେ ସଙ୍ଗେ ମାଟି ଘରର କାନ୍ଥ ସବୁ ନିଶ୍ଚିହ୍ନ କରିଦିଏ ସେହିପରି ପୁଲିସ୍‌ର ଜୋର ଗଣ୍ଡଗୋଳ ସଙ୍ଗେ ସଭାର ଅସ୍ତିତ୍ୱକୁ ମଧ୍ୟ ଲୋପକରି ଦେଲା । ମୁହଁରୁ ଶୀକାର ଖସିଯାଇଥିବା ବାଘପରି ସମ୍ପୂର୍ଣ୍ଣ ବିବ୍ରତ ହୋଇ ବିନୋଦ ଭାବୁ ଥାଏ—"ଓ ! ଗୁଣ୍ଡାଏ କଅଣ କଲେ ? ଅଳ୍ପ ଟିକିଏ ସବୁର କରିପାରିଲେ ନାହିଁ ?" ଗଣ୍ଡଗୋଳକାରୀମାନଙ୍କ ଜନ୍ମର ବୈଧତା ବିଷୟରେ ସନ୍ଦେହ ପ୍ରକାଶ ଓ ଅବକାରୀ ବିଭାଗ ସହିତ ସେମାନଙ୍କର ସମ୍ପର୍କ ଥିବାର ଅନୁମାନ କରି ବିନୋଦ ଓ ତାର ସଙ୍ଗୀଦ୍ୱୟ ଘରକୁ ଫେରିଲେ । ପଣ୍ଡିତ ଦାଶଙ୍କ ଉପରେ ପୁଣି ଘଟୋତ୍କଚଙ୍କ ଲେଖାର ପ୍ରଭାବ ! କେବଳ ଏତିକି, ବିନୋଦକୁ ଲଙ୍କାରେ ବନ୍ଦିନୀ ସୀତାଙ୍କ କାନରେ ହନୁମନ୍ତ ମୁଖ-ନିସୃତ "ରାମନାମ" ପରି ମଧୁର ଲାଗୁଥାଏ ।

ସପ୍ତାହେ ଗଲା, ଦୁଇ ସପ୍ତାହ ଗଲା, ଏହି ଅଳ୍ପ ସମୟ ଭିତରେ ବି ବିନୋଦର ଚାଲିଚଳନର ପରିବର୍ତ୍ତନ ବେଶ୍ ଦେଖାଗଲା । ଅତି ଅଲକ୍ଷ୍ୟରେ ସେ ଯେ ଯାଇ ବିଶିଷ୍ଟ ଲୋକମାନଙ୍କ

ଆସନରେ ବସି ଗଲାଣି । ମନରେ ଭାବୁଥାଏ— ଓଃ, ଘଟୋତ୍କଚ ନାମ ନଦେଇଥିଲେ ସେ କେତେ ପରିଚିତ ହୋଇ ମାନ ସମ୍ମାନ ପାଉଥାଆନ୍ତା । ପୁଣି ଭାବେ— ନା ନା, ଭୂସ୍ୱରର ଶାନ୍ତାପଡ଼ିବାଟା ଅଦ୍ଭୁତ ଭଲ । ଅଳ୍ପକୁ ସେ ଅଳ୍ପ ଗମ୍ଭୀର ହେଲା । ଅଳ୍ପ ହସିଲା । ମଲ୍‌ମଲ୍ କନାର ପଞ୍ଜାବୀ ପିନ୍ଧି କାନ୍ଧରେ ସିଲ୍‌କ୍ ଚାଦର ପକାଇଲା ଓ ସାନ୍ଧ୍ୟ ଭ୍ରମଣରେ ବାହାରିଲା ବେଳେ ବାଡ଼ି ଧରିଲା । ତଥାପି ଘୋଡ଼ାଯାକୁ ବେଳେ ବେଳେ ଗଳ୍ପ ଭରି ଉଠିଲା ପରି ସେହି କଥାଟି ମନଭିତରେ ବେଳେବେଳେ ଗଳ୍ପ ସୃଷ୍ଟି କରୁଥାଏ…"ଅଃ ପଣ୍ଡିତ ଦାଶେ କି ପ୍ରଶଂସାଟା କରଥାନ୍ତେ !"

କ୍ରମେ ତା'ର ଗଳ୍ପ ପ୍ରବଳରୁ ପ୍ରବଳତର ହେବାକୁ ଲାଗିଲା । ସେ ସ୍ଥିର କଲା—ନାଃ, ଯେ କୌଣସି ଉପାୟରେ ପଣ୍ଡିତ ଦାଶଙ୍କ ସଭାପତିତ୍ୱରେ ସେହି ସଭା ପୁଣି ଥରେ କରାଇ ଶହ ଶହ ଲୋକଙ୍କ ଆଗରେ ତାଙ୍କ ମୁଖରୁ ସେହି ଅବ୍ୟକ୍ତ ପ୍ରଶଂସାକୁ କଢ଼ାଇବାକୁ ହେବ । କିନ୍ତୁ ଏ ସଭା ଡାକିବ କିଏ ? ଉଦ୍ଦେଶଟା ପଦାରେ ଜଣା ପଡ଼ିଗଲେ କମ୍ ଲଜ୍ଜାର କଥା ନୁହେଁ । ସମସ୍ତେ କହିବେ—"ଅରେ ନିଜ ପ୍ରୌଢ଼ୀ ଶୁଣିବା ପାଇଁ ନିଜେ ସଭା ଡକାଇଛି !" ଏକୁଟିଆତ କିଛି କରି ହେବନି । ବନ୍ଧୁ ଭାବିଚିନ୍ତି ମହିଲ ଗୋଷ୍ଠୀଟିଏ କାଢ଼ିଲ । ସଙ୍ଗୀତପ୍ରିୟଙ୍କ ପାଖରେ ପ୍ରଶଂସା ଶୁଣିବା ଅଭିପ୍ରାୟ ଗୋପନରଖି ସବୁ ବିଷୟ କହିଲା । ମନ୍ତ୍ରଣା ପରେ ସ୍ଥିର ହେଲା ଯେ କେବଳ ଅତ୍ୟାଧୁନିକ କବିମାନଙ୍କ ବିଷୟରେ ଚର୍ଚ୍ଚା କରାଯିବ । ସବୁଜଙ୍କୁ ପୂର୍ବାପୂର୍ବ ବାଦ ଦିଆଯିବ । କାରଣ ଦୁଇ ଦଳ ହେଲେ ନିଶ୍ଚୟ ବଣ୍ଡୁଗୋଳ ହେବ । ସାମାନ୍ୟ କଳଯୋଗର ସଙ୍କେତ, ନିମନ୍ତ୍ରଣ ପତ୍ରରେ ଉଲ୍ଲେଖ କରିବାକୁ ହେବ । ଏହା ଦ୍ୱାରା ଲୋକେ ବହୁ ସଂଖ୍ୟାରେ ଆସିବେ । ସଭା ଶେଷରେ ସମସ୍ତଙ୍କୁ ଗିଲାସେ ଗିଲାସେ

ପାଣିରେ ଅପ୍ୟାୟିତ କରିବାକୁ ହେବ । ନିମନ୍ତ୍ରଣ ପତ୍ର ବି ସଙ୍ଗୀଙ୍କ ନାମରେ ଛପାଇବାକୁ ହେବ ।

ବହୁଦିନ ପରେ ଠିକ୍ ଯୋଜନା ଅନୁଯାୟୀ ସାହିତ୍ୟଭବନରେ ସଭା ବସିଲା । ଜନଯୋଗ ବ୍ୟବସ୍ଥା ଅଶାନୁରୂପ ଶ୍ରୋତା ତଥା ଭୋକ୍ତାମାନଙ୍କୁ ଯୋଗାଡ଼ି ଆଣି ପାରିଥିଲା । ସଙ୍ଗୀ ନିଜେ ମଞ୍ଚ ଉପରେ ଥାଇ ସଭାର ପରିଚାଳନା କରୁଥାଆନ୍ତି । ବିନୋଦ ଲଜ୍ଜାଳୁ ହୋଇ ଗୋଟିଏ କଡ଼ରେ ମୁହଁ ପୋତି ବସିଥାଏ ।

ପଣ୍ଡିତ ଦାଶଙ୍କ ଭାଷଣ ସରିବା ଉପରେ, ତଥାପି ଘଟୋତ୍କଚଙ୍କ ପତ୍ତା ନାହିଁ । ଜଣେ ସଙ୍ଗୀ ଶ୍ରୋତାଙ୍କ ଭିତରକୁ ଯାଇ ପଚାରିଲା—"ଆଜ୍ଞା, କବି ଘଟୋତ୍କଚ ଜାତି ଉପରେ କି ପ୍ରଭାବ ପକାଇ ଅଛନ୍ତି?" ପଣ୍ଡିତ ଦାଶ ଆରମ୍ଭ କଲେ—"ହଁ, ମୁଁ ଭୁଲିଯାଇଥିଲି, ତାଙ୍କ ଲେଖା ମୁଁ ପଢ଼ିଛି, ସାମାନ୍ୟ ଜ୍ଞାନ ଥିବା ମନୁଷ୍ୟ ଏପରି ଲେଖିପାରେ ବୋଲି ମୋର ଆଗରୁ ଧାରଣା ନଥିଲା ।"

ବିନୋଦ ଖୁବ ଖୁସିରେ ଭାବିଲା—"ଓଃ ମୁଁ ତେବେ ଜଣେ ଅସାମାନ୍ୟ ପ୍ରତିଭାସମ୍ପନ୍ନ ପୁରୁଷ ! ହାୟରେ ହାୟ ! କାହିଁକି ନିଜ ନାଁ ନ ହୋଇ ଘଟୋତ୍କଚ ନାଁ ହେଲା । ପାଖରେ ବସିଥିବା ଲୋକେ ବର୍ତ୍ତମାନ ମୋତେ କେତେ ଈର୍ଷା କରି ଥାଆନ୍ତେ !"

ପଣ୍ଡିତ ଦାଶେ କହି ଲାଗିଲେ—"ଅତ୍ୟାଧୁନିକ କବିମାନଙ୍କ ବିଷୟରେ ମୋର ଯେଉଁ ଧାରଣା ଥିଲା ଘଟୋତ୍କଚ ଲେଖା ତାହାକୁ ଏକାବେଳକେ ଦୋହଲାଇ ଦେଇଛି ।"

ବିନୋଦର ମାଂସପେଶି ସବୁ ସ୍ଫୀତ ହୋଇ ଉଠିଲା । କୃଷ୍ଣେମୋଃ ମନ ଭିତରେ ସେ ଚିତ୍କାର କରି ଉଠିଲା । ଅରେ ଅତ୍ୟାଧୁନିକ କବିଗଣ, ମୋ ଲାଗି ରକ୍ଷା ପାଇଛ, ତୁମ୍ଭମାନଙ୍କ

ସୁତ ପଣ୍ଡିତ ଦାଶଙ୍କ ଘୃଣା କେବଳ ମୋ ଲାଗି ଊଣା ହୋଇ ଯାଉଛି ।

ପଣ୍ଡିତ ଦାଶେ ପୁଣି କହିଲେ—"ସେ ଘଟୋତ୍କଚ କିଏ ମୁଁ ଜାଣେନା । ତାଙ୍କ ଲେଖାରୁ ସେ ଯେ ନିଶ୍ଚୟ ଘୋଡ଼ାମୁହାଁ ତାହା ବେଶ୍ ଜଣା ପଡ଼ୁଛି । ଓଡ଼ିଆ ସାହିତ୍ୟର କୁଳ ବୁଡ଼ି ଅସିବାର ଲକ୍ଷଣ ସ୍ୱରୂପ ଏପରି ଘୋଡ଼ାମୁହାଁ ପୁଅ ଜନ୍ମ ହୋଇଛନ୍ତି ।"

ଏଭେରେଷ୍ଟ ଗିରି ଶୃଙ୍ଗ ଉପରେ ଟେନ୍‌ସିଂଙ୍କ ମୁଣ୍ଡ ଘୂରିଲା ପରି ବିନୋଦର ମୁଣ୍ଡ ଘୂରିଗଲା । ମାଂସପେଶି ଶିଥିଳ ଓ ଲୁମତତ ଅବନତ ହୋଇଗଲା ।

ଲୁହ ଗଳାରେ ପଣ୍ଡିତେ ଦାଶେ କହି ଲାଗିଲେ—'ଏ ଗୋଟିଏ ସମାଜରେ ଦସିପୋକ । କଲମ ନଧରି ହଳ ଧରିଥିଲେ ଦେଶର କିଛି ସେବା କରି ପାରିଥାନ୍ତେ । ଏଲୁଡ଼ଶାଳଙ୍କୁ ବାପ ମା ଯଦି ମୁଣ୍ଡଟା ମୋଡ଼ି ଥାଆନ୍ତେ ତେବେ ସମାଜର ବହୁ ମଙ୍ଗଳ ହୋଇ ଥାଆନ୍ତା ।"

ଏଭରେଷ୍ଟ ଉପରୁ ବିନୋଦ ଏକାବେଳକେ ମାନସରୋବରରେ କଚ୍ଛୁଡ଼ ହୋଇ ପଡ଼ିଲା । ଅଲକ୍ଷରେ ତା'ର ଦୁଇହାତ ବେକକୁ ଘୋଡ଼ାଇ ପକାଇଲା । ତା'ର ମୁହଁ ତଳକୁ ପୋତି ହୋଇଗଲା । ଶ୍ରୋତାମାନଙ୍କର ହାସ୍ୟରୋଳ ଭିତରେ ସେ ଭାବିଲା "ଓଃ ଭଗବାନ ! ଭାଗ୍ୟେ ମୁଁ ନାଁ ଲୁଚାଇ ଘଟୋତ୍କଚ ନାଁ ଦେଇଥିଲି । ନଚେତ୍ ପାଖରେ ବସିଥିବା ଲୋକେ ମୋତେ କ'ଣ କହି ଥାଆନ୍ତେ !"

ପଣ୍ଡିତ ଦାଶେ କହି ଚାଲିଲେ—"ତାଙ୍କର ଲେଖା ସମାଜର ତ କୌଣସି ହିତ ସାଧନ କରିବ ନାହିଁ ; ବରଂ ତହିଁରେ ଯେଉଁ କୁତ୍ସିତ ଭାବ ଓ ଅଶ୍ଳୀଳତା ପୂରି ରହିଛି ତାହା ଊଣା କ୍ଷତ କରିବ

ନାହିଁ । ଚୌର୍ଯ୍ୟ ବୃତ୍ତି ଛନ୍ଦେ ଛନ୍ଦେ ପ୍ରସ୍ଫୁଟିତ । ତାହା ପୁଣି ପଦ୍ୟ କି ଗଦ୍ୟ ଜାଣିବାର ଉପାୟ ନାହିଁ । ଅଗରୁ ମୋର ଧାରଣା ଥିଲା ଯେ ଅତ୍ୟାଧୁନିକ କବିମାନେ ସମାଜକୁ କିଛି କିଛି ଦେଇ ପାରିବେ । ଘଟୋତ୍କଚଙ୍କ ଲେଖା ପଢ଼ି ମୁଁ ବର୍ତ୍ତମାନ ଠିକ୍ ଓଲଟା ଭାବୁଛି । ତାଙ୍କ ଲେଖା ମୋ ମନରେ ସୁରୁଚିର ପ୍ରଭାବ ପକାଇଛି—"

ବିନୋଦ ମୁହଁ ପୋଡ଼ି ଯିବ ଭଳି ଲାଗୁଥାଏ—"ହାସ୍ୟରେ ତମାଲ, ଟଙ୍କା ଖର୍ଚ୍ଚ କରି, ଏତେ ପରିଶ୍ରମ କରି ଲୋକଙ୍କୁ ଜମେଇ ସମସ୍ତଙ୍କ ଆଗରେ ଏ ଗାଳିତକ ଶୁଣୁଛି ?" ବିଚରା ସେଠାରୁ ଉଠି ପଳାଇ ଯାଇପାରୁ ନଥାଏ । କାରଣ କାଲେ କିଏ ସନ୍ଦେହ କରିବ—ଅରେ ଏଇତ ଘଟୋତ୍କଚ । ରହୁ ବି ପାରୁ ନ ଥାଏ । ଗାଳିଗୁଡ଼ାକ ଦେହରେ ବନ୍ଧୁକ ଗୁଳିପରି ପଶି ଯାଉଥାଏ । ଜାଣିବା ଲୋକ କିଏ ଯଦି ପାଖରେ ବସି ଥାଆନ୍ତା ତେବେ କାଳିଦାସଙ୍କର ଶ୍ଲୋକ "ଶୈଳାଧିରାଜତନୟା ନ ଯଯୌ ନ ତସ୍ଥୌ"ର ଅର୍ଥ ପରିଷ୍କାର ବୁଝି ପାରି ଥାଆନ୍ତା ।

ସଭା ସରୁ ନ ସରୁଣୁ ବିନୋଦ ସେ କପରି ସେଠାରୁ ଖସି ଆସି ଘରେ ଖଟ ଉପରେ ତକିଆ କାମୁଡ଼ି ଶୋଇ ପଡ଼ିଲା । ତାହା ସେ ନିଜେ ଜାଣିପାରିଲା ନାହିଁ । ସଙ୍ଗୀ ଦୁ'ଜଣ ଜଳପାନ କରାଇବା ଲାଗି ବାହାରିଗଲେ । ହଲ୍ ପଛ ଗୋଟିଏ ଘରେ ଦୁଇଟି ଝୋରେଇ ଓ କିଛି ମାଟି ଗିଲାସ ଥୁଆ ହୋଇଥାଏ । ପ୍ରଥମେ ପଣ୍ଡିତ ଦାଣ ଗିଲାସରେ ମୁହଁ ଲଗାଇ ଟିକିଏ ଅସ୍ପଷ୍ଟ ମୁଖ ବିକୃତ କଲେ । ନୁହେଁ ଗ୍ଲାସରେ ପାଣି ଢାଳି ଦେଉ ଥାଆନ୍ତି । ଦ' ଗୁରିଜଣ ମୁହଁରୁ ଲଜ୍ଜା ଛଡ଼ାଇ କହିଲେ—"ହଇହୋ, ଖାଇବା ନ ହେଲା ନାହିଁ,

ପାଣିରେ ଟିକିଏ ଶବ୍ଦ ବି ପଡ଼ାଇ ପାରିଲ ନାହିଁ, ନିମନ୍ତ୍ରଣ ପତ୍ରରେ ଜଳଯୋଗ କଥା ଲେଖିଥିଲ କାହିଁକି ?

ଜଣେ ଉତ୍ତର ଦେଲା—"ଆମେ ସରବତଯୋଗ ତ ଲେଖି ନ ଥିଲୁ !"

ଆମେ ଲେଖିଥିଲୁ ଜଳଯୋଗ । ଯାହା ଲେଖିଥିଲୁ ତାହାହିଁ କରୁଛୁ ।

ଜବରଦସ୍ତ ଶ୍ରୋତାଏ କି ସହଜରେ ଛାଡ଼ନ୍ତି । ତହେଁ ତର୍ଜନ ଗର୍ଜନ କରି ଶୋଟେଇବୁଇଟାରୁ ଉଦ୍ୟୋକ୍ତା ଦୁହିଁଙ୍କ ମୁଣ୍ଡରେ ଭାଙ୍ଗିଦେଲେ ।

ଓଦା ସର ସର ହୋଇ ଘରକୁ ଫେରିଲା ବେଳେ ଜଣେ ଅନ୍ୟକୁ କହିଲା—"ଓହୋ କି ଜାଣ୍ଟୁଅ ସଭାଟାଏ ହୋଇଗଲାମ । ଘଟୋତ୍କଚ ବଚରୀ ପ୍ରଶଂସା ଶୁଣିବାକୁ ଯାଇ ଜାଣ୍ଟୁଅ ବକ୍ତା ଶ୍ରୋତା ବି ଖାଇବାକୁ ଯାଇ ଜାଣ୍ଟୁଅ, ଶେଷରେ ଆମେ ଭୁଲ ଉଦ୍ୟୋକ୍ତା ବି......

# ସମ୍ପାଦକ

ଗୋପାଳ ମନେ ମନେ ଠିକ୍ କରି ନେଲା ଯେ ତା'ର କବି ହେବାରେ ସ୍ତିଆ ପତ୍ରପତ୍ର ସମ୍ପାଦକ ଗୁଡ଼ାକ ହିଁ ପ୍ରଧାନ ଅନ୍ତରାୟ । ତା'ର ଇଚ୍ଛା ହେଲା, ଯଦି କେଉଁଠୁ କେମିତି ଖଣ୍ଡାଏ ଟାଇମ୍ ବୋମା ପାଆନ୍ତା ତେବେ ଜଣ ଜଣ କରି ସମସ୍ତଙ୍କ ଅଫିସରେ ପିଅନ ବନି ସମ୍ପାଦକମାନଙ୍କ ଟେବୁଲ ତଳେ ଗୋଟିଏ ଗୋଟିଏ ଥୋଇ ଦିଅନ୍ତା । ଦୋଃ, ଦାଃ, ହୋଇ ସବୁ ସମ୍ପାଦକ ଉଡ଼ି ଯାଆନ୍ତେ କିଡ଼ି । ନିଃସମ୍ପାଦକ ହୁଅନ୍ତା ମେଦିନୀ । ହଇଜା ଜର୍ମ ପାଆନ୍ତା କି ସମସ୍ତଙ୍କ ପିଇବା ପାଣି ସୋରେଇରେ ମୁଠେ ମୁଠେ ଗୁଣ୍ଡ ଦିଅନ୍ତା । ସବୁଯାକ ମରି ଗାଡ଼ରେ ପଡ଼ି ସ୍ୱର୍ଗକୁ ପଳାନ୍ତେ । ତାର କବି ପଥରେ ବାଧା ସୃଷ୍ଟି କରୁଥିବା ଏହି ପଥର-ପାଚେରୀ ଗୁଡ଼ାକ ଭୁଇଁକମ୍ପରେ ଭୁଷୁଡ଼ି ପଡ଼ନ୍ତା ପରି ତଳେ ଲୋଟି

ଯାଆନ୍ତେ । ବାଧାଶୂନ୍ୟ ବାଟରେ ଆଗେଇ ଯାଇ ସେ କନ୍ଦାହାର ଗଡ଼କୁ ଜୟ କରନ୍ତା । ସେ ହୁଅନ୍ତା ଗଡ଼ନାୟକ । ତାର କଣ୍ଠର ସ୍ୱରରୁ ଗର୍ଜ୍ଜନ ଚତୁର୍ଦ୍ଦିଗକୁ ପ୍ରକମ୍ପିତ କରନ୍ତା । ସମସ୍ତଙ୍କଠାରୁ ପ୍ରାପ୍ତ ମାନ ସମ୍ମାନରେ ପୁଷ୍ଟ ହୋଇ ସେ ହୁଅନ୍ତା ମାନସିଂହ । କାବ୍ୟ ରସର ଏକ ସୁବୃହତ୍ ପାତ୍ର ହୋଇ ସେ ହୁଅନ୍ତା ମହାପାତ୍ର । କିନ୍ତୁ ହାୟ ! ଏ ସବୁର ଅନ୍ତରାୟ କେବଳ ସେହି କୁତ୍ସିତ ସମ୍ପାଦକ ସ୍ୱଭାବ । ତା ଦାନ୍ତ କଡ଼ମଡ଼େଇଲା । କ୍ରୋଧରେ ଜଳନ୍ତ ହୋଇ ଚିପା ଗଳାରେ ସେ କହି ପକାଇଲା—'ଉଃ ଗୋଟାଏ କାହାର ବେକ ଯଦି ମୋ ହାତରେ ପଡ଼ନ୍ତା ତେବେ ମୁଁ ଏମିତି କୁକୁଡ଼ା ମୋଡ଼ିଲା ପରି ମୋଡ଼ି ଦିଅନ୍ତା···

'ଅଲେ, ଅଲେ, ଅଲେ, ମରିଗଲି ମରିଗଲି ଓହୋ ହୋ" ରଡ଼ି ଛାଡ଼ି ରଘୁ ଉଠିପଡ଼ି ବିକୃତ ମୁଖରେ ଗୋପାଳ ମୁହଁକୁ ଗାରଡ଼େଇ ଚାହିଁଲା । ଦାନ୍ତମାନ ଯନ୍ତ୍ରଣାରେ ଥରି ଉଠିଲା ଏବଂ ତା ଗୋଡ଼ ଅଣ୍ଟୁ ସବୁ ଉଠି ଆସୁଥିଲା । କିନ୍ତୁ ଗୋପାଳ ଅତି ବିନୟ ଭାବରେ ଦୁଇ ହାତ ଯୋଡ଼ି ପକାଇ କହିଲା—"ମାଫ୍ କର ଭାଇ, ଭୁଲ ହୋଇଗଲା । ମୁଁ ଅଜାଣତରେ ମୋଡ଼ି ଦେଲି ।"

କାଳକାଳିଆ ପାଟି ଶୁଣି ପାଖ କୋଠରିରୁ ଦୁଇ ଜଣ ସାଙ୍ଗ ପଶି ଆସିଲେ । କାନଠାକୁ ଆଉଁସି ଆଉଁସି ରଘୁ ଏମାନଙ୍କ ଆଗରେ ଅଭିଯୋଗ କଲା— ଦେଖିବଟି ଏ ଦୁଷ୍ଟା ଗଧକୁ । ମୋ କାନମୂଳଟା ଟିକିଏ ଦରଜ ଲାଗିବାରୁ ମୁଁ ଟିକିଏ ଏହାକୁ ଦେଖାଇଲି । ସେ, ଗୋଟାଏ କ'ଣ କଟୁଛି ବୋଲି କହି ତା ମନକୁ ଗୋଟାଏ ଭଲା ମଲମ ଅଣି ଟିକିଏ ମାଲିସ କରି ଦେବ ବୋଲି କହିଲା—ସେ କହିବାରୁ ମୁଁ ଖଟଉପରେ ଶୋଇପଡ଼ି ତାକୁ କାନ ଦେଖେଇଲି, ସେ'ବ କାନକୁ ଅଗରୁ ଟାଣି ଧରି କାନମୂଳରେ

ଅସ୍ତେ ଅସ୍ତେ ଜଳା ମଲମ ଘଷିବାକୁ ଲାଗିଲା । ଘଷା ଆରମ୍ଭରେ ମୋତେ ଟିକିଏ ଯନ୍ତ୍ରଣାଦାୟକ ବି ଲାଗି ଯାଇଥିଲା । ଏବେ ବାବୁ ତା ମୁଣ୍ଡରେ ତାହାଙ୍କ ପିଣ୍ଡ ବଢ଼ିଗଲା ଦେଖାଣି, ମୋ କାନଟାକୁ ଦେଖ ଏମିତି ମୋଡ଼ୁ ଯେ ପ୍ରାଣ ଯାଏ କି ରହେ, ଓ, ହୋ, କାନଟା ଏତେବେଳଯାଏ ଝିମି ଝିମି ହୋଇ ଯାଉଛି ।"

ସମସ୍ତଙ୍କ ଦୃଷ୍ଟି ଗୋପାଳ ଉପରେ ପଡ଼ିବାରୁ, ସେ ପୁନର୍ବାର ରଘୁକୁ ଶାନ୍ତଶୀଳ ହୋଇ କହିଲା—"କହିଲିତ ଭାଇ ଭୁଲ ହୋଇଗଲା, କ୍ଷମାତ ମାଗୁଛି, କହନ୍ତୁ ଯଦି ଗୋଡ଼ତଳେ ପଡ଼ିବାକୁ ପଡ଼ିବ । ଯଦି ଦି'ଟା ମାରିଲେ ତୋ ମନ ସନ୍ତୋଷ ହେବ ତେବେ ମାର । ଭୁଲ କରିଛି, ପ୍ରାୟଶ୍ଚିତ ପାଇଁ ଯାହା ଦରକାର କରିବି ।

ରଘୁର ସବୁ ରାଗ ପାଣି ଖସିଲା ମଝି ଯାଙ୍କେ ଯାଙ୍କେ ଖସି ପଡ଼ିଲା କିନ୍ତୁ ସମସ୍ତଙ୍କ କୌତୁହଳଟା ଅତି ବେଶି ବଢ଼ିଗଲା । ସଭିଙ୍କ ମୁହଁରେ ଗୋଟିଏ ପ୍ରଶ୍ନ—"କାନଟା ମୋଡ଼ିଲ କାହିଁକି, କିଛି ହେଲେତ ଗୋଟାଏ କାରଣ ଥିବ ? ଗୋପାଳ ଚୁପ୍ । ବେଶି ଖୋଳତାଡ଼ି ପଚାରିଲାରୁ ତା ମୁହଁରୁ ବାହାରିଲା ସେଇ ଏକ ଉତ୍ତର 'କହିଲିତ ଭୁଲରେ ହୋଇଗଲା' କିଛି ଅଲବତ୍ ନ ପାଇବାରୁ ଜଣେ ରଘୁକୁ ପଚାରିଲା 'ଅଚ୍ଛା ମଲମ ଲଗେଇବା ପୂର୍ବରୁ ସେ କହୁଥିଲା କଅଣ ?' ଭାବି ଭାବି ରଘୁ କହିଲା—'ଗୋଟାଏ କବିତା ଲେଖିସାରି ତାକୁ ସେ କଅଣ ଗାଉଥିଲା କି ମନେ ମନେ ସେଇ କବିତାକୁ ପଢ଼ୁଥିଲା ତାହା ଭଗବାନ ଜାଣନ୍ତି ।

କାରଣଟା ଜାଣିବାରେ ଅସମର୍ଥ ହୋଇ ଅନ୍ୟମାନେ ବିରକ୍ତିରେ କୋଠରୀ ଛାଡ଼ି ଚାଲିଗଲେ । ଗୋପାଳ ପୁଣି କାନମୂଳେ ଜଳା ମଲମ ମାଲିସ୍ କରିଦେବା ଲାଗି ରଘୁ ପାଖକୁ ଯାଇ ତା କାନ ଟେକାଇବା ଲାଗି ବିନୀତ ପ୍ରାର୍ଥନା ଜଣାଇଲା । ତାର

ପୁନର୍ବାର ଏ ଜପତପ ଦେଖି ରଘୁ ଦୁଇହାତ ଯୋଡ଼ି କହିଲା—
ବାବା ତୋ ଗୁରୁ ଖୁସିରୁ ଦଣ୍ଡବତ ଅଳ୍ପଥରେ ତୋତେ ଜ୍ଞାନ
ଦେଖାଇବା ଅର୍ଥ ଜାଣନ୍ତି ଅଣ୍ଣା ଏକାବେଳେ ଗଡ଼ିଦେବା।'
ତଥାପି ଗୋପାଳ ଗେଲେଇ ହୋଇ ପାଖରେ ବସି ଅନୁରୋଧ
କରିବାରୁ ରଘୁ ଟିକିଏ ଘୁଞ୍ଚିଯାଇ କହିଲା—'କେଉଁଥି ଲାଗି ତୋର
ଏମିତ ଭୁଲ ହୋଇଗଲା ନଜାଣି ମୁଁ ମୋ ଜ୍ଞାନଟାକୁ ପୁଣି ତୋ
ହାତରେ ଦେବି କେମିତି ?'

ଗୁରୁଅଡ଼କୁ ଚାହିଁ ଗୋପାଳ ଥରେଇ ଥରେଇ କହିଲା—
'ଏଇ ଅଲକ୍ଷଣା ସମ୍ପାଦକଗୁଡ଼ାଙ୍କ ଲାଗି ସବୁ ଅନର୍ଥ।'

ହଉରେ ଏ ସମ୍ପାଦକ ଯାଇ କାହିଁ, ଆଉ ମୋ ଜ୍ଞାନ କାହିଁ,
ଏ ଦୁହେଁ ଏ କୋଠରୀରେ ଏକାଠି ହେଲେ କେମିତି ?

ହଅମ, ଏମିତ କଅଣ ହୁଏନି, କେତେ ଦୂରରେ ଚନ୍ଦ୍ର, ଆଉ
କାହିଁ କୁମୁଦନୀ, ପ୍ରୀତି ଅଭେଦ ତାଙ୍କର।

ସତେକି ନାଁ—ନଜାଣି ସମସ୍ତେ କହୁଛନ୍ତି କବି ରୋଗ
ତୋତେ ଡେଇଁଲାଣି। ଅଚ୍ଛା ତୁ ସିନା କବି ହେଲୁ, ଯେ
ସମ୍ପାଦକମାନଙ୍କ ସଙ୍ଗେ ତୋର ବା ତୋ ଜ୍ଞାନର ସମ୍ବନ୍ଧ ରହନ୍ତା
କିନ୍ତୁ ମୋ ଜ୍ଞାନ ସଂଗେ କାହିଁକି ?

କଥା କଅଣ କି, ଏ ଅଲକ୍ଷଣା ସମ୍ପାଦକଗୁଡ଼ାଙ୍କ ଉପରେ
ଅତି ବେଶି ରାଗ ହେଲା। ଏତେ ପରିଶ୍ରମ କରି ମୁଳା ମୁଳା କବିତା
ଲେଖିଲି, ହେଲେ କେବେ କାହାର ବାସ ପାଇଲେ ନାହିଁ। ବଣ
ଫୁଲ ପରି ସବୁଗୁଡ଼ିକ କାଗଜରେ ଫୁଟି ସଂପାଦକମାନଙ୍କର ଅଳିଆ
ଟୋକେଇ ବଣରେ ଝଡ଼ିପଡ଼ିଲା। ପଚ୍ଛକଥା ଗୁଡ ଏଇ ଗଲାମାସରେ
ଦେବଶଙ୍କ କବିତା ଲେଖିଲି। ସେ ଅନାର୍ଯ୍ୟ ସଂପାଦକଗୁଡ଼ାକ
ସେଗୁଡ଼ିକୁ ଲଫାପାରୁ କାଢ଼ି ସିଧା ସଳଖ ଅଳିଆ ଟୋକେଇକୁ

ମୋଡ଼ିମାଡ଼ି ଫିଙ୍ଗିଦେଲେ । ଆଜି ଭୋରରୁ ସେଇଁ କବିତାଟି ଲେଖିଛି କଅଣ କହିବି ଆଉ । ଏମିତିଆ କବିତା ଏ ବର୍ଷ ଲେଖାହେବା ବୁଝିଥାଇ କାହା ମୁଣ୍ଡରେ ପଶି ନ ଥିବ । କିନ୍ତୁ ଲାଭ କଅଣ ? ଏ ଅଳପେଇସେ ତାକୁ କଅଣ ରଖିବେ । ମୋଡ଼ିମାଡ଼ିଦେଇ ଅଳିଆ ଟୋକେଇରେ ଭରି ଦେବେ । ଏଇଆ ଭାବି ଏମାନଙ୍କ ଉପରେ ଭାରି ରାଗ ହେଲା, ଭାବିଲି ସେମାନଙ୍କ ମଧ୍ୟରୁ କୋଉଠାଏ କାହାର ବେକ ମୋ ହାତରେ ପଡ଼ନ୍ତା କି, ଲୁଗୁଡ଼ା ମୋଡ଼ିଲା ପରି ତାକୁ ମୋଡ଼ି ଦିଅନ୍ତି ।'

'ଓ, ହୋ-ଏବେ ବୁଝିଲି ମୋ କାନକୁ କାହିଁକି ମୋଡ଼ିଲୁ ଯେ, ଯାହା ହେବାର ହେଲାଣି । ଯାହାହେଉ ପ୍ରକୃତରେ ତୋର ରାଗିବାର କାରଣ ଅଛି । କିନ୍ତୁ ସବୁଯାକ ସଂପାଦକ କାହିଁକି ତୋ କବିତାକୁ ଫୋପାଡ଼ି ଦେଉଛନ୍ତି, ମୋତେ ଲାଗୁଛି ତୋର ବି କିଛି ଗଲ୍‌ତି ଅଛି । ଆଚ୍ଛା ତୁ କବିତା ନିଜେ ନେଇ ଯାଉ ନା ଡ଼ାକରେ ପଠାଉ ?'

'ନିଜେ ଦେଇଛି, ଡାକରେ ପଠେଇଛି, ସବୁକିଛି କରିଛି । ଲୋକାରଗୁଡ଼ାକ କବିତାକୁ କଅଣ ପଢ଼ନ୍ତି—ଗୋପାଳ ନାମଟା ଦେଖିବା ମାତ୍ରେ ଫୋପାଡ଼ି ଦିଅନ୍ତି ଅଳିଆ ଟୋକେଇକୁ ହାତରେ ନେଇ ଦେଲେ କହନ୍ତି—'ଏଥରକ ତ ହୋଇ ପାରିବ ନାହିଁ, ଆରଥରକୁ ଚେଷ୍ଟା କରି ଦେଖିବା । ମୋର ଫେରିବା ପରେ ପରେ ସେ କବିତାଟି ଅଳିଆ ଟୋକେଇକୁ ଯାଏ'—

—'ଆଚ୍ଛା କବିତା ପଠେଇଲାବେଳେ ଚିଠିରେ କଅଣ ଲେଖୁ ?'

—'ଏଇ ମାମୁଲି ଲେଖା । ମହାଶୟ—କବିତା ଖଣ୍ଡି ପଠାଇଲି ଆପଣଙ୍କର ଅସନ୍ତା ସଂଖ୍ୟା ପତ୍ରିକାରେ ପ୍ରକାଶ ପାଇଲେ ସୁଖୀ ହେବି ।'

ଦୂର୍, ଦୂର୍, ଓଲୁ । ଏଇଥିପାଇଁ ତୋ କବିତାକୁ କେହି ପସନ୍ଦ କରୁ ନାହାନ୍ତି । ହଇରେ ତୁ ଖୁସି ନ ହେଲେ ସେମାନଙ୍କର କଅଣ ଅଟକିଇ ହୋ'ଇ ପଡ଼ିବ । ଆରେ ତୋ ଭଲଆ ଖାଲଢ଼ ଖାଲଢ଼ ସେମାନଙ୍କ ପେଇଁ ଦେଲ ଲଟେଇ ଲଟେଇ ହାତରେ ବାନ୍ଧି ଦେଲେଣି । ତୋ ଟିକ ସୁଦ୍ଧା ବେଳେ ବେଳେ ତାଙ୍କ ଉପରକୁ ନଜର ଯାଉନ, ଆଉ ତୁ ନବାବଙ୍କ ନାତି ଭଲଆ ଖଣ୍ଡେ ଲେଖି ଦେଉଛୁ ଯେ କୁଅଡ଼ୁ କାଢ଼ୁ କରିବ ।'

'କାହିଁକି ବାଜେ କଥାଗୁଡ଼ାକ ବକୁଛୁ ମ ? ଆଉ ଅଧିକ କଅଣ ଲେଖି ଥାଆନ୍ତି ? ତୁଚ୍ଛା କଥାଗୁଡ଼ାକ ଆଉ କହନା ।'

'ହଁ, ମୁଁ ତୁଚ୍ଛା କହୁଛି, ମାର ବାଜି ! ତୁ ତ ଏତେଥର ମାଙ୍କଡ଼ଶର୍ ମାରିଲୁଣି । ଆଣ ଗୋଟାଏ କବିତା, ଦେଖ୍ ମୁଁ ସବୁଠୁ ବଡ଼ ସମ୍ପାଦକଙ୍କୁ କେମିତି ରଜକରୁଛି କି ନାଁ । ନିଜ ଭୁଲ ନ ଦେଖି ଅନ୍ୟର ଭୁଲ ଖୋଜି ଲାଗିଛୁ ।'

କଥାର ଝଗଡ଼ା ଲାଗିଲା । ଗୋପାଳ ତା କବିତା ଗଦାରୁ "ଫଣୀସୁମାନା" ଶୀର୍ଷକ କବିତାଟି କାଢ଼ି ରଘୁ ହାତରେ ଦେଇ କହିଲା—ଆରେ କେବଳ କଅଣ କମାର ନାଆଁରେ ଦେଇଛୁ । ଶ୍ରୀମତୀ ଗୋପବାଳା ମିଶ୍ର ନାମରେ ପଠାଇଲୁ, ଟିକେ ଟାଇପ ଲେଖିଛୁ । ପ୍ରେମର ଇସାରା ବି ଦେଇଛୁ ପଥର ଗୁଡ଼ାକ ତୋଳି ବାଟରେ ସାଧୁ ହେଲେ ନାହିଁ ।

ହୋ ହୋ ହସରେ ଘର କମ୍ପେଇ ରଘୁ କହିଲା "ଆରେ ଦେଖୁଛୁ ତୁର ମାହାତା ଯୁଗରେ ଅଛୁ । କେଉଁଠି କେମିତି

ଗୋଟାଏ ଅଧେ ବିକଳିଆ ସମ୍ପାଦକ ଜାଲରେ ପଡଯାଇ ପାରନ୍ତି, କିନ୍ତୁ ଅଧିକାଂଶ ଜାଲ-ମାଡ଼ୁଆ ହୋଇ ଗଲେଣି । ବେଳେ ବେଳେ ଖାଣ୍ଟି ହିଁଅଙ୍କ କବିତାକୁ ଟୋକାଙ୍କ ନାମ ବୋଲି ଭାବି ଫୋପାଡ଼ି ଦେଉଛନ୍ତି । ସେମାନଙ୍କୁ ଦରକାର ଅନ୍ୟ ବାଟ । ଆଗୁ ଦେଖି ତେଉ ଫଟ୍ରାଯୁମାନ କବିତା— 'ଅରେ ଅବିବେକୀ ବନ୍ଦକର

ବନ୍ଦକର ଏ ଗୁଣ୍ଡାମି
ଫାଟି ଯିବ ତୋର ଗେଲ୍ ଗେଲ କଥା
ଫାଟିଯିବ ତୋର ହୁଣ୍ଡାମି
ଅନ୍ଧକାରକୁ ଫଟାଇ ରଶ୍ମି
ଗୁରୁ ଗର୍ଜନ ଘନଘନ
ଗୁଣ୍ଡାମି କରି ଖସି ନ ପାରିବୁ
ଅରେ ପାଷାଣ୍ଡ ସଇତାନ
ଫାଟିବ ମୁଣ୍ଡ ଫାଟିବ ଗଣ୍ଡି
ଫାଟି ସବୁ ହେବ ଫଟ ଫଟ
ଅରେରେ ଗୁଣ୍ଡା ଚିଥଡ଼ା ମୁଣ୍ଡା
ଦେଖିଲଣି ତୋତେ ସଙ୍କଟ

ଗୋପାଳ କବିତା ଉପରେ ଟିପ୍ପଣୀ ଦେବାକୁ ଯାଉଥିଲା । କିନ୍ତୁ ରଘୁ ବାଧା ଦେଇ କହିଲା—'ଆଉ କହିବା ଦରକାର ନାହିଁ । ଫଟ୍ରାଯୁମାନ କଅଣ ଜଣା ଅଧିକେ ତ ବୁଝି ହେଉଛି । ମନ ହୋଇନ । ଅଚ୍ଛା କେଉଁ ପଦ୍ଧିତାରେ ବାହାରିଲେ ତୋ ମନ ମାନିବ ?'

'ଶଙ୍କର ପଦ୍ଧିତାରେ ବାହାରିଲେ ମନଟା ମାନନ୍ତା । ମନ ଭରି ଲାଭ କଅଣ । ସେହିଠୁଁ ତ ଥରେ ଫେରି ଅସିଛୁ । ବୃଥା ଭାବନା ଆଉ କରିବି କାହିଁ, ଭାବନାରେ ଆନନ୍ଦ ମିଳଇ ନାହିଁ ।'',

"ବାସ୍ ବାସ, ତୋର ଲେଖିବାର ଦରକାର ନାହିଁ, ଛଟେଇବାର ଭାର ମୋ ଉପରେ । ଶଙ୍କର ସମ୍ପାଦକ ଏଇ କବିତାକୁ ଫେରେଇ ଦେଇଛନ୍ତି ? ଦେଖିବୁ ତାକୁ ଏମିତ ସମ୍ପାଦକ ବନେଇବି ଯେ ନିଜ ହାତରେ ଏହାକୁ ବାଛି ପତ୍ରିକାରେ ଛାପିବ, ଅବଶ୍ୟ କିଛି ସମୟ ଦରକାର ଆଉ କିଛି ଟଙ୍କା ବି ଦରକାର ।

ଗୋପାଳ ସବୁ କଥାକୁ ରାଜି । ରଘୁ ନାମ ହାସଲ କରିବାକୁ ଜୋର୍ ସୋରରେ ଜାଲ୍ ବୁଣିବାକୁ ଲାଗିଲା । ବଜାରର ଦୁଇଜଣ ଗୁଣ୍ଡା ଓ ସାହିତ୍ୟ ଚର୍ଚ୍ଚା ସହିତ ତାର ଘନିଷ୍ଠ ସମ୍ପର୍କ ଲକ୍ଷ୍ୟ କରିବା ଛଡ଼ା ଗୋପାଳ ଆଉ କିଛି ଜାଣି ପାରିଲା ନାହିଁ ।

ରଘୁ ଦ୍ୱାରା ଅୟୋଜିତ ଏକ ସାହିତ୍ୟ ସଭାରେ ସଭାପତିତ୍ୱ କରି ଶଙ୍କର ସମ୍ପାଦକ ଶ୍ରୀରାମଚନ୍ଦ୍ର ଭବନକୁ ଫେରୁଥାଆନ୍ତି । ରଘୁ ବି ସାଙ୍ଗରେ କଥାବାର୍ତ୍ତା ହୋଇ ଆସୁଥାଏ କୋଉଠାଏ ଅନ୍ଧାରୁଆ ଜାଗାରେ ହଠାତ୍ କଥା ନାହିଁ ବାର୍ତ୍ତା ନାହିଁ ଦୁଇଟା ଧୁମୁସା ଗୁଣ୍ଡା ସମ୍ପାଦକଙ୍କୁ ସାଇକେଲରୁ ଖସାଇ ପକାଇ କୋଉଠା କେତେ ବିଧା ଗୁମୁଡ଼ା ବସେଇ ଦେଲେ । ହଠାତ୍ ଏପରି ବଜ୍ରପାତରେ ତାଙ୍କ ପାଟିରୁ କଥା ବାହାରିଲା ନାହିଁ । ରଘୁ କିନ୍ତୁ ସାହସର ସହିତ ପ୍ରତିବାଦ କରି କହିଲା "ଅରେ ଅରେ କେଡ଼େ ଅବିବେକୀ ଲୋକ ଗୁଡ଼ାକ ଏ ଗୁଣ୍ଡାମି ବନ୍ଦ କର । ଏପରି ଗୁଣ୍ଡାମି ଆଉ ଚାଲି ପାରିବ ନାହିଁ । ଗୁଣ୍ଡାମି ସହ୍ୟ କରିବାର ଯୁଗ ଚାଲି ଗଲାଣି । ଅଧିକ ଗୁଣ୍ଡାମି ଦ୍ୱାରା ତୁମର ଏ ଗୁଣ୍ଡାମିକୁ ଦବାଇ ଦିଆଯିବ, ସଇତାନ ଦଳ ! ଅନ୍ଧାରୁଆ ଜାଗା ଦେଖି ଏ ଗୁଣ୍ଡାମି କରୁଛ । ଏ ଅନ୍ଧାର ସବୁଦିନେ ରହିବ ନାହିଁ । ଯେଉଁ ଗୁଣ୍ଡାମି ତୁମେ କରୁଛ ସେହି ଗୁଣ୍ଡାମିଦ୍ୱାରା ତୁମର ମୁଣ୍ଡ ଦିନେ ଫାଟିବ । ଖବରଦାର ଏ ଗୁଣ୍ଡାମି ବନ୍ଦ କର ।"

ରଘୁର ଏ ବକ୍ତୃତା ସବୁ ନ ଶୁଣୁଣୁ ଧୂମୁଷା ଲୋକ ଉଠା ସମ୍ପାଦକଙ୍କୁ ଘଞ୍ଚ ଅନ୍ଧାରରେ ଖସି ପଳାଇଲେ । ରଘୁ ତାଙ୍କୁ ହାଣ୍ଡିଟେ ଗୁଣ୍ଡ ଦେଇ ସାଇକଲଟା ଧରାଇ ଦେଲା । ଗୁଣ୍ଡାମିରେ ତୀବ୍ରତା କମ ଥିବାରୁ ବିଶେଷ କିଛି କ୍ଷତ ହୋଇ ନ ଥିଲା । ବିଦେଇ ଦେବାକୁ ରଘୁ ସମ୍ପାଦକଙ୍କ ଘର ଯାଏ ଗଲା । ବାଟ ଯାକ ଏହି ଅପ୍ରତ୍ୟାଶିତ ଗୁଣ୍ଡାମିର ଚର୍ଚ୍ଚା ଚାଲିଥାଏ । ଏ ଗଣତାନ୍ତ୍ରିକ ଯୁଗରେ ଏପରି ଗୁଣ୍ଡାମି ଯେ ଅବିଳମ୍ବେ ବନ୍ଦ ହେବା ଦରକାର ଏ ବିଷୟରେ ସମ୍ପାଦକ, ରଘୁ ସହିତ ସମ୍ପୂର୍ଣ୍ଣ ଏକମତ ହେଲେ ।

× × +

ଡାକରେ ଆସିଥିବା ଲଫାପା ସବୁ ଖୋଲି ପ୍ରବନ୍ଧ ଗଳ୍ପ, କବିତା ସବୁ ଦେଖୁ ଦେଖୁ ଗୋଟିଏ କବିତା ପ୍ରତି ହଠାତ୍ ଦୃଷ୍ଟି ଆକୃଷ୍ଟ ହେଲା, ଶିରୋନାମା ଲେଖାଅଛି "ଫନ୍ତ୍ରାସୁମାନା ।" କିଛି ବୁଝି ନ ପାରି କୌତୁହଳର ବଶ ସମ୍ପାଦକ କବିତାଟି ପଢ଼ି, ପ୍ରଧାନ ଅକ୍ଷର ଖଞ୍ଜାଳିକୁ ଡାକ ପକାଇଲେ—"କେଶବ, କେଶବ······

'ଆଜ୍ଞା, କଅଣ —'

'କବିତା ବିଭାଗ ଅକ୍ଷର ଖଞ୍ଜା ସରିଲାଣି ?'

'ଆଜ୍ଞା ହଁ, ସବୁକେଇ ଅଧାଅଧି ହୋଇ ଗଲାଣି ।'

'ଅଚ୍ଛା ସେ "ବୁଟି" କବିତାଟା କାଢ଼ିଦେଇ ଏ କବିତାଟା ଶୀଘ୍ର ଖଞ୍ଜି ଭର୍ତ୍ତି କରିଦିଅ ।'

'ଆଜ୍ଞା ଡେରି ହୋଇଯିବ ।'

'ମୁଁ ଯାହା କହୁଛି କର । ସମୟୋପଯୋଗୀ କବିତାଟିଏ ମିଳୁଛି ଛାଡ଼ିବା ଉଚିତ ହେବ ନାହିଁ ।'

'ହଉ ଆଜ୍ଞା ଦଅନ୍ତୁ—'

# ଦ୍ୱିଖଣ୍ଡ

ଅଜକାଲି ସଂସାରଟା ଆଉ ଗଦ୍ୟମୟ ହୋଇ ନାହିଁ । ଏକାବେଳକେ ପଦ୍ୟମୟ । ଏହାର ପ୍ରମାଣ ହେଉଛି ସମ୍ପାଦକଙ୍କ ରଦ୍ଦ କାଗଜ ଖାଳେଇ । ଏଥୁ ଖାଳେଇ ସବୁ ଘାଣ୍ଟିଲେ ଶତକଡ଼ା ୯୯.୯ ଭାଗ କବିତା ଅଲବତ୍ ବାହାରିବ । ଏହାର କାରଣ ଖୋଜିବାକୁ ହେଲେ ବେଶିବାଟ ଯିବାକୁ ହେବ ନାହିଁ । କବିତାଟା ହେଲା ପଚପଚିଆ ଓ ରସ୍‌ରସିଆ ପଦାର୍ଥ । ତାକୁ ନ ଆଦର କେହିଁ ବୁଢ଼ବକ୍ ଶୁଖା ଖଡ଼୍‌ଖଡ଼୍ ଗଦ୍ୟ ଅଡ଼କୁ ଅଖି ପକାଇବ । କବିତା ଅବୃତ୍ତି କଲେ ସାପ, ଚଢ଼େଇମାନେ ବି ଟାଣି ହୋଇ ଆସନ୍ତି, ମଣିଷଙ୍କ କଥା ଛାଡ଼ । କେବଳ ଏଇଥିଲାଗି କବିତା ବଜାରରେ ଏ ଠେଲାଠେଲି, ପେଲାପେଲି କୋଉବାଟେ ହେଲେ କବିତା ଲେଖି-ବାକୁ ହେବ । ସେଥିପାଇଁ ବାଟ, ଅବାଟ ମଣ୍ଡା, ଅମଣ୍ଡା ବସ୍ତୁର

ନାହିଁ । କବିତା ଲେଖା ଗଲା, ବାକୁଅଡ଼ ଗଲାକୁ ଝିପି ଗଲାଣି । ଏହି ଗଲା ନିବାରଣ ପାଇଁ ଜଣେ କବିତା ଲେଖି ବସିଲେ । ମନେ ମନେ ଭାବିଲେ—ଖୁବ୍ ପରିଷ୍କାରକର ସବୁଠାରୁ ବଢ଼ିଆ କବିତାଟାଏ ଲେଖିଦେବା । ଏତେ ବଡ଼ କାମଟାଏ ଯେତେବେଳେ ହାତକୁ ଯାଉଛି ସେତେବେଳେ ଅନ୍ତତଃ ଜଣେ ପୋଖତ୍ କବିଙ୍କୁ ଟିକିଏ ପଚାରି ପରଖି କରି ନେଇଥିବା ଦରକାର । ପୋଖତ୍ ହୋଇ ଏକଦମ୍ ହଁଡ଼ିବା ଉପରେ ବସିଥିବା ଜଣେ କବିଙ୍କୁ ଭଲ କବିତାର ହାତ ଗୋଡ଼ କିପରି ଓ ତାକୁ କିପରି ଗଢ଼ିବାକୁ ହୁଏ ପଚାରିଲେ ।

କବି ବର୍ଣ୍ଣନା କଲେ—"କବିତା ଲେଖିବାର ଗୋଟିଏ ନିଶା ଦରକାର । ନିଶା ନହେଲେ ଭଲ କବିତା ବାହାରିବ ନାହିଁ । ଭଲ କବିତାରେ ଏହିସବୁ ଜିନିଷରୁ ଅନ୍ତତଃ କିଛି କିଛି ରହିବା ଦରକାର—ଗମ୍ଭୀର ଅର୍ଥ—କବିତାଟି ପଢ଼ିଦେଲେ ଗୋଟିଏ ଉପର ଠାଉରିଆ ଅର୍ଥ ବାହାରୁଥିବ, କିନ୍ତୁ ଖୁବ୍ ଭିତରକୁ ଗୋଲ୍ ଦେଲେ ଆଉ ଗୋଟିଏ ସୁନ୍ଦର ଅର୍ଥ ବାହାରୁଥିବ । ଆଉ କ'ଣ ଦେଖ, ସ୍ତ୍ରୀ-ଲୋକମାନେ ଅଳଂକାର ପିନ୍ଧିଲେ କିପରି ସୁନ୍ଦର ଦିଶନ୍ତି । କବିତାକୁ ସେହିପରି ଅଳଂକାର ଯୁକ୍ତ କରିବା ଦରକାର । ଏହା ନାନା ପ୍ରକାର ହୋଇପାରେ ଯଥା—ଯମକ, ଅନୁପ୍ରାସ, ଶ୍ଳେଷ, ଧ୍ୱନି, ଉପମା, ଛନ୍ଦ, ଶୃଙ୍ଖଳା, ବିରୋଧାଭାସ ରୂପକ, ଅନ୍ତର୍ଲିପି, ବହିର୍ଲିପି, ବନ୍ଧ, ବକ୍ରୋକ୍ତି, ଉଚ୍ଚ ଆଦର୍ଶ, ଜୀବନଦର୍ଶନ, ରସ, ଲୋକପ୍ରିୟତା ଇତ୍ୟାଦି । ଏସବୁ ପ୍ରତି ନଜର ଦେଇ କବିତା ଲେଖିବାକୁ ହେବ । ତୁମ୍ଭେ ଗୋଟିଏ ଏମିତିଆ କବିତା ଲେଖି ମୋ ପାଖକୁ ଆଣ । ମୁଁ ସଂଶୋଧନ କରିଦେବି ।

କବିଙ୍କ ଉପଦେଶତକ ମୁଣ୍ଡରେ ଭର୍ତ୍ତିକରି ଘରକୁ ଫେରିଲେ । ଶୁଭଦିନ ଦେଖି ଲେଖା ଆରମ୍ଭ କଲେ । ଖୁବ୍ କହୁଛନ୍ତି

ଶାଢ଼କର 'ଲଙ୍‌ଲିଭ୍' କୁହାଟି ଅର୍ଥାତ୍ ଦୀର୍ଘ ଜୀବନ କାମନା ସୂଚକ ଧ୍ୱନିମାନ କରି ଏବଂ ଇଫାର ପଦାର୍ଥ ଦେଇଣ ଅର୍ଥାତ୍ ମେଣ୍ଡାଲ୍ୟଦ ଅଲଙ୍କାରରେ ଭୂଷିତକରି ଲୋକେ ତାଙ୍କୁ ପାଗ୍ଲେଟି ନେଇଗଲେ । ଏହି ଅଂଶରେ ଦେଖନ୍ତୁ ଶୋଭାଯାତ୍ରା ସାଙ୍ଗ ସମକ, ଦୀର୍ଘ ଜୀବନ କାମନା ସୂଚକ ଧ୍ୱନି, ଇଫାର ଗୋବରଦର ଅଲଙ୍କାର ଅଛି । ପୁଣି ଦେଖନ୍ତୁ ଓଲଟା ଗରମ ବା ଗରମର ଓଲଟା ଅର୍ଥାତ୍ ଥଣ୍ଡା ହେବାରୁ ନାକରୁ ପାଣି ବୋହିଲା ଅର୍ଥାତ୍ ଶ୍ଳେଷ୍ମା ଆସି ପଡ଼ିଲା । ତୋପରସକରି ଗରମ ଅର୍ଥାତ୍ ଗରମ 'ଚୋପ୍ ସୁ'ର ବା ଆଜିକାଲିର ବଢ଼ିଆ ରସ ପିଇବାକୁ ହେଲେ ଏଠାରେ ଶ୍ଳେଷ୍ମ । ଓ ଉନ୍ମୂତ୍ତ ରସ ବହିଲା । ଗୁହଳର ଭାଇ ଅଟେ ଗହମ ତାର ହୃଦୟ ବୋଇଲେ ସୁଜି, ତାକୁ ଘିଅରେ ସନ୍ଥ ଲୁଣ ଲଙ୍କା ଦେଲେ ବଢ଼ିଆ ଉପମା ତିଆର ହୁଏ । ଲୋକେ ସେହି ଉପମାକୁ ଟେନ୍‌ସିଂଙ୍କୁ ଖାଇବାକୁ ଦେଲେ, ଏଠି ଚମତ୍କାର ଉପମା ରହିଲା । ଦାଉଁ ମୁଣ୍ଡ-ବାସି ଅର୍ଥାତ୍ ଫୁଲ ତାର ମାଳକୁ ତା ଗଳାରେ ଛନ୍ଦିଦେଲେ । ହେଇ ଆସିଲା ଛନ୍ଦ । ବନ୍ଧୁକ-ହାତିଆ ବା ସୈନିକମାନେ ମୁଖରେ ବୁବିରେ, ବ୍ରୁବିରେ ଅର୍ଥାତ୍ ଆନନ୍ଦ ସୂଚକ ଧ୍ୱନି କଲେ । ଏଠାରେ ଆସିଲା ଶୃଙ୍ଖଳା ଓ ପୁଣି ଧ୍ୱନି । ସୈନିକମାନଙ୍କର ତ ସବୁଠାରୁ ବଡ଼କଥା ଶୃଙ୍ଖଳା । ପାକିସ୍ଥାନ ଫାଲ ଅର୍ଥାତ୍ ଯାହାର ଗୋଟିଏ ଫାଲ ହେଉଛି ପାକିସ୍ଥାନ ଏମନ୍ତ ସେ ପଶ୍ଚିମ ବଙ୍ଗ ଭାର ଲୋକେ କହୁଲେ—ଟେନ୍‌ସିଂ ଆମର ଲୋକ । ଗୋଲମୁହାଁ ବା ନେପାଲମାନେ କହିଲେ—ନା ସେ ଆମର । କ୍ରମେ ଏହିପରି ବିରୋଧର ଆଭାସ ମିଳିଲା । ବିରୋଧାଭାସ ମିଳିଲା କି ନାହିଁ ? ହିଲିକଟା ବଂଶୀ ହଣ୍ଟ ଅର୍ଥାତ୍ ଇଂଲଣ୍ଡବାସୀ ହଣ୍ଟ ସାହେବ ଟେନସିଂ ଭିଡସ୍ତରେ ବଟଙ୍କେଇ ବଟଙ୍କେଇ କହିଲା ହଣ୍ଟର ଟେନସିଂହକୁ ଟିକିଏ

ନ୍ୟୂନ କରିଦେବାର ଇଚ୍ଛା । ଅଥଚ ସିଧା ସଳଖ କହିଦେଲେ ଲୋକେ ଛି ଛିକାର କରିବେ ତେଣୁ ସେ ବଙ୍କେଇକରି କଥାଟାକୁ କହିଲେ—ଟେନସିଂ ଏଭରେଷ୍ଟ ଉପରେ ଚଢ଼ିଲା ସତ କିନ୍ତୁ ତାର ଜ୍ଞାନ ବଡ଼ ସୀମା ବଦ୍ଧ । ଏଥିରେ ବଙ୍କେଇ ବଙ୍କେଇ କଥା ବା ବକ୍ରୋକ୍ତି ରହିଲାତ ? ହନୁମନ୍ତ କୈଳାସ ଉପରେ ଚଢ଼ିଲେ, ଟେନସିଂ ସେହିପରି କୈଳାସ ବା ଗୌରୀଶଙ୍କର ଉପରେ ଚଢ଼ିଲେ ତେଣୁ ସେ ହନୁରୂପୀ ମହାବୀର ହେଲେ । ତାହାଙ୍କୁ ଏକଥା ବଡ଼ କଷ୍ଟ ହେଲା । ଏଟି ରହିଲା ରୂପକ । ଶ୍ରୀମନ୍ଦିର ବାସୀ ଠାକୁରେ ଅର୍ଥାତ୍ ଜଗନ୍ନାଥଙ୍କୁ ମନେ ମନେ ଦର୍ଶନକଲେ ବା ଚିନ୍ତାକଲେ । ଏଠାରେ ବନ୍ଧ ଓ ଜଡ଼ ଦର୍ଶନ ଅଛିକି ନାହିଁ ଦେଖନ୍ତୁ । ଶ୍ରୀମନ୍ଦିରରେ ଗୋଟିଏ ବନ୍ଧ ନୁହେଁ ଏକାବେଳକେ ଚଉପଟି ବନ୍ଧ ଅଛି । ଅଉ ଜଗନ୍ନାଥଙ୍କ ଦର୍ଶନ ସବୁଠାରୁ ଜଡ଼ ଦର୍ଶନ ନୁହେଁକି ? ଏତେ ବଡ଼ ଗୌରବ ଟେନସିଂ ପାଇଥିବାରୁ ଜଗନ୍ନାଥଙ୍କୁ ସ୍ମରଣ-କରି ପ୍ରାର୍ଥନା କରୁଅଛନ୍ତି କି, "ହେ ଭଗବାନ ଆପଣଙ୍କ ନାମ ସଦା ମୋର ଭିତରେ ଓ ବାହାରେ ଲିପିବଦ୍ଧ ହୋଇ ରହୁଥାଉ ।" ଏଠାରେ ଅନ୍ତର୍ଲପି ଓ ବହିର୍ଲପି ଆସିଲା ଦେଖିଲେ ତ ? ଅତ୍ରୁର ସ୍ତ ମୋଟାମୋଟି ଦେଖନ୍ତୁ କବିତା ବସ୍ତୁଟି ଅତି ଲୋକପ୍ରିୟ, ଏତେ ଲୋକପ୍ରିୟ ଯେ ପୃଥିବୀର ସବୁ ଖବର କାଗଜରେ ଏହିକଥା ପୃଥିବୀର ଲୋକେ ଏହି ବିଷୟ ଚର୍ଚ୍ଚା କରିବା ପାଇଁ ଭୋକ ଶୋଷ ଭୁଲି ଯାଉଅଛନ୍ତି । ଅଙ୍କା ଆପଣଙ୍କ ମତାମତ କହନ୍ତୁ । ଏତେବଡ଼ ଗମ୍ଭୀର ଅର୍ଥପୂର୍ଣ୍ଣ କବିତାକୁ ମୁଁ ପାଞ୍ଚ ମିନିଟରେ କରିଦେଇଛି ।

ଆଁ କହକରି ଓ ଗମ୍ଭୀର ନିଶ୍ୱାସ ତ୍ୟାଗକରି ସୁରୁ କହିଲେ —ବାପ୍‌ରେ ବାପ୍ ! ମଣିଷ ଅଣନିଶ୍ୱାସୀ ହୋଇଯିବ । ଏପରି କ୍ଷଣଜନ୍ମା କବିଙ୍କୁ କି ଉପାଧି ଦିଆଯିବ ? କବି ସମ୍ରାଟ, କବିଚନ୍ଦ୍ର,

ଭକ୍ତ ସୂର୍ଯ୍ୟ, ଭାନ୍ତ୍ରଭକ୍ତ, ଦରଦୀ ଭକ୍ତ, ଭକ୍ତ ଶ୍ରେଷ୍ଠ, ଭକ୍ତ ତିଳକ, ଭକ୍ତ ଶିରୋମଣି ଇତ୍ୟାଦି ଉପାଧିମାନ ତ ଆଗରୁ ଦିଆସରିଛି । ତେବେ ମୁଁ ଅତି ଆଦରରେ ତୁମ୍ଭଙ୍କୁ "ଭକ୍ତଶୂଣ୍ଠ" ଉପାଧିଟି ଦେଉଛି ।

# କବି ଓ ସମାଲୋଚକ

ଭାଙ୍ଗମିଶା ବେଲପଣାରୁ ଗିନାଏ ପିଇ ସମସ୍ତେ ଟିକିଏ ଆରାମ ହୋଇ ବସିଲେ । ମିଜାଜ୍‌ଟା ବି ସମସ୍ତଙ୍କର ଟିକିଏ ଝର୍‌ର୍‌ ହୋଇଗଲା । ଊଣା ଅଧିକେ ସମସ୍ତେ କବି ବା ସମାଲୋଚକ । କବିତା ବିଷୟରେ ତେଣୁ ସରଗରମ ଚର୍ଚ୍ଚା ଚାଲିଲା । ଜଣେ କହିଲେ, "କବି ଅପେକ୍ଷା ସମାଲୋଚକର ବାହାଦୁରି ଅଧିକ ବେଶି । ଯେତେ ବଡ଼ ଖରାପ କବିତା ହୋଇଥାଉ ପଛକେ ସମାଲୋଚକ ତାକୁ ବୁଝି ସେଥିରୁ ବଢ଼ିଆ ବଢ଼ିଆ ଜିନିଷ ବାଢ଼ି ଥୋଇଦେବ । ତେଣୁ ସମାଲୋଚକର ସ୍ଥାନ କବିଠାରୁ ଅଧିକ ଉପରେ ।" ଜଣେ ଝାମ୍ପୁରି ମୁଣ୍ଡିଆ କବି ପ୍ରତିବାଦ କରି ଉଠିଲେ, "ଆଗେ ରଚନା ହୋଇଥିଲେ ସିନା ତୁମେ ବୁଝିବ । ତେବେ ତ ସୃଷ୍ଟି କଲା କବି । ତେଣୁ କବିର ଆସନ ଉପରେ ।"

ଉଇବାଦ କ୍ରମେ ବଢ଼ିଲା । ଅତଏବ ତର୍କାଭାସ୍ୱ ଭଦ୍ରଲୋକଟି କହିଲେ, "ଅଚ୍ଛା ଏବେ ଉଇବାଦରେ ଲାଭ କ'ଣ ? ମୁଁ ଗୋଟିଏ ଘଟଣା କହୁଛି । ତାକୁଇ କେବଳ କବି କବି ଓ ସମାଲୋଚକ ନିଜ ନିଜର କବିମତ ଦେଖାନ୍ତୁ ।"

ଗୋଟିଏ ପୋଖରୀ କୂଳରେ ଗୋଟିଏ ସୁନ୍ଦର ପୁରୁଷ ଠିଆ ହୋଇଥିଲା । କାହାଁକ ସ୍ନାନ ହେତୁ ଗୋଟିଏ କଦାକାର କାଳୀ ଖୁ କୁଣ୍ଡ୍ରୀ ମାଇକିନିଅ ତା' ପ୍ରତି ଅବ୍ୟସ୍ତ ହୋଇ ତା'ଆଡ଼କୁ ଧାଇଁଗଲା । ହଠାତ୍ ପୁରୁଷଟି ତାକୁ ଦେଖି ଭୟରେ ପାଣିକି ଡେଇଁ ପଡ଼ିଲା । ତା'ପରେ ଯେତେବେଳେ ପ୍ରକୃତସ୍ଥ ହେଲା ଓ ତାକୁ ଭଲ ଭାବରେ ଚିହ୍ନି ପାରିଲା ସେତେବେଳେ ସେ ସ୍ତ୍ରୀଲୋକକୁ ଡାକି କହିଲା—"ହେ ହେ ମୋତେ ଟିକିଏ ପୋଖରୀ ପାଣିରୁ ଉଠାଇ ନେ ।" ସେହି ଲୋକର କଥାକୁ କେବଳ କବି ଅପଣମାନେ ନିଜ ନିଜର କବିମତ ଦେଖାନ୍ତୁ ।

କବି କଟିପଣ୍ଡ କହିଲେ, "ରହ, ଶୁଖିଲା ତେରଷ୍ଟାଏ ଦେଉଛୁ ଯେ କେମିତ ବୁହ୍ନିଁଦ ଦେଖିବା । ଧର ସେ ଲୋକଟି କହିଲା ।

"ଗୋବର ବରନା ସଖି ଆରେ,
ସରସୀ ବାରିରୁ ରଖି ଯା'ରେ !"

ଖୋଲିଗଲା ସ୍ତ୍ରୀଙ୍କ ପରି ଉଟିପଣ୍ଡ ସମାଲୋଚକ କହିଲେ, ଏଇଟା, ତୁମେ ଏଇ ଅର୍ଥ କରିଥିବ ଯେ ଗୋବର ପରି ବର୍ଣ୍ଣ ଅର୍ଥାତ୍ କାଳୀ ସ୍ତ୍ରୀଲୋକଟିକୁ ପୁରୁଷ କହୁଛି, "ସଖି, ଏ ପୋଖରୀ ପାଣିରୁ ମୋତେ ତ୍ରାଣ କରି ନେଇଯା" କିନ୍ତୁ ମୁଁ କହୁଛି ତାହା ନୁହେଁ । ଦେଖ ହେଇ ମୁଁ ବୁଝିଲି—ଗୋ ବରବରନା ସଖି ଅର୍ଥାତ୍ ହେ ଶ୍ରେଷ୍ଠବର୍ଣ୍ଣା ଅର୍ଥାତ୍ ଉଜ୍ ଉଜ୍ ଗୋରୀ ସଖି, ଅର୍ଥାତ୍ ବାନ୍ଧବୀ ତୁ ଆ । ଅର୍ଥାତ୍ ତୁ ମୋ ପାଖକୁ ଆ । ଅଜ୍ଞ ଶର-ଶିବାରୁ; ଶର

ବୋଇଲେ ଧନୁଶର, ଶିବାର ବୋଇଲେ ଶିବଙ୍କର ଅରି ଅର୍ଥାତ୍ କାମଦେବ—ସେହି କାମଦେବଙ୍କ ଶରରୁ ଅର୍ଥାତ୍ କାମଦେବ ମୋତେ ଯେଉଁ ପୀଡ଼ା ଦେଉଛି ତହିଁରୁ ରକ୍ଷିସା ଅର୍ଥାତ୍ କନ୍ଦର୍ପ ପୀଡ଼ାରୁ ମୋତେ ରକ୍ଷାକର । ଦେଖ ତୁହି କାଢ଼ିଲୁ କି ନାହିଁ । କବି କହିଲେ, "ହଁ ଯୋଗକୁ ବାଜିଗଲା ।"

ସମାଲୋଚକ କହିଲେ, "ଏଁ ବାଜିଗଲା ! ଦେଖ, ଫେର୍ ବୁଝିବ । କିନ୍ତୁ ତା' ପୂର୍ବରୁ ଟିକିଏ ଭୂମିକା ଦେଇଦିଏଁ । ଥରେ ମହାଦେବ ତାଙ୍କ ଷଣ୍ଢକୁ କହିଲେ, "ଅରେ ତୁ ଯା ମର୍ତ୍ତ୍ୟଲୋକକୁ କହିଦେବୁ ସେମାନେ ତିନିଦିନରେ ଥରେ ଖାଇବେ ।" ଷଣ୍ଢଟି ବିଚରା ସେଦିନ କୋଉଠି ଓଦା ଖାଇବ ବୋଲି ଭ୍ରମି ଯାଉ ଯାଉ ତା' ମୁଣ୍ଡରେ ଗଣ୍ଡଗୋଳ ହୋଇଗଲା । ସେ ତିନିଦିନରେ ଥରେ କ'ଣ କହିବ ଓଲଟା କହିଲା, "ହେ ମର୍ତ୍ତ୍ୟବାସୀଗଣ ଦିନକୁ ତିନିଥର କରି ଖାଅ । ମହାଦେବଙ୍କ ଆଜ୍ଞା ।" ସ୍ୱାତେ ମର୍ତ୍ତ୍ୟରେ ସମସ୍ତେ ଦିନକୁ ତିନିଥର କରି ଖାଇଲେ । ଖାଦ୍ୟାଭାବ ପଡ଼ିଲା । ଗୋଟାଏ ଗାଁର ଲୋକେ କିଛି ଖାଇବାକୁ ପାଇଲେ ନାହିଁ । ତିନି ଗୁହଦିନ ଯାଏଁ ଗାଁ ପୋଖରୀରୁ ପେଟେ ଲେଖାଏଁ ପାଣି ପିଇଲେ । ସେମାନେ ଜାଣିପାରିଲେ ଯେ ମହାଦେବଙ୍କ ଷଣ୍ଢଯୋଗେ ଏ ବିପତ୍ତି ପଡ଼ିଲା । ସେ ଯଦି ଆମର ଦିନକେ ତିନିଥର ଖିଆକୁ ବନ୍ଦ କରନ୍ତା । ତେବେ ଆମର ଏ ପୋଖରୀ ପାଣି ପିଆର କଷ୍ଟ ରହନ୍ତା ନାହିଁ ମନେକରି ଗାଁ ଲୋକମାନେ ଏହି କବିତାଟି ପଢ଼ି ମହାଦେବଙ୍କ ଷଣ୍ଢକୁ ଡାକୁଛନ୍ତି—'ଗୋ-ବର ବର', ଗୋ, ଅର୍ଥାତ୍ ଗାଈ, ଗାଈର ବର ହେଲା ଷଣ୍ଢ; ଗୋବର ବର ହେଲା ଶ୍ରେଷ୍ଠ ଷଣ୍ଢ ଅର୍ଥାତ୍ ହେ ମହାଦେବଙ୍କ ଷଣ୍ଢ, ନାଶ ଅର୍ଥାତ୍ ନଷ୍ଟ କର; ଖିଆରେ ଅର୍ଥାତ୍ ଆମ୍ଭର ଏହି ଦିନରେ ତିନିଥର ଖିଆକୁ ନଷ୍ଟ କର । ଏବଂ 'ସରସ୍ତୀ

ବାବନ୍ତୁ ରକ୍ଷିସାରେ; ଅର୍ଥାତ୍ ପୋଖରୀ ପାଣି ପିଅନ୍ତୁ ରକ୍ଷିସାରେ ଅର୍ଥାତ୍ ରକ୍ଷା କର । ଦେଖ; ଫେର୍ ବୁଝିଁଲ କି ନାହିଁ ? ଆଉ ଗୋଟାଏ ଲୁଚିବା ଶୁଣ ।

ଗୋଟାଏ କଳନ୍ତୁଣ୍ଡୀ ଭାରିଯା ତା' ଘଇତାକୁ ଗୋଟାଏ ଦଉଡ଼ି ଦ୍ୱାରା ଖୁଣ୍ଟରେ ବାନ୍ଧି ଦେଇଥିଲା, ସେ ବିଚରା ବିକଳ ହୋଇ ତା' ଭାରିଯାକୁ ଡାକି କହୁଛି—"ଗୋ ବରବରନା; ଅର୍ଥାତ୍ ଗୋ ନାରୀ ବର ଅର୍ଥାତ୍ ଯେ ବର୍ ବର୍ ହୁଏ ନାହିଁ (ଯେପରି ନାମରୂପା ଅର୍ଥ ପୌରୁଷ ବିହୀନ) ସେହିପରି ରେ ସର୍ବ ଦୁଅଁରେ । ଗୋଦଟିକୁ ସୁନ୍ଦରୀ କହିଲେ ସେ ଗୋଡ଼ ଟୁଲାଇ ଟୁଲାଇ ପକାଏ । ସେହିପରି ବରବର ହୋଇଥିବା ସ୍ତ୍ରୀକୁ ବରବର ହୋଇ ନ ଥିବା ସ୍ତ୍ରୀ ବୋଲି କହିଲେ ସେ ଖୁସି ହୋଇଯିବ ବୋଲି ଭାବି କବି ତାକୁ ନାରୀ ବର ବୋଲି କହିଲେ । 'ସରସୀ ବାଦ୍ବୁ ଅର୍ଥାତ୍ ସରସି କ ରଣି ଅର୍ଥାତ୍ ଦଉଡ଼ି ଯୁକ୍ତ ହୋଇଥିବା ବାଦରୁ ଅର୍ଥାତ୍ ବନ୍ଧନରୁ ଅର୍ଥାତ୍ ମୁଁ ଯେ ଏଠାରେ ଦଉଡ଼ିରେ ବନ୍ଧା ହୋଇ ପଡ଼ିଛି ସେଥିରୁ ମୋତେ ରକ୍ଷିସା ଅର୍ଥାତ୍ ଖୋଲିଦେ ।

ପୁଣି ବୁଝୁଁଛ ଦେଖ, ଜଣେ ଶିଷ୍ୟ ଗୁରୁଙ୍କୁ ଗୋଟିଏ କବିତା ଦେଖାଇଲେ । ସେଥିରେ ଲେଖାଥିଲା—

ଖିଲ୍‌ଖିଲ୍ ଶ୍ରେଣି ମୁଖି ସ୍ୱର୍ଣ୍ଣ ସର୍ଗରେ
ଖିଣ ଖିରଷାକୁ ଗୁର୍ଖ ଡାଲ୍ ଲକ୍ଷିରେ ।

ଗୁରୁ କବିତାକୁ ଦେଖି ଚିଡ଼ିସାଇ କହୁଅଛନ୍ତି—ଗୋକର ବର ନାଶ ଖିଅରେ—ଅର୍ଥାତ୍ ଆରେ 'ବୋଦ' ବା ମୂର୍ଖ, ତାହାର ବର ଅର୍ଥାତ୍ ଶ୍ରେଷ୍ଠ ମୂର୍ଖ 'ଖ' ନାଶ ଅର୍ଥାତ୍ ଏହୁ ଯେ ଏତେ 'ଖ' ଅକ୍ଷର ବ୍ୟବହାର କରିଛୁ ତାହା ନାଶ କର ଅର୍ଥାତ୍ ହଟାଇଦେ । ସରସୀ ଅର୍ଥାତ୍ ଅମ୍ଳ ପ୍ରଶଂସା, ବାଦ ହୋଇଲେ

ଅବରଣ ଅର୍ଥାତ୍ ଅମ୍ବରଡ଼ମା ରୂପକ ଅବରଣରୁ ରକ୍ଷମା ଅର୍ଥାତ୍ ଏହି ଭକ୍ତାକୁ ରକ୍ଷାକର ।

ପୁଣି ବୁଝିବ ? ଅଚ୍ଛା ଶୁଣ ଦେଖ ।—ଗୋଟିଏ ଯୁବତୀକୁ ଦୁଇଜଣ ଅପେଖଇ ଥାଆନ୍ତି । ତା ମଧ୍ୟରୁ ଜଣେ ଖୁବ୍ ଗାଇଲାବାଲା । ଭାବିଲେ ତା ପ୍ରତି ଯୁବତୀଟି ଢଳି ପଡ଼ିବ ସେଥିଲାଗି ଅନ୍ୟ ଜଣକ ଆଗତୁରା ଯୁବତୀଟିକୁ ପ୍ରାଣ ବାକଳରେ କହି ପକାଉଛନ୍ତି—'ଅବେ ସର୍ଣ୍ଣ ଗୋ-ବର ବରନା'—ଅର୍ଥାତ୍ ରେ ସର୍ଣ୍ଣ ଗୋ ବୋଇଲେ ଗାୟକ, ବର ବୋଇଲେ ଶ୍ରେଷ୍ଠ, ସେହି ଶ୍ରେଷ୍ଠ ଗାୟକକୁ ବରଣ କରନା । ଶର ଶିବାବରୁ ଅର୍ଥାତ୍ କନ୍ଦର୍ପ ପୀଡ଼ାରୁ ରକ୍ଷ ମା ଅର୍ଥାତ୍ ମୋତେ ରକ୍ଷା କର । ଅର୍ଥାତ୍ ସେହି ଗାୟକ ଶ୍ରେଷ୍ଠକୁ ବରଣ ନ କରି ମୋତେ ବରଣ କର ।

ଦେଖ ପୁଣି ବୁଝିବ । ଗୋଟିଏ ଲୋକକୁ ଗୋଟିଏ କୁକୁର କାମୁଡ଼ି ଦେଲା । ପାଖରେ ଗୋଟିଏ ବଢ଼ୁଆ ଗଉଡ଼ ଟୋକା ଠିଆ ହୋଇ ଚୂନପଣା ଖାଉଥିଲା । ଲୋକଟି ବାକଳରେ ଡାକ ପକେଇଲା— ରେ ନାଗଶିଅ ଗୋବର ବର ଅର୍ଥାତ୍ ରେ ଚୂନପଣ ଖାଉଥିବା ବର ଗୋବର । ବର ଅର୍ଥାତ୍ ଶ୍ରେଷ୍ଠ, ଗୋ ଅର୍ଥାତ୍ ଗୋରୁ ବର ଅର୍ଥାତ୍ ବାଳକ ଅର୍ଥାତ୍ ହେ ଚୂନପଣ ଖାଉଥିବା ଗଉଡ଼ ପିଲା, ଶିବାସ୍ତ ଶରରୁ ଅର୍ଥାତ୍ ଶିବା ଯେ କୋଲିଅ ତାହାର ଅରି ଅର୍ଥାତ୍ ଶତ୍ରୁ ଯେ କୁକୁର ତାହାର ଶର ଅର୍ଥାତ୍ ଆଘାତ ସେଥିରୁ ରକ୍ଷ ମା ଅର୍ଥାତ୍ ମୋତେ ରକ୍ଷାକର ।

ସମସ୍ତେ 'ହଁ' କରି ଶୁଣୁଥାଆନ୍ତି । ଭାଙ୍ଗ ସେତେବେଳକୁ ଖୁବ୍ କାମ ଦେଖେଇଲାଣି । ସମାଲୋଚକ ପୁଣି କହିଲେ—ଦେଖ ଫେର୍ ବୁଝିବ ସମସ୍ତେ ଦୁ ହାତ ଉଠାଇ ଏକାବେଳକେ କହି-ଉଠିଲେ, "ଥାଉ ଥାଉ ଆଉ ବୁଝିନାହିଁ ହେବ ଛୁଡ଼ିଯିବ ।"

ସମ୍ପାଦକଙ୍କ ସ୍ୱା ଲୋଭରେ ବେଶୀ ପିଇ ଯାଇଥିଲେ । ସେ ଫେର୍ ଆରମ୍ଭ କଲେ "ଗୋ ବୋଲ୍‌ଲେ —"

ଅତିଥି ବର୍ଗଙ୍କ ଦ୍ୱାରା ହଠାତ୍ ଟେଲାଏ ହେଙ୍ଗୁ ଆଣି ତାଙ୍କ ନାକ ଅଗରେ ଦେଇ ମାଡ଼ି ବସିଲେ । ସମ୍ପାଦକଙ୍କ କେତେକ ଅସ୍ପଷ୍ଟ ଅନୁନାସିକ ସ୍ୱର କରି ଚୁପ୍ ହୋଇଗଲେ ।

# ଛବି ପୂଜା

ଇନ୍ଦ୍ରଙ୍କ ସଭା ଆଜି ଭାରି ସରଗରମ । ସ୍ୱୟଂ ସୁରପତି, କବି ସମ୍ରାଟ ଭଞ୍ଜ ଓ କବିବର ରାଧାନାଥଙ୍କୁ ସମ୍ମାନିତ କରିବା ପାଇଁ ସଭା ଡକାଇଛନ୍ତି । ଦୁଇ କବିରାଜ ଏକାଠି ବସିଥାନ୍ତି । ଉର୍ବଶୀ "ଅଭ ଭେଲକଭତ୍ରୁକା" ଗୀତଟି ବୋଲି ନାଚୁଥାନ୍ତି । ଗନ୍ଧର୍ବମାନେ କ୍ଲାରିଓନେଟ୍, କରନେଟ, ସେକ୍ସୋଫୋନ, ହାରମୋନିୟମ, ଡ୍ରମ୍, ତାବଲା ଓ ଅନ୍ୟ ଅନେକ ପ୍ରକାର ଦେଶୀ ଫେଁକାଲି ବଜାଉଥାନ୍ତି । ମହାଦେବ ବ୍ରହ୍ମପୁତ୍ର ଗଞ୍ଜେଇକଲି ଗୁଡ଼ି ଭର ଛିଲମରେ ଭର୍ତ୍ତି କରି ଗୋଟାଏ ଟାଣରେ ସବୁ ଶୋଷାଡ଼ି ନେଇ ଖଞ୍ଜଣୀ ବଜାଇ ବସିଲେ । ନିଶାରେ ଅଉଟ୍ ପାଉଟ୍ ହୋଇ ବେତାଳ କରିବାରୁ ଜଣେ ଗନ୍ଧର୍ବ ତାଙ୍କ ହାତରୁ ଖଞ୍ଜଣୀଟା ଛଡ଼ାଇ ନେଇ ଥିରହୋଇ ବସିବା ପାଇଁ କହିଲେ । ବାଲ୍ମୀକି ଓ

ବ୍ୟାସ ଭବଭୂତିଙ୍କ ପାଖରେ ବସି ଗୀତଗୋବିନ୍ଦ ପଢ଼ି ଯାଉଥାନ୍ତି ଓ ମଝିରେ ମଝିରେ ଭୀମ ତୋଫା ତୋଫା ବୋଲି ଶବେଇ ଉଠୁଥାନ୍ତି । ବିଶ୍ୱାମିତ୍ର ଗୋଟାଏ ଭଙ୍ଗପଟିଆ ଯାଗାରେ ବସି ହାଇପେନ୍ ବହି ପଢ଼ୁଥାନ୍ତି ଓ ମଝିରେ ମଝିରେ ନାଚ ଅଟ୍ଟେ ଗୁହିଁ ଦେଉଥାନ୍ତି । ନାରଦ ଗୋଟାଏ ଢିଙ୍କି ଉପରେ ବସି ବୀଣା ବଜାଉଥିଲେ ।

ଅଧ ଘଣ୍ଟାଏ ଖଣ୍ଡେ ଚୁପ୍ ହୋଇ ବସିଗଲା ଦ୍ୱାରା ତାଙ୍କ ପେଟଟା ଫୁଲେଇ ଦେଲା । ସେ ରାଧାନାଥଙ୍କ ପାଖକୁ ଯାଇ ତାଙ୍କ କାନରେ ଫୁସ୍ ଫୁସ୍ କରି କହିଲେ "ଦେଖି ପାରୁଛନ୍ତି ସୁରପତିଙ୍କ ପକ୍ଷପାତିତା ? ଓଡ଼ିଆ କବିତା ଭଞ୍ଜଙ୍କର ଗାଳି ଖାଇ ଖାଇ ଅଜୀର୍ଣ୍ଣ ରୋଗରେ ପଡ଼ିଥିଲା । ସେଥିରୁ ସେ ବଞ୍ଚି ଥାଆନ୍ତା କି । ଆପଣ ସିନା ତାହାକୁ ଦହି, ଅଦା, ଲୁଣ ଖୁଆଇ ବଞ୍ଚାଇଲେ । ତେଣୁ ଆପଣଙ୍କ ସ୍ଥାନ ଭଞ୍ଜଙ୍କ ଠାରୁ ଉପରେ ନୁହେଁକି ? କିନ୍ତୁ ସୁରପତି ତାଙ୍କ ଗୀତକୁ ଆଗ ବୋଲିବାକୁ କହିଲେ, "ଛି ଛି କି ପକ୍ଷପାତିତା !"

ରାଧାନାଥ ତାଙ୍କୁ ଠେଲି ଦେଇ କହିଲେ— 'ହଁ ଯାଯା ଛାକ୍ ! ଛାକ୍ ବେପାରିକ୍ କିଛି ନାହିଁ ଅସିଲେ ଏଠି କଳି ଲଗେଇବାକୁ । ପଳା ଏଠୁ ।"

ନାରଦ ମୁହଁ ହାଣ୍ଡି ପରି କରି ଟିକିଏ ପଦାକୁ ଚାଲିଗଲେ ଓ ଗୋଟିଏ ବାଡ଼ ଡାଣି ଦେଇସାରି ଭିତରକୁ ଯାଇ ଭଞ୍ଜଙ୍କ ପାଖରେ ବସିଲେ । ଓର ହଣ୍ଡି ଭଞ୍ଜଙ୍କ କାନରେ ଫୁସ୍ ଫୁସ୍ କରି କହିଲେ— "ଆଜ୍ଞା ଦେଖିଲେତ ସୁରପତିଙ୍କ ଅନ୍ୟାୟ କର୍ମ । ଆପଣଙ୍କୁ ନେଇ ରାଧାନାଥଙ୍କ ସାଙ୍ଗେ ବସାଇଲେ । ଯେଉଁ ଓଡ଼ିଆ କବିତାକୁ ଆପଣ ପ୍ରକାଣ୍ଡ ସାହିତ୍ୟର ଅଧୀଶ୍ୱରୀ କରିଥିଲେ ତାକୁ ଏହି ରାଧାନାଥ ପଶ୍ଚି

ତେଲ୍ବାଲଅ କସ୍ତଇ ବଙ୍ଗ, ହିନ୍ଦୀ, ଇଂରେଜୀ ଓ ଗୁଜୁରାଟି ଭାଷାରେ ଭଜାରୁଣୀ କରି ବୁଲଇ ଅଛନ୍ତି । ଏପରି ଲୋକ ସଙ୍ଗେ ଆପଣ ! ଛି, ଛି ସୁରପତିଙ୍କ କି ଅନ୍ୟାୟ କର୍ମ ।”

ଭଞ୍ଜ ଧୈର୍ଯ୍ୟ ଧରି ପାରିଲେ ନାହିଁ । ନାରଦଙ୍କ ଦାଢ଼ିକୁ ଦୁଇ ଗୁଡ଼ ଚିଙ୍କି ଦେଇ ନାକ ଉପରେ ଗୋଟାଏ ମୁଥ ବସାଇଲେ ଓ ଛାଟିକରି କହିଲେ “ପଳାଅ, କଳବୁଢ଼ା ଥୋବରା ! ଏହାକୁ ଆଉ କେଉଁଠି ଜାଗା ମିଳିଲା ନାହିଁ କଳମୁଣି ଝାଡ଼ିବାକୁ ଆସିଛି ଏଇଠାକୁ ।”

ନାରଦ ଲାଜରେ ଇଣ୍ଡପଣ୍ଡ ହୋଇ ଚିଙ୍କିରେ ବସି ସଭା ଛାଡ଼ି ପଳେଇ ଆସିଲେ । ସଭାକୁ ଆସି ତାଙ୍କ ମନ ଗଲ୍ ଗଲ୍ ହେଲା । ବିରକ୍ତ ହୋଇ ସେ ମର୍ତ୍ତ୍ୟକୁ ଦୃଷ୍ଟି ପକାଇଲେ । ତାଙ୍କ ନଜରରେ ପଡ଼ିଲା ଉତ୍କଳ ସାହିତ୍ୟ ସମାଜ । ଦିବ୍ୟ ଦୃଷ୍ଟିରେ ସେ ଦେଖିଲେ ଯେ ଶ୍ରୀ ରାମଚନ୍ଦ୍ର ଭବନରେ ଉତ୍କଳ ସାହିତ୍ୟ ସମାଜର ସଭ୍ୟମାନେ କବି ପୂଜା କରୁଛନ୍ତି । ତାହା ଦେଖି ତାଙ୍କ ମୁଖ ଉଜ୍ଜ୍ୱଳ ହୋଇଗଲା । କଳମ ମୁଣ୍ଡରୁ ମୁଠାଏ ବାଲିଧରି ସେ ଶ୍ରୀ ରାମଚନ୍ଦ୍ର ଭବନ ଉପରେ ଛାଡ଼ିଲେ । ଓ ତା'ପରେ କଳ ଲୋକ ପରି ଚିଙ୍କିରେ ବସି ପୁଣି ସଭା ସ୍ଥାନକୁ ଗଲେ । ସେତେବେଳକୁ ଉର୍ବଶୀଙ୍କ ନାଚରେ ସମସ୍ତେ ଭୋଳ । ହଠାତ୍ ଗୋଟାଏ ପୋଡ଼ା ଗନ୍ଧ ହେବାରୁ ସମସ୍ତେ ନାକ ଟେକିଲେ । ହେଁ ଃ କି ଗନ୍ଧ ବୋଲି ଇଅଡ଼େ ସିଅଡ଼େ ଚାହିଁଲେ । କେତେକ ଭାବିଲେ ଯେ ଦ୍ୱିତୀୟ ପାଣ୍ଡବ ଭୀମା ବୁଢ଼ାଏ ବାର ଗିଠା ମୂଳା ତରକାରି କରି ଗେଫିଛି । ତାହାର ନିଶ୍ଚୟ ଗୋଟାଏ ଅଧଃ ବାୟୁ ନିର୍ଗତ ହୋଇଥିବ । କିନ୍ତୁ ବାବା କହିବାକୁ ସାହାସ କାହାର ? ସେ ଯେ ଭୀମା ! ଏମେ ଗନ୍ଧ

ଗନ୍ଧର ପ୍ରବଳ ହେବାରୁ ସୁରପତି ଗଳେଇ ଉଠିଲେ । ତେବେ ଏ ଦ୍ୱାସ୍ଥ ଏକି ଗନ୍ଧ ?

ଦ୍ୱାରପାଳ ହାତଯୋଡ଼ି କହିଲା, ହେଜୁର ମର୍ତ୍ତ୍ୟରେ ଶ୍ରୀ ରାମଚନ୍ଦ୍ର ଭବନରେ ଭକ୍ତି ପୂଜା ହେଉଛି । ଭକ୍ତମାନଙ୍କ ଦିଆ ଯାଉଥିବା ଧୂପର ଗନ୍ଧ ଏ ଆଡ଼କୁ ଚାଲି ଆସୁଛି । ସୁରପତି ବାୟା ହୋଇ କହିଲେ, "ଏ ଧୂପର ଗନ୍ଧ ?" କବି ସମ୍ରାଟ୍ କହି ଉଠିଲେ, "ଆଜ୍ଞା ମୋର ଭୌତିକ ଶରୀର ପୋଡ଼ା ହେଉଥିବାବେଳେ ଯେଉଁ ଗନ୍ଧ ବାହାରୁଥିଲା ଏତ ଠିକ୍ ସେହିପରି ଗନ୍ଧ ।" ରାଧାନାଥ ବି କହିଲେ, "ମୋର ଭୌତିକ ଶରୀର ପୋଡ଼ା ହେଉଥିବାବେଳେ ମଧ୍ୟ ଠିକ୍ ଏହିପରି ଗନ୍ଧ ବାହାରୁଥିଲା ।"

ଗନ୍ଧ ଅତି ପ୍ରବଳ ହେବାରୁ ସଭା ଭାଙ୍ଗିଗଲା । ସୁରପତିଙ୍କ ଆଜ୍ଞାରେ ଦଶଟିଣ ଇଭ୍‌ନିଙ୍ଗ ଇନ୍‌ପାରିସ୍ ଅତର ଘରସାରା ଛିଞ୍ଚାଗଲା ଓ ଗୋଟାଏ ପ୍ରକାଣ୍ଡ ରେଡ଼ିଓ ଟେଲିଭିଜନ ଯନ୍ତ୍ର ଅଣାହୋଇ ଥୁଆହେଲା । ସୁରପତି ନିଜେ ସ୍ୱିଚ୍ ମୋଡ଼ି ରାମଚନ୍ଦ୍ର ଭବନ ସଙ୍ଗେ ସଂଯୋଗ କରିଦେଲେ । ଭଞ୍ଜ ଓ ରାଧାନାଥ ଉତ୍ସୁକ ହୋଇ ଯନ୍ତ୍ରର ପରଦା ଆଡ଼କୁ ଚାହିଁଲେ ।

ହଠାତ୍ ରାମଚନ୍ଦ୍ର ଭବନର ହଲ୍ ଦିଶିଲା । ହଲ୍‌ଟି ମଣିଷରେ ଭରପୂର । ନିଶୁଆ, ଝାମ୍ପସମ୍ପର୍କିଆ, ଟୋଟା, ଭାଲୁଆ, ଡେଙ୍ଗା, ଧେଡ଼ଆ, ବୁଢ଼ାବୁଢ଼ୀ ଓ ଟୋକାଟୋକୀ ସମସ୍ତେ ଅଛନ୍ତି । ଜଣେ ତା' ଭିତରେ ବକ୍ତୃତା ଝାଡ଼ୁଥାଏ—"ଭାଇମାନେ ! ଯେଉଁ ଫଟ ଝୁଲୁଛି ଏହାକୁ ଚିହ୍ନିଛ ? ଏ ହେଉଛନ୍ତି ମହାପାପୀ ରାଧାନାଥ । ଏ ଯଦି ଆଜି ବଞ୍ଚିଥାନ୍ତେ ମୁଁ ତାଙ୍କୁ ଅଳି ଯାଇଁ ମାଡ଼ିବସି ଥାଆନ୍ତି ଓ ଗାତ ଭିତରେ ତାଙ୍କୁ ବନ୍ଦ କରିଦିଅନ୍ତି । ସମାଧି ଦେଇଥାଆନ୍ତି କିମ୍ବା ତା' ବେକରେ ଦଉଡ଼ି ବାନ୍ଧି କୂଅରେ

ବୁଡ଼ାଇ ବୁଡ଼ାଇ ମାର ଦେଉଥାନ୍ତି । ଏହି ପାପୀର ସେଇଁ ନରାଧମ ଚେଲ୍‌ମାନେ ଉତ୍କଳ ମାତାର ମୁଣ୍ଡରେ ଜଳୁଣୀ ସଦୃଶ ବିଚରଣ କରୁଛନ୍ତି ସେମାନଙ୍କ କଥା ମୋଟେ ଶୁଣ ନାହିଁ । ସେମାନେ ଜୁଆଚୋର, ଭଣ୍ଡ, ଦରିଦ୍ର, ଉଜାସ୍ତ । ଏହି ପାଷାଣ୍ଡମାନେ ଓଡ଼ିଆ ସାହିତ୍ୟର କି ଦୁରବସ୍ଥା ନ କରିଲେ । ଖାଣ୍ଟି ଲାଇକ୍ ଓଡ଼ିଶୀ ଜିନିଷ କ'ଣ ଆମର ନାହିଁ । ଆମର କୋଣାର୍କ ଅଛି, ଆମର ପୁରୀ ଦେଉଳ, ଆମର ଭୁବନେଶ୍ୱର ଦେଉଳ ଅଛି, ଆମର ଯୋବରା ଗୁମ୍ଫା ଅଛି । ଆମର ଖାରବେଳ ଥିଲେ, ଆମର ବଣ୍ଡୁ ମହାରଣା ଥିଲେ, ଆମର ମହାନଦୀ ଅଛି, ଆମର ଭଞ୍ଜ ସାହିତ୍ୟ ମଧ୍ୟ ଅଛି । ଭଞ୍ଜ ସାହିତ୍ୟ ଅହାଃ କି ଚମତ୍କାର ? ଓଡ଼ିଆର ସମ୍ପୂର୍ଣ୍ଣ ନିଜସ୍ୱ ରଚନା—ଶୈଳୀ, ଅଳଙ୍କାର, ଉପମା, ଯମକ ଇତ୍ୟାଦି ଗୁଣରେ ବିଭୂଷିତ ହୋଇ ବିଶ୍ୱ ସାହିତ୍ୟରେ ଏହା ଶୀର୍ଷ ସ୍ଥାନ ଅଧିକାର କରିବ । ଏହି ପାପୀ ନରାଧମ ଚେଲମାନେ ଅମୂଲ୍ୟ ଭଞ୍ଜ ସାହିତ୍ୟକୁ ଛାଡ଼ି; ଉଜାସ୍ତ ଖେଉଡ଼ିଆ ରାଧାନାଥ ସାହିତ୍ୟ ପାଠରେ ଘୋଡ଼ାଇ-ଛନ୍ତି । ଥୁଃ ଥୁଃ ! ସେ ସାହିତ୍ୟରେ କ'ଣ ବା ଅଛି । ଏମାନେ ପର ଘରୁ ସାରୁ ବାଇଗଣ ଭିଅଣ ମାଗିଆଣି ଖାଉଛନ୍ତି ଅଥଚ ଏ ଘୁସୁରିଗୁଡ଼ାଙ୍କୁ ନିଜ ଘରେ ଭିଆର ଅନ୍ତ ପୋଷିଲ ରଖାକୁ ଛୁଇଁବାକୁ ଇଚ୍ଛା ହେଉନାହିଁ । ଭୁବ ଦେଖି କେଉଁ ସାହିତ୍ୟ ଭଞ୍ଜ ସାହିତ୍ୟର ସମକକ୍ଷ ହେବ ?" ସଭା ଭିତରେ କିଏ ଜଣେ କହିଲା "ସେ ଗୁଡ଼ାକ ସହଜରେ ବୁଝିହୁଏ ନାହିଁ ।" ଏହା ଶୁଣି ବକ୍ତା ପୁଣି କହିଲେ"ମରିଯାଅ ମରିଯାଅ; ଯଦି ନ ବୁଝି ପାରୁଛ ମରିଯାଅ ! ମୂର୍ଖ ହେବା ଅପେକ୍ଷା ମରିଯିବା ଭଲ ।" ପୁଣି ଜଣେ କିଏ କହିଲା ଏ ଗୁଡ଼ାକ ତ ଅଶ୍ଳୀଳ । ବକ୍ତା ଗର୍ଜି ଉଠିଲେ "ଫେରେ ଯଦି ଏହା କହିବ, ତୁମ ଜିଭ କାଟି ପକାଇବି । ବାପ ପୁଅକୁ ବାହାଘର

କଥା ପସ୍ତକରେ ଏହା କଣ ଅଶ୍ଳୀଳ ? ଏହା ତ ସମାଜରେ ଚଳପ୍ରଚଳ ତେବେ ଭଞ୍ଜ ସାହିତ୍ୟକୁ କାହିଁକି ଅଶ୍ଳୀଳ କହିବେ ? ଯେ କହିବ ସେ ବଦମାସ । ଭାଇମାନେ ! ଏହି ବଦମାସମାନଙ୍କ କଥା ଶୁଣ ନାହିଁ ।

ଏହି ସମୟରେ ସଭାରେ ଭାରି ଗଣ୍ଡଗୋଳ ହେଲା । ବହୁତ ଠେଲ୍ଲମ୍ ଠେଲା ପେଲ୍ଲମ୍ ପେଲା ପରେ ଆଉ ଜଣେ ଉଠି କହିଲେ "ଭାଇମାନେ; ଯେଉଁ ପାଜି ବଦମାସ୍, ଗର୍ଦ୍ଦସ୍ତମାଗା, ଘୋଡାର, କହାସି ଭଞ୍ଜ ସାହିତ୍ୟକୁ ସର୍ବଶ୍ରେଷ୍ଠ ବୋଲି କହିବ ତା ମୁଣ୍ଡ କାଟି ଦେବା ଉଚିତ । ତା ମୁହଁରେ ପାଲଖଣ୍ଡା ମାରିବା ଉଚିତ । ଯେଉଁ ସାହିତ୍ୟକୁ ପୁଅ ବାପ ପାଖରେ ପଢ଼ି ପାରିବ ନାହିଁ, ଭାଇ ଭଉଣୀ ଆଗରେ ପଢ଼ି ପାରିବ ନାହିଁ ସେ ସାହିତ୍ୟକୁ ଚୂଲି ଭିତରେ ଭର୍ତ୍ତିକରିବା ଦରକାର । ସେହି ଘୋଡାର ଭଞ୍ଜ ଯଦି ଆଜି ବଞ୍ଚିଥାଆନ୍ତା ତେବେ ଏହି ଅଶ୍ଳୀଳ ସାହିତ୍ୟ ଯୋଗୁଁ ସେ ନିଶ୍ଚୟ ଜଏଲରେ ସଡ଼ୁ ଥାଆନ୍ତା । ଭଞ୍ଜସାହିତ୍ୟ ଖୁବ୍ ଐଶ୍ୱର୍ଯ୍ୟଶାଳୀ ଓ ଶକ୍ତିସ୍ପ ହୋଇ ପାରେ କିନ୍ତୁ ଏହା ଓଡ଼ିଆ ଭାଷାକୁ ଅସନ୍ନ ମୃତ୍ୟୁ ମୁଖରୁ ବଞ୍ଚେଇ ପାରିନଥିଲା । ଏହାକୁ ବଞ୍ଚାଇଥିଲେ ପୁଣ୍ୟାତ୍ମା ରାଧାନାଥ । ତାଙ୍କର ଅବିର୍ଭାବ ନ ହୋଇଥିଲେ ଓଡ଼ିଆ-ଭାଷା ଭଞ୍ଜସାହିତ୍ୟର ମଇଳା ଟୋକେଇକୁ ବେକରେ ବାନ୍ଧି ହୁଗୁଳି ନଦୀରେ ବୁଡ଼ି ମରିଥାଆନ୍ତା । ଭାଇମାନେ ! କଅଣ ଭଞ୍ଜ-ସାହିତ୍ୟରେ ସର୍ବହରର ସ୍ଥାନ ଅଛି କି ? ସେ ପାଜି ଭଞ୍ଜର ଚେଲି-ମାନଙ୍କୁ ଗୁଳି କରିଦିଅ । କିମ୍ବା ସେମାନଙ୍କର ହାତ ଗୋଡ଼ ବାନ୍ଧି ମସ୍ଗଲ ମାଲିମା ଣଳାମ୍ପୁ ଗିଲ୍‌କାରେ ପୋଷାଡ଼ି ଦିଅ । ଯୁଗ ବଦଳି ଯିବା ସଙ୍ଗେ ସଙ୍ଗେ ରୁଚି ମଧ୍ୟ ବଦଳି ଯାଏ । ଯେଉଁ ଘୋଡାର ମାନେ ଭଞ୍ଜସାହିତ୍ୟକୁ ଉକୁଟି ମକୁଟି ଧରି ରଖିବାକୁ ଚାହାନ୍ତି

ସେମାନଙ୍କୁ ଘର ଭିତରେ ଭର୍ତ୍ତି କରି ଲଙ୍କାମରିଚ ଧୂଆଁ ଦେବା ଉଚିତ ନୁହେଁ କି ? ସେ ଭଣ୍ଡ ଭଞ୍ଜ ବେଲ୍ଗୁଡ଼ାକ କହୁଅଛନ୍ତି— ଆମର କୋଣାର୍କ ଅଛି, ଆମର ପୁରୀ ଦେଉଳ ଅଛି । କରେ ବାବା ଆଜ ଗୋଟାଏ ନୂଆଟା କୋଣାର୍କ ପୁରୀ ତିଆରି କର । ଭଣ୍ଡ ମାନଙ୍କର ସେ ଶକ୍ତି କାହିଁ ? ସମୁଦ୍ର ଯଦି, କୋଣାର୍କ, ପୁରୀ ଓ ଭଞ୍ଜ ସାହିତ୍ୟକୁ ଗିଳି ହଜମ କରି ଦିଅନ୍ତା ତେବେ ଏ ଭଣ୍ଡଙ୍କର ଚେତନା ଫେରନ୍ତା । ସେମାନେ ନୂତନ ଜିନିଷ ତିଆରି କରିବାକୁ ବାହାରି ପଡ଼ନ୍ତେ । ପୁଣ୍ୟାତ୍ମା ରାଧାନାଥଙ୍କ ଦ୍ୱାରା ସୃଷ୍ଟ ଜନ ସାଧାରଣଙ୍କ ବୋଧଗମ୍ୟ ସାହିତ୍ୟ ଆମେମାନେ ପରିବେଷଣ କରି ଓଡ଼ିଆ ସାହିତ୍ୟକୁ କ୍ରମେ କ୍ରମେ ପରିପୁଷ୍ଟ କରୁଅଛୁଁ । ଆପଣମାନେ ଆମ୍ଭମାନଙ୍କ କଥା ଶୁଣନ୍ତୁ । ଏ ଚୋରକାର ଭଣ୍ଡଙ୍କ କଥାଶୁଣନ୍ତୁ ନାହିଁ ।"

ଏ ବକ୍ତୃତା ଶୁଣୁ ଶୁଣୁ ପ୍ରଥମ ବକ୍ତା ଯେ ଏତେ ରାଗି ଯାଇଥିଲେ ସେ ସମସ୍ତ ଆଇନ କାନୁନ୍ ଭାଙ୍ଗି ହଠାତ୍ ଠିଆ ହୋଇ ପଡ଼ିଲେ ଓ ଗର୍ଜ୍ଜନ କରି କହିଲେ, "ଅରେ ହେ ଧେଡ଼ଗଣ । ଆମ୍ଭମାନଙ୍କୁ କହିବ ଭଣ୍ଡ ଚୋରକାର ? ଆରେ ଚୋରଗଣ ଅମ୍ଭକୁ କହିବ ବଙ୍କାସି ? ଚୋରିକରି ଆଣି ନିଜର ବୋଲିକହ । ଦରିଦ୍ର ଭିକାରି ! ତୁମ୍ଭ ମୁହଁରେ ଲାଜ ନାହିଁ । ଦ୍ୱିତୀୟ ବକ୍ତା ଆଉ ସମ୍ଭାଳି ପାରିଲେ ନାହିଁ । ସେ ଗର୍ଜ୍ଜି ଉଠିଲେ "ରେ ମୂର୍ଖ ବର ବଦମାସ ! ଭଣ୍ଡ ଭଞ୍ଜ ଗୋଟାଏ ପ୍ରକାଣ୍ଡ ପୁଞ୍ଜିପତି ଥିଲା । ତୁମ୍ଭେମାନେ ତାର ଦଲାଲ ! କ୍ରମେ ଦୁଇ ବକ୍ତାଙ୍କ ଭିତରେ ଉତ୍ତର ପ୍ରତ୍ୟୁତ୍ତର ଚାଲିଲା—"ହେଉରେ ଚୋର ଆମକୁ କହିବ ଦଲାଲ ? ଅରେ ତୁମ୍ଭେମାନେ ପରା କମ୍ୟୁନିଷ୍ଟ ସାଜି ଦେଶକୁ ଉଚ୍ଛନ୍ନ କରି ସାରିଲଣି !

"ଏଁ ଅମେ ଉଚ୍ଛୃଙ୍ଖଳ କରୁଛୁ ତୁ ନା ତୁମେ ? ତୁମେ ସେଇ ୫୦୦ବସ୍ତା ସିମେଣ୍ଟ ପରମିଟରେ କଣ୍ଟି କଳାପୋତେଇ କର ଦିଅଲ—"ଅରେ କିଏ ଅଛରେ ଏ ବଦମାସକୁ ଦେଖି ନବଟି । ତୁମ୍ଭ ପରି ଦରଜି ଭଦ୍ରନାସ୍ତନକୁ ସାତଶହ ଟଙ୍କା ମାରଦେଇଛୁ ? ମୋତେର କେଉଁ ମୁହଁରେ କଳାପୋତେଇଅ କହୁଛୁ ? କମେ ଶ୍ରୋତା ମାନଙ୍କ ମଧ୍ୟରେ ଗାଲି ଦିଆଦେଇ ଆରମ୍ଭ ହୋଇଗଲା । ସମସ୍ତେ କମେ ଦୁଇ ବକ୍ତାଙ୍କ ମଧ୍ୟରେ ବାଣ୍ଟି ହୋଇଗଲେ । ଅଶ୍ଳୀଳ ଗାଲି ଦିଆଦେଇ ଭିତରେ ସଭାପତିଙ୍କ ଅର୍ଡର, ଅର୍ଡର ଶବ୍ଦ ଲୁଆଡ଼େ ଉଡ଼େଇ ଗଲା । ବାକ୍ୟଯୁଦ୍ଧପରେ ହାତାହାତି ଯୁଦ୍ଧ ଚାଲିଲା । ତାପରେ ଅସ୍ତ୍ର ଶସ୍ତ୍ର, ଛତା, ବାଡ଼ି, ଜୋତା ଠକ୍‌ଠାକ୍‌ ଦୋପାଟେଲ ମାଆଲେ, ମରଗଲିରେ, ପୁଲିଶ ଶବ୍ଦରେ ଘର ଫାଟି ପଡ଼ିଲା । ଠିକ୍‌ ଏତିକିବେଳେ କିଏ ଗୋଟାଏ ଡ଼ବଲ ଫୋଟକାରେ ନିଆଁ ଲଗେଇ ଘର ଭିତରକୁ ଛାଡ଼ିଦେଲା । ଫୋଟକା ଶବ୍ଦରେ କାନଅତଡ଼ା ପଡ଼ିଗଲା । ଦୋଷ ଦୋଷ ପାଟିକର ସମସ୍ତେ ଅତର୍କରେ ଘର ଛାଡ଼ି ପଳାଇଗଲେ । ପୋଲିସ ଅସି ଦେଖିଲା ବେଳକୁ ଘର ଶୁନଶାନ୍‌ । ପାଞ୍ଚ ଛଟା ଲିଗା ପଡ଼ିଛି, ଚରି କାମିଜ ଗୋଟାଏ ଦୁଇଟା, ଜୋତା ଚଟି ଦୁଇବେତା ହେବ, ଗୋଟାଏ ଯୋଡ଼ାଏ ଫାଉଣ୍ଟେନ ପେନ୍‌ ଏମିତି କେତେ ଜିନିଷ ପଡ଼ିଥାଏ ।

ସୁରପତି ରେଡ଼ିଓ ଟେଲିଭିଜନ୍ ସୁଇଚ୍ ଅଫ୍‌ କରଦେଲେ । ସମସ୍ତେ ଆଁ କରି ଭଂଜ ରାଧାନାଥଙ୍କ ଆଡେ ଚାହିଁଲେ । ତାହାଙ୍କ ଆଖିରୁ ଶ୍ରାବଣ ଧାରାପରି ଲୁହ ଛୁଟିଥାଏ । ଭଂଜ ରାଧାନାଥଙ୍କ ହାତଟାକୁ ଜାବୁଡ଼ିଧରି କହିଲେ, "ମୁଦ୍ଦମାନଙ୍କୁ ଦେଖିଲତ, ଏମାନେ ହାତରେ ଶସ୍ତ୍ରାଘାତ ବାଜନ୍ତି କିନ୍ତୁ ସମୟର ଗତି ବୁଝନ୍ତି ନାହିଁ । ମୁଁ ଯେଉଁ ଯୁଗରେ କବିତା ଲେଖିଥିଲି ସେ ଯୁଗର

ଅବ୍ ହାଓଆ କଣ ଅଜିକାଲି ଅଛି ? ଯୁଗର ପରିବର୍ତ୍ତନ ସଙ୍ଗେ ସଙ୍ଗେ ସମସ୍ତ ଜିନିଷର ପରିବର୍ତ୍ତନ ହେଉଛି । ଅଥଚ କେତେକ ଲୋକ ସେ ପୁରୁଣା ଅବ୍ ହାଓଆ ଭିତରେ ଚଳିବାକୁ ଚାହାଁନ୍ତି । ଏମାନେ ଏତିକି ବି ଜାଣି ପାରୁନାହାନ୍ତି ଯେ ସେମାନଙ୍କର ପୂର୍ବପୁରୁଷମାନେ ବଣରେ ଲଙ୍ଗଳା ହୋଇ ବୁଲୁଥିଲେ । କିନ୍ତୁ ସେମାନେ ଆଜିକାଲି ଲୁଗା ପିନ୍ଧୁଛନ୍ତି । ପୂର୍ବ ପ୍ରଥା ଅଚର ରହୁଥିବା ଲାଙ୍ଗୁଳମାନେ ଆଜିକାଲି ନିଶ୍ଚିହ୍ନ ହୋଇଗଲେଣି । ଦୁଃଖ ଲାଗେ—ଏମାନେ ବୁଝି ପାରୁ ନାହାନ୍ତି ଯେ ପୂର୍ବ ସାହିତ୍ୟକୁ ଧରି ରହିଲେ ସେମାନେ କାଳକ୍ରମେ ସେପରି ନିଶ୍ଚିହ୍ନ ହୋଇଯିବେ । ମୁଁ ଯେଉଁ କବିତା ରଚନା କରୁଥିଲି ସେ ସମୟରେ ଲୋକଙ୍କର ନୈତିକ ବଳ; ଆଜିକାଲିକାର ଲୋକଙ୍କର ନୈତିକ ବଳ ଠାରୁ ଢେର ବେଶୀ ଥିଲା ଓ ମୋ କବିତା ମଧ୍ୟ କୋମଳମତି ଛାତ୍ରମାନଙ୍କୁ ପଢ଼ିବାକୁ ଦିଆ ଯାଉଥିଲା କିନ୍ତୁ ଆଜିକାଲି ମାଙ୍କଡ଼ ହାତରେ ଶାଳଗ୍ରାମ ପରି ଏମାନଙ୍କ ହାତରେ ମୋ ସାହିତ୍ୟ ପଡ଼ି ସମଦଶାପନ୍ନ ହୋଇଛି । ଦେଖିଲତ ଅସହିଷ୍ଣୁତାର ଚରମ ନିଦର୍ଶନ ?"

ଲୁହ ପୋଛୁ ପୋଛୁ ରାଧାନାଥ କହିଲେ, "ବନ୍ଧୁ ମୋର ବାକ୍ ରୋଧ ହୋଇ ଯାଉଛି । କେବଳ ଓଡ଼ିଆ ଭାଷାର ଜୀବନ ରକ୍ଷା ପାଇଁ ନୂତନ ସାହିତ୍ୟ ସୃଷ୍ଟି କରିଥିଲି । ରାଜା ରାମମୋହନ ରାୟ ଯେପରି ଖ୍ରୀଷ୍ଟଧର୍ମୀକୃଷ୍ଟ ଶିକ୍ଷିତମାନଙ୍କୁ ରକ୍ଷା କରିବା ଲାଗି ବ୍ରାହ୍ମଧର୍ମ ସୃଷ୍ଟି କରିଥିଲେ ମୁଁ ସେପରି ବଙ୍ଗ ଭାଷାରେ ଲୀନ ହେବାକୁ ଯାଉଥିବା ଓଡ଼ିଆ ଭାଷାକୁ ରକ୍ଷା କରିବାକୁ ନୂତନ ସାହିତ୍ୟ ସୃଷ୍ଟି କରିଥିଲି । ଦେଶରେ ଶିକ୍ଷିତ ମାନଙ୍କର ମନ ଆକୃଷ୍ଟ ହେବାଲାଗି ତହିଁରେ ଅନ୍ୟାନ୍ୟ ଭାଷା ସାହିତ୍ୟର ଛାୟା ପକାଇଥିଲି ।

ଆଜି କିନ୍ତୁ ସେ ସମସ୍ତ ନାହିଁ । ଓଡ଼ିଆଭାଷା ନୂଆ ରୋଗରେ ଘଆ ହେଲାଣି । ତେବେ ନିଜ ଜନନୀକୁ ଛାଡ଼ି ପରମୁଖାପେକ୍ଷୀ ହେବାରେ ଲାଭ କ'ଣ । ହତଭାଗ୍ୟମାନେ ଅନ୍ୟ ସାହିତ୍ୟ ପଛରେ ଦୌଡ଼ାଉଛନ୍ତି । ଅଥଚ ଆପଣଙ୍କ ସାହିତ୍ୟକୁ ଯୁଗୋପଯୋଗି କରିବାର ଚେଷ୍ଟା କରୁ ନାହାନ୍ତି ।

ଭାରତରେ ଅନ୍ୟ କୌଣସି ସାହିତ୍ୟ ଆପଣଙ୍କ ସାହିତ୍ୟ ପରି ଐଶ୍ୱର୍ଯ୍ୟଶାଳୀ ନୁହେଁ । ଏହି ପରିଶ୍ରମକାତର ଲେଖକମାନେ ଯଦି ଆପଣଙ୍କ ସାହିତ୍ୟକୁ ଉତ୍ତମରୂପରେ ଜନସାଧାରଣଙ୍କର ବୋଧଗମ୍ୟ ହେବାପରି ପରିବେଷଣ କରି ପାରନ୍ତେ, ତେବେ ଓଡ଼ିଆଭାଷା ଯେ କୌଣସି ଭାରତୀୟ ଭାଷାଠାରୁ ବେଶି ଐଶ୍ୱର୍ଯ୍ୟଶାଳୀ ହୋଇ ପାରନ୍ତା । ଆପଣଙ୍କ ସାହିତ୍ୟରେ କିଛି ଅଭିଜ୍ଞତା ଅର୍ଜନ କରିବାକୁ ହେଲେ ବହୁ ପରିଶ୍ରମ ଦରକାର । ଆଜିକାଲି ଯେଉଁ ସାହିତ୍ୟର ପରିବେଷଣ ହେଉଅଛି, ତାହା ଏତେ ସହଜ ଯେ ଆଷାଢ଼ ମାସରେ ଛତୁ ଫୁଟିଲାପରି ଓଡ଼ିଶାଯାକ ବ୍ୟାପ୍ତ ହୋଇ ଗଲେଣି । ଏପରି ଅଗଣିତ ନକ୍ଷତ୍ର ଥାଇ କି ଲାଭ ! ଯଦି ଗୋଟିଏ ଚନ୍ଦ୍ର, ଆପଣଙ୍କ ସାହିତ୍ୟକୁ ମାର୍ଜିତ ଓ ଯୁଗୋପଯୋଗି କରି ଆଜିକାଲି ପ୍ରଚଳନ କରି ପାରନ୍ତେ, ତେବେ ତାହା ସକଳ ସାହିତ୍ୟ ଆକାଶକୁ ଏକେଢ଼େ ଉଜ୍ଜ୍ୱଳ କରି ନ ପାରନ୍ତା !" ଏହି ସମୟରେ ନାରଦ ଦାଢ଼ି ମକଚି ମକଚି ଇନ୍ଦ୍ରଙ୍କ ପାଖକୁ ଗଲେ ଓ କାନରେ ଫୁସ୍ ଫୁସ୍ କରି କହିଲେ "ସୁରପତେ, ମର୍ତ୍ତ୍ୟବାସୀ ଏହି ନୂଆ ଓଡ଼ିଆମାନଙ୍କ ଦ୍ୱାରା ଏଠାରେ ହେଉଥିବା ସଭା ଆଜି ପଣ୍ଡ ହୋଇଗଲା । ଆପଣ ଯେଉଁ କବି-ବୃନ୍ଦଙ୍କୁ ସମ୍ମାନିତ କରିବା ପାଇଁ ସଭା ଡକାଇଥିଲେ ସେମାନଙ୍କ ଅବସ୍ଥା ଦେଖିଲେତ ? ବିଚରା କାନ୍ଦ କାନ୍ଦ ଦରମରା ହୋଇ

ଗଲେଣି । ଏହା କଣ ଆପଣଙ୍କ ହୃଦୟରେ ଦାରୁଣ ଆଘାତ ଦେଉନାହିଁ ?

ସୁରପତି ହଠାତ୍ ଛାତିରେ ହାତଟା ଦେଇ କହିଲେ, "ଓଃ ବାସ୍ତବିକ୍ ମୋ ହୃଦୟରେ କଳା ଗୋଟାଏ ପୋତି ହୋଇ ଗଲାପରି ଲାଗୁଛି । ଓଃ ବଡ଼ କଷ୍ଟ !"

ନାରଦ ଉଲ୍ଲସିତ ହୋଇ ପୁଣି କହିଲେ, "ସୁରପତେ, ଏହି ମୂଢ଼ମାନଙ୍କୁ ଉପଯୁକ୍ତ ଶିକ୍ଷା ଦେବା ଉଚିତ । ସେହି ଅଶ୍ଳୀଳ ସାହିତ୍ୟ ସମାଜ କୋଠା ଉପରେ ବଜ୍ର ନିକ୍ଷେପ କରନ୍ତୁ !"

ସୁରପତି ସ୍ୱଗତରେ ପାଶଯାଇ ଗର୍ଜିଉଠି କହିଲେ "ଏହି ମୂର୍ଖମାନେ ଜାଣିପାରୁ ନାହାନ୍ତି ଯେ ଆଜି କେବଳ ରାଧାନାଥ ସାହିତ୍ୟ କି ଭଞ୍ଜ ସାହିତ୍ୟ ଦରକାର ନାହିଁ । ଦରକାର ଅଛି ଉଭୟଙ୍କ ମିଶ୍ରଣରେ ଏକ ନୂତନ ସାହିତ୍ୟ । ଏହି ମୂର୍ଖମାନେ ଯେପରି ଭାବରେ କବିମାନଙ୍କୁ ଅପମାନିତ କରୁଛନ୍ତି ତାହା ଅସହ୍ୟ । ମୁଁ ଏମାନଙ୍କୁ ଉପଯୁକ୍ତ ଶାସ୍ତି ଦେବ ।"

ଏହା କହି ତାଙ୍କ ଅଣ୍ଟାରେ ଝୁଲୁଥିବା ତମଞ୍ଚା ମୁଣ୍ଡିରୁ ବଜ୍ର ଛାଡ଼ିଲେ । ତାହାର ଆଲୁଅ ଓ ଘଡ଼ ଘଡ଼ ଶବ୍ଦରେ ସମସ୍ତେ ପ୍ରମାଦ ଗଣିଲେ । ନାରଦ ମୁରୁକି ହସ ଦେଇ ସଭା ଛାଡ଼ି ପଳାଇଲେ । ଦେବତାମାନେ ସମସ୍ତେ ହାଉଳି ଖାଇଗଲେ । ଭଂଜ ଓ ରାଧାନାଥ ଦୁହେଁ ହଠାତ୍ ଦୌଡ଼ିଯାଇ ସୁରପତିଙ୍କ ହାତ ଧରି ପକାଇଲେ ଓ ଅତି ବିନୀତ ଭାବରେ କହିଲେ—"ସୁରପତେ ଏମାନଙ୍କୁ କ୍ଷମା କରନ୍ତୁ । କାରଣ ଏମାନେ କ'ଣ କରୁଛନ୍ତି ଜାଣନ୍ତି ନାହିଁ ।"

ଅନୁରୋଧ ଫେରାଇ ନ ପାରି ସୁରପତି ବଜ୍ରକୁ ପୁଣି ଚମଡ଼ା ଖୋଳ ଭିତରେ ପୁରାଇଦେଲେ ।

ଭଗବାନ କରନ୍ତୁ ଜହ୍ନାଇ ସାହିତ୍ୟ ସମାଜରେ ଆଉ ଏଭଳି ଭଳି ନ ଲାଗୁ ।

# କଳସା'ର କାଳ କଳନା

( କେତେବର୍ଷ ତଳେ ଓଡ଼ିଶା ସାହିତ୍ୟରେ କଳସା ଚତୁର୍ଦ୍ଦଶାର ସମସ୍ୟା ନିରୂପଣ ନେଇ ଯେଉଁ ଝଡ଼ ଝଞ୍ଜା ବୋହିଗଲା ସେହି ଉଦ୍ଦେଶ୍ୟରେ, ଏ ଲେଖାଟି ରଚିତ ହୋଇଥିଲା । )

ଏବେ କଳସାର କାଳ କଳନା ନେଇ ଗୋଟାଏ ବଡ଼ ଘାଣ୍ଟି ଚକଟ ଲାଗିଛି । ସେଥିରେ କୁଆଡ଼େ ବହୁତ ବଡ଼ ବଡ଼ ମୁଣ୍ଡ ଓ କେତେ ସାଧାରଣିଆ ମୁଣ୍ଡ ଚକଟି ମକଟି ହୋଇ ହାଲ ନାଲ ହୋଇ ଗଲେଣି । ତଥାପି ସେମାନେ କିଛି ଥଳକୂଳ ପାଉ ନାହାନ୍ତି । କାମ ନ ଥିଲେ ଗାଁ ଲୋକମାନେ ଯେପରି ଅପଣା ଭିତରେ ବାଡ଼ିଆ ବାଡ଼େଇ ହୁଅନ୍ତି ଠିକ୍ ସେହିପରି କଳସାର ଜନ୍ମ ଦିନଟାକୁ ନେଇ ବହୁ ପଣ୍ଡିତ ଅପଣା ଅପଣା ଭିତରେ କାମୁଡ଼ା କାମୁଡ଼ି ଲଗେଇଛନ୍ତି । ଏ କାଣ୍ଡ ଦେଖି ଆମେ ଟିକେ ଅଣ୍ଟା ଭିଡ଼ି ଜନ୍ମ ଦିନଟା କାଢ଼ିବା ଲାଗି ବାହାରି ପଡ଼ିଲୁ । ଆମ ଗୁହାଳରେ ଥିବା ବହୁତ ତାଳପତ୍ର ପୋଥି ଓ କେତେକ ଇତିହାସ ବହି ଘାଣ୍ଟି ନିମ୍ନଲିଖିତ ମତ ବ୍ୟକ୍ତ କରୁଅଛୁଁ । କେହି କେହି କଳସାକୁ ହଜାର ବର୍ଷ ତଳର ବୋଲି କହି ଥାଆନ୍ତି । ଏଇଟା ହେଲା ଚମ ଆଖି ପାଠ । ଜ୍ଞାନ ଆଖିରେ ଦେଖିବାକୁ ଗଲେ ପରିଷ୍କାର ଜଣାପିବ ଯେ କଳସା

ଶଚ୍ଚିଦାନନ୍ଦ ବ୍ରହ୍ମଙ୍କୁ ବାହାରଅଛି । କାରଣ ସଚରାଚର ବ୍ରହ୍ମାଣ୍ଡ ଏହି ବ୍ରହ୍ମଙ୍କୁ ଉତ୍ପନ୍ନ । ଭାଗବତ ପୁରାଣରେ ବର୍ଣ୍ଣିତ ଅଛି ଯେ ସ୍ୱୟଂ ଭଗବାନ ଯେତେବେଳେ ସୃଷ୍ଟି କରିବାକୁ ଚାହାଁଲେ—ସେତେବେଳେ ତାଙ୍କ ମନରେ ଗୋଟିଏ ଅପୂର୍ବ ରାଗର ସଞ୍ଚାର ହେଲା । ସେ ଇଚ୍ଛାକଲେ ଯାହାକୁ ଲୋକେ ବେଣୁ ବୋଲନ୍ତି । ଠିକ୍ ଏହି ସମୟରେ ତାଙ୍କ ନାଭି ଶୂନ୍ୟଲଇ ହେବାରୁ ସେ ନାଭି ଭିତରୁ ଫଟ୍ କରି ଗୋଟିଏ ପଦ୍ମଫୁଲ ବାହାରିଦେଲେ ଓ ସେ ପଦ୍ମଫୁଲ ଭିତରୁ ସ୍ୱୟମ୍ଭୂଣ୍ଡିଆ ଦେବତା ଫଟ୍‌କରି ପଦାକୁ ଡେଇଁ ପଡ଼ିଲେ । ଭଗବାନ ତହୁଁ ତାଙ୍କୁ କହିଲେ—ହେ ବ୍ରହ୍ମା ମୋ ମନରେ ଏ ଯେଉଁ ଅପୂର୍ବ ରାଗ ସଞ୍ଚାର ହୋଇଛି ତାହାକୁ ତୁମେ ସର୍ବଦା ଗାଅ । ଏହା କହି ଭଗବାନ ଅନ୍ତର୍ଦ୍ଧାନ ହୋଇଗଲେ । ଅନନ୍ତରଙ୍କ ଆଦେଶକୁ ତାନସେନ୍ ତାମିଲ୍ କଲାପରି ବ୍ରହ୍ମା ଆଖିବୁଜି ଗାଇ ବସିଲେ ।

ଯେ ବର୍ଣ୍ଣିବ ତୋ ମହିମା ଅଟେ କୃଷ୍ଣ ହରି,
ଜଗତ୍ତ କର୍ତ୍ତ୍ୱେଧୀ ତୁହି ଅଜ ବା ପ୍ରହରୀ ।
ବେଶ୍ୟାଗ୍ରୀ ରୂପରେ ତୁହି କିଳାଗୋଡା କରୁ,
ପୁଲିସ ରୂପରେ ପୁଣି ଅପଣାକୁ ଧରୁ ।
ଡୋଷ୍ଟୀ ରୂପେ ବାଠଗଡ଼ା ମଧ୍ୟ ହେଇ ଠିଆ,
ବାଦୀ ରୂପେ ଦେଇ ପୁଣି ନିଜକୁ ବାନ୍ଧିଅ ।
ତୋର ଲୀଳା ବୁଝିବାକୁ କର ମୋତେ କ୍ଷମ,
ନୋହିଲେ କଷ୍ଟରୁ ପ୍ରଭୁ ଖାଇବି ଅଫିମ ।

ଗୀତଟି ବ୍ରହ୍ମାଙ୍କୁ ଏତେ ଭଲ ଲାଗୁଥିଲା ଯେ ସେ ଥାନ ଅଥାନ ନ ବାରି ସବୁ ଜାଗାରେ ବୋଲିବାକୁ ଲାଗିଲେ । ଇତମଧ୍ୟରେ ଭଗବାନ ଯାଦୁକର ଗାଲ୍ ମୁଣି ଭିତରୁ ଅଜସ୍ର ଜଣାଷ ବାହାରିଲାପରି

ଭୂଷଣ୍ଟାରୁ ବହୁତ କିଛି ସର୍ଜନା କରି ସାରିଥିଲେ । ଦେବତା, ଗନ୍ଧର୍ବ ମଣିଷ, ଢଙ୍ଗିଟୋକ ଇତ୍ୟାଦି । ବହୁତ କିଛି ଜିନିଷ ସେତେବେଳକୁ ତିଆରି ହୋଇ ଥାଆନ୍ତି । ଦିନେ ବ୍ରହ୍ମାଗୋଟାଏ ବରକୋଳି ଗଛମୂଳେ ବସି ଆନନ୍ଦରେ ଏଇ ଗୀତଟି ବୋଲୁଥାନ୍ତି । ଗୋଟାଏ ଗନ୍ଧର୍ବ ହାତରେ ଗୋଟାଏ ବଇଁଶୀ ଧରି ଅବତହାଣ ତଇତଣା ବୋଲି ବୋଲି ସେଇଠି ଅସି ପହଞ୍ଚିଲା । ବଂଶୀଧାରୀ ଗନ୍ଧର୍ବଟି କିଛିକ୍ଷଣ ସେଇଠି ବସି ସେଇ ଗୀତଟିକୁ ଶୁଣିଲା । ଯୋଗକୁ ନାରଦ ଠିକ୍ ସେତିକିବେଳେ ଢେଙ୍କିରେ ଚଢ଼ି ତାଙ୍କ ଉପର ଦେଇ ଶୂନ୍ୟରେ କୁଆଡ଼େ ଧପାଲି ଥାଆନ୍ତି । ସେ ସେଠି ଦି'ଜଣଙ୍କୁ ଯେପରି ଦେଖିଲେ ସାଙ୍ଗେ ସାଙ୍ଗେ ଢଲମୁଣିରୁ ମେଞ୍ଚାଏ ବାଲି ତାଙ୍କରି ଉପରକୁ ଛାଡ଼ିଦେଇ ଦେ' ପାର୍ । ମଇଁଷିଆ ସାକୁ ଗଲ୍ ଢଲପରି ବଇଁଶୀଧାରୀ ଗନ୍ଧର୍ବଟିର ମନ ଗଲ୍ ଗଲ୍ କରି ଉଠିଲା । ସେ ମନେ ମନେ ଭାବିଲା—'ଏ ବ୍ରହ୍ମାଟା ଅବତହାଣ ତଇତଣା ନ ବୋଲି ଏଥିରୁ ବୁଢ଼ାଏ କ'ଣ ବୋଲୁଛି । ସ୍ୱାକୁ ଏଠି ମୁଁ ବୋଲାଇ ଦେବିନି ।' ଏହା ଭାବି ସେ ବଇଁଶୀକୁ ଘୁରାଇ୍ କରି ବରକୋଳି ଗଛକୁ ଫୋପାଡ଼ିଲା । କୁଆଡୁଥିର ଗଦା ହେଲାପରି ସଇକାର ସଇକାର ବରକୋଳି ବ୍ରହ୍ମାଙ୍କ ମୁଣ୍ଡ ଉପରେ ଗଦାହୋଇ ପଡ଼ିଲା । ବ୍ରହ୍ମାଙ୍କ ଗୀତବୋଲା ବନ୍ଦ ହୋଇଗଲା । ସେ ଏ ଗନ୍ଧର୍ବଙ୍କୁ ଦେଖି କହିଲେ 'ହେ—ତୁ କିଏସେ ?—ତୁ କିଏସେ'—'ମୁଁ ବଂଶୀଧାରୀ ।'—'ତୁ ମୋ ଗାଇବାରେ ବାଧିକି ବାଧା ଦେଉଛୁ—' —'ସେଇଟା ଭଲ ଗୀତ ନୁହେଁ, ଅବିହାଣ ତଇତଣା ବୋଲ୍'— 'ଏଁ ଏ ଗୀତ ଖରାପ—ଏତେ ପଣ୍ଡିତ ହେଇଁ ଦିନଠୁ ହୋଇ ଗଲ୍‌ରେ ।'—'ଅରେ ଅଭିବଲ୍ଲଭଙ୍କ ଦୟାରୁ ମୁଁ ମହା ପଣ୍ଡିତ—' 'ରଖ ତୋ ଅଭିବଲ୍ଲଭ ! ନିଜ ପେଟରେ ତ ମାଲ ନାହିଁ ଅନ୍ୟ

ଦସ୍ତାରେ ସ୍ୱର୍ଣ୍ଣ ଏତେ ସୁନ୍ଦର । ସେ ଜୋଚ୍ଚୋର ଦସ୍ତା ନ କରିବ ସେଇଦିନ ତ ମୂର୍ଖ ହୋଇଯିବୁ'—'ଇସ୍ ଭାବ ନିଜ ସିଂଘରେ ମାଟି ଖୋଳିଲାବାଲା । କହୁଛି ଭଲା ଯେଉଁ ସୁର୍‌ ବୋଲୁଛୁ ତା' ନାଁ କଅଣ ?'—'ଅରେ ସେ ସୁର୍‌ର ନାଁ ନାହିଁ । ତାହା ସ୍ୱୟଂ ଭଗବାନଙ୍କର ଅନନ୍ତର ପ୍ରକାଶ । ତାକୁ ନାମ ଦେବ କିଏ ?— "ରେରେ ରେରେ ! ନିଜର ହୋଇଥିଲେ ନାମଟା ଚଟ୍‌କରି କହିଦେଇ ନଥାନ୍ତୁ ? ମୋ ପାଖରେ ବାଁ ଖାଡ଼ିଆ ଚଳିବ ନାହିଁ ।'

ଏ କଳି ତୁଟିଲା ନାହିଁ । ଅବଶେଷ ମୀମାଂସା ପାଇଁ ଅନ୍ତର୍ଯ୍ୟାମୀ ବିଷ୍ଣୁଙ୍କ ପାଖକୁ ଗଲେ । ବିଷ୍ଣୁ ଦେଖିଲେ ଯେ ଏହି ସୁର୍‌ର ନାଁ ପାଇଁ ଏତେ କଳି । ନାଁଟାଏ ଦେଇଦେଲେ ଏ କଳିଟା ଆସ୍ତେ ଆସ୍ତେ ଥଣ୍ଡା ପଡ଼ିଯିବ । ତେଣୁ ସେ ବୁଝାଇ କହିଲେ, "ହଇରେ ବଇଁଶୀଧାରୀ ଗନ୍ଧର୍ବ, ତୋ'ର ଏପରି ଔଦ୍ଧତ୍ୟ ପ୍ରକାଶ କରିବା ଉଚିତ ନୁହେଁ । ଏ ସୁର୍‌ଟା ପ୍ରକୃତରେ ବ୍ରହ୍ମାଙ୍କର ନିଜସ୍ୱ । ପ୍ରକୃତରେ ଏହାର ନାମ ନାହିଁ । ଏ ସୁର୍‌ ପାଇଁ ତୁମେ ଦି'ଜଣ ଏତେ କଳହ ସୃଷ୍ଟି କଲଣି । ତେଣୁ ଏ ସୁର୍‌ର ନାମ କଳହ-ସାଗର ଦିଆଯାଉ । ସବୁ ଯୁଗରେ ଏହା ଗୀତ ହୋଇ ରହିବ । ମୁନି ଋଷିମାନେ ଏହାକୁ ଗାଇବେ । ଯାଅ ଏଥରକ ଆଉ କଳି କରନା ।"

ସେହି ଦିନଠାରୁ ସେହି ସୁର୍‌ର ନାଁ କଳହ-ସାଗର ରୂପେ ପରିଚିତ ହେଲା । କାଳ କ୍ରମେ ଗଡ଼ି ଚାଲିଲା । ସମସ୍ତର ଦୂରତା ଅସ୍ତେ ଅସ୍ତେ କମି ଯିବାକୁ ଲାଗିଲା । ଲୋକେ ବହୁତ ଜିନିଷକୁ କମ୍‌ରେ ବୁଝିବାକୁ ଚେଷ୍ଟାକଲେ । ସେପରି ଜଣେ ସମ୍ପାଦକ ଡଗରକୁ ସଂ: ଡ଼:, ଗୋପାଳଚନ୍ଦ୍ର ମିଶ୍ର—ଗୋ: ଚ: ମି:, ଜଙ୍ଗୀ ଉଡ଼ବୃତ୍ତିକୁ ପାଇଲଟ୍—ଜ: ଇ: ପା:—'କଞ୍ଜ ସାହିତ୍ୟ ସେବୀମାନେ 'ବଜାହ'କୁ

—ଉ: ସା: ପେ: ବ: ଇତ୍ୟାଦି । ଜଳଜ-ସାଗର ଏତେବଡ଼ ନାଁଟାଏ କହିବାକୁ ଅସୁବିଧା ହେବାରୁ, ଜଳଜ ଓ ସାଗର ଏ ଦୁଇଟି ଶବ୍ଦର ପ୍ରଥମ ଅକ୍ଷର ମାନ ନେଇ ଜ, ସା ବୋଲି ଡକିଲେ । ଜଣେ ବିଖ୍ୟାତ ପଣ୍ଡିତ ଏଥିରେ ପ୍ରତିବାଦ କରି କହିଲେ ଜଳଜ ହେଉଛି ଜ୍ୟେଷ୍ଠ ଶବ୍ଦ ଏବଂ ସାଗର ହେଉଛି କନିଷ୍ଠ ଶବ୍ଦ । ଜ୍ୟେଷ୍ଠ ବା ପ୍ରଥମ ଶବ୍ଦରୁ ଜ୍ୟେଷ୍ଠାଂଶ ସ୍ୱରୂପ ଦୁଇଟି ଅକ୍ଷର ନିଆଯାଉ ଓ କନିଷ୍ଠରୁ ଗୋଟିଏ ନିଆଯାଉ । ସବୁ ପଣ୍ଡିତମାନେ ଏଥିରେ ରାଜି ହୋଇ ଯିବାରୁ ସେହିଦିନ ଠାରୁ ତାର ନାମ ଜଳସା ହେଲା ।

ଆମ ଖଉଗଦାରୁ ମିଳିଥିବା ତୋଷଣ ପୁରାଣ ପୋଥିର ୧୦୭ ପୃଷ୍ଠାର ୩ୟ ଧାଡ଼ିରେ ଲେଖା ଅଛି—

ବଂଶୀଧର ଗନ୍ଧବଂଟି କରେ ଖ୍ୟାତ କଳି,
ଦେବତାଏ ସର୍ବେ ଦେଲେ ତାହାଙ୍କୁ ଗାଳି ।
ମର୍ତ୍ତ୍ୟ ମଣ୍ଡଳକୁ ଅସି ଜଳରେ ପଶିଲା,
ଅଭିବଲ୍ଲଭ ନାମକୁ ଜାତରେ ଘୋଷିଲା ।
ଅହେ ତ୍ରିଭୁ ମନ ମୋର ହୁଏ ଗଲଗଲ,
ଜଳର ବାହୁନେ ମୋର ପ୍ରାଣ ଜଳବଳ ।
ଅରତବଲ୍ଲଭ ତା'ର ଡାକକୁ ଶୁଣିଲେ,
ଜଳସାକୁ ନେଇ ବ୍ରହ୍ମା ଯାଅସି ବୋଇଲେ ।
ଜଳସା ଶୁଣିଲେ ସେହୁ ଜଳ ଅରମ୍ଭିବ,
ମନ ଅବମାନ ଗୋଟି ତାହାର ମେଣ୍ଟିବ ।
ସେହିଦିନୁ ଜଳସାଟି ଧରାରେ ଜୁଟିଲା,
ବଂଶୀଧର ଗନ୍ଧବଂଟି କୁଳରେ ଛୁଟିଲା ।

× × × ×

ଚେଟମେଇ ପାଣିଙ୍କ ଅଂଚ୍ଚ ସଂଗାରୁ ମିଳିଥିବା ଯେତିକ ପୁରାଣର ୨୯ ପୃଷ୍ଠାରେ ଲେଖାଅଛି—

କଳସାକୁ ମଣ୍ଡୋପ ଦେଖି ଖୁସି ହେବେ ଜାତେ,
ଜନମ ଜାତକ ଗୋଟି ତାହାର ଖୋଜିବେ ।
ପ୍ରାଚୀ ତଟ ବାବାଙ୍କଟି ଅସ୍ଥିଅ ଦେଖିବ,
ଆଜକୁଟି ମାଳକୁଟି ବହୁତ ଘାଣ୍ଟିବ ।
ଥିଲଭୁଲ ନ ପାଇଣ ହୋଇବ ବେଦମ୍,
କହିବ ଅଠଶ ବର୍ଷ ହେଲା ଏ ଜନମ ।
କହିବେ ଜଟିଣି ବୃଷ୍ଟା ଏ ନୁହଁଇ ସତ,
ଅହୁରି ଥୋଡ଼ାଏ ଘାଣ୍ଟି ନ ହୋଇ ନିଶ୍ଚିତ ।
ବଂଶୀଧର ଗନ୍ଧବଂଟି ଘେଟେଇ ହାକିବ,
ନିଜ ନାଟକ କାଟି ଭର ଟେଣ୍ଟ କଷି ଲୁଚିବ ।
କଣ୍ଠା ବାଡ଼େ ଲୁଗା ଲୁଟି ଅବଶ୍ୟ ବ କଳି,
କଲେଜ ପିଲାଏ ଦେଖି ମାରୁଥିବେ ତାଳି ।

× × ×

ଏହିସବୁ ପୁରାତନ ତାଳପତ୍ର ପୋଥିରୁ ନିର୍ଭୁଲ ପ୍ରମାଣ ନେଇ ଅମ୍ଭେ ମତ ପ୍ରକାଶ କରୁଛୁକି କଳସା ସୃଷ୍ଟିର ପ୍ରଥମରୁ ବିଦ୍ୟମାନ । ଅଉ ବି ଏହାର ପ୍ରାଚୀନତା ବିଷୟରେ ଯେଉଁ କଳି କନ୍ଦଳ ଲାଗିଛି, ସେଥିରେ ତାହାର ବିବ୍ରତ ହେବାର କାରଣ ନାହିଁ । କାରଣ ଏହା ଲୀଳାମୟ ଭଗବାନଙ୍କର ଇଚ୍ଛା । ତାହା ବି ଯେତିକ ପୁରାଣରେ ଛତିଆ ମାଳିକା ପରି ଭବିଷ୍ୟତ ବାଣୀରୂପେ ଲିପିବଦ୍ଧ ହୋଇଅଛି । ଆମର ଏ ମତକୁ ଯଦି କାହାର ଖଣ୍ଡନ କରିବାର ଥାଏ ତେବେ ସେ ଅସ୍ତୁ ହାମ୍ ସାନ୍ତ୍ୱ ଫୁଲିକା ଉପରକୁ ।

# ବ୍ଲାଷ୍ଟଫର୍ନେସ୍ ଛବି

ଆମ ଓଡ଼ିଆମାନଙ୍କର 'ଘୋଡ଼ା ଡମ୍ବଲ ପଢ଼େ ରହୋ' ନୀତି ଯୋଗୁଁ ଓଡ଼ିଶା ଅନୁନ୍ନ ହେବାର ଦେଖି କାହାର କଅଣ ହେଉ ବା ନ ହେଉ ମଙ୍ଗଳ ବାହିଆ ସାହିତ୍ୟସଂସଦର ସିଲେଇ ପାଣି ହେବାକୁ ବସିଲା, ''ମହାଭାରତୀୟ ସ୍ଥଳଗତା'' ରେ ଉଦ୍‌ବୁଦ୍ଧ ହୋଇ ପଡ଼ୋଶୀ ରାଜ୍ୟମାନେ ଓଡ଼ିଶା ଭୂଇଁରୁ ବଳଭ ପିଠା କାଟି ନେଇଗଲେ ଏବଂ ଖଣ୍ଡେ ଖଣ୍ଡେ ନେଇ ଗୁଳିଗଲେ । ମୁଖ୍ୟମନ୍ତ୍ରୀ କେତେଜଣଙ୍କୁ ଛାଡ଼ିଦେଲେ ବାକି ସମସ୍ତେ 'ଘୋଡ଼ା ଡମ୍ବଲ ପଢ଼େ ରହୋ' । ମୁଖ୍ୟମନ୍ତ୍ରୀ କେତେଜଣ ଯେତେବେଳେ 'କ୍ୱଏରେ' 'କ୍ୱଏରେ' ବୋଲି ଚିଲେଇ ଉଠିଲେ ସେତେବେଳେ ସେହି ବାଙ୍କ ପିଠାଖିଆଳୀମାନେ ସଅଁ ବାଡ଼ୁଅ ଖୋଳ ବଦଳେଇଲେ ଏବଂ ସଙ୍ଗେ ସଙ୍ଗେ ତାକୁ ଖୋଳ ଛାଡ଼ି ସାଧୁ ଖୋଳରେ ପଶିଗଲେ ଗମ୍ଭୀରତା

ଦେଖେଇବା ଲାଗି ଶଣ୍ଡ ଓ ବେକକୁ ଫୁଲେଇ ଉପଦେଶ ଦେବାକୁ ଲାଗିଲେ—'ଏ ହେଃ, ଏମିତ କହିବା ଠିକ୍ ନୁହେଁ, ଏ ଗୁଡ଼ାକ ପ୍ରାଦେଶିକ ସଙ୍କୀର୍ଣ୍ଣତା' ମୋନଙ୍କ ମୁହଁରୁ ଏତିକି କଥା ବାହାରୁ ବାହାରୁ, କମ୍ବଳ ଘୋଡ଼ିଆଙ୍କ ଭିତରୁ 'ନେତା' ମୋହର ମରା କେତେକ ତରୁଣ ବୁଟିଆ ବାହାରି ପଡ଼ି କୁହାଟିବାରେ ଲାଗି ପଡ଼ିଲେ—'ଅଜ୍ଞା, ଅଜ୍ଞା, ଶ୍ରୀହଗୁର ଯାହା କହୁଛନ୍ତି ତାହା ସତ୍ୟର ବଡ଼ ଦୋଷ, ଆମ ଅପର୍ଚ୍ଛିନଆ, ଭେଣ୍ଡ, ଅଶିକ୍ଷିତ, ବର୍ବର, ପାଷାଣ୍ଡ, ଭଣ୍ଡ ଓଡ଼ିଆ ଗୁଡ଼ାକ ବାସ୍ତବିକ ପ୍ରାଦେଶିକ ସଙ୍କୀର୍ଣ୍ଣତାରେ ଘାଣ୍ଟି ହୋଇଗଲେଣି । ଏଗୁଡ଼ାକୁ ଗାଲ୍ ଠେଙ୍ଗୁଣି ସାହାଯ୍ୟରେ ସିଧା କରାଯାଉ । କେବଳ ଏତିକି କହିଥିଲେ ଗୋଟାଏ ରକମର ହୋଇ ଥାଆନ୍ତା, ତରୁଣ ବୁଟିଆଏ ଠେଙ୍ଗୁଣି କାଢ଼ି ମନଇଚ୍ଛା ପରସ୍ତେ ଛେଚି ଦେଇଗଲେ । ଖରମାଡ଼ ଦେଖି ଭୋଳଥ ରେପା । କମ୍ବଳ ଘୋଡ଼ିଆଏ ଏପରି ହାଲ୍ ଦେଖି ଅଦ୍ଭୁତ ଜୋରରେ ଧୁଙ୍କୁଡ଼ି ମାରିଲେ । ସେମାନଙ୍କର ଶବ୍ଦ ଓ ଧୁଙ୍କୁଡ଼ି ଏତେ ସଂହାମକ ହେଲ ଯେ ଶେଷକୁ 'କଏରେ, କଏରେ' ହୋଲା ବାଲାଏବି ଚୋଳେଇବାକୁ ଆରମ୍ଭ କଲେ । ଏମାନେ ଶୋଇ ପଡ଼ିଲେ ସେ କଥା ଶେଷ । ଲୁଟା ଧନକୁ ଡାକୁଏ ବାଣ୍ଟି ନେଲା ପରି ଶେଷରେ ଓଡ଼ିଶା ମୁଲକଟାକୁ ପଡ଼ୋଶୀମାନେ ଅପଣା ଅପଣା ଭିତରେ ବାଣ୍ଟିନେବେ ସିନା । ଏତେ ବଡ଼ ପୁରୁଣା ଜାତିର କଳା, ସାହିତ୍ୟ କୃଷ୍ଟି ସବୁକିଛି ଲୁହୁଁ ଲୁହୁଁ କୁଆଡ଼େ ଉଡ଼ିଭଇ ଯିବ । ଏଇ ଚିନ୍ତା କାମୁଡ଼ିଆ ଭାବନା ମଙ୍ଗଳବାରିଆ ସାହିତ୍ୟ ସଂସଦର ସଭ୍ୟମାନଙ୍କୁ କାଲ୍ବାଲ୍ କରି ପକେଇଲା । ସମସ୍ତେ ଖରୁର କରି ସ୍ଥିର କଲେ—ନାଁ ଏ ଜାତିଟାକୁ କୌଣସିମତେ ବଞ୍ଚାଇବାକୁ ହେବ । ଶବ୍ଦ ବଢ଼େଇବାକୁ ହେବ । କଡ଼ତା ବୁଝ କରିବାକୁ

ହେବ । ଉତ୍ସକଣ୍ଠାକୁ ଛାଡ଼ି ଫୋପାଡ଼ି ଦେବାକୁ ହେବ । ଅଣ୍ଡା, ଚାଲ୍‌ଅ ରକ୍ତ ଛାଡ଼ିଦେଇ ଝଡ଼ମଡ଼ ଫୁଟୁଥିବା ଉଷ୍ଣ ଶୋଣିତ ପ୍ରବାହର ପ୍ରଳୟଙ୍କରୀ ବନ୍ୟା ଛୁଟାଇବାକୁ ହେବ ।" ଇସ୍ପାତ ହାତରେ ବାଧା ବନ୍ଧନର ବନ୍ଧବାଡ଼କୁ ଫାଡ଼ି ଦେଇ ହଜାର ହଜାର ଦଳେଇଧାଇ ଖୋଲି ଦେବାକୁ ହେବ ।

ଏହାପରେ ଅନାୟାସ ଲବ୍‌ଧ ଶକ୍ତିର ସବୁ କନ୍ଥୁ କନ୍ଥୁ ସଂସଦ ସଦସ୍ୟମାନଙ୍କର ରକ୍ତ ତାପ ତାପମାନ ଯନ୍ତ୍ରକୁ ଫୁଟାଇ ପଦାକୁ ବାହାରି ଗଲା । ଟେବୁଲର ପଟାଟା ବି ଫାଟିଗଲା । କିନ୍ତୁ 'କେମିତି କରିବା' ଭାବନାଟି ମୁଣ୍ଡରେ ପଶିବା ମାତ୍ରେ ସ୍ତୁହୁଁ ସ୍ତୁହୁଁ ସବୁ ତାପକୁ ହେମାଳ କରିଦେଲା । ଫ୍ରିଜ ବା ରେଫ୍ରିଜରେଟର ବି ଏମିତି ହେମାଳ କରି ପାରିବ ନାହିଁ ।

ପୁଣି ସମସ୍ତେ ବସି ମୁଣ୍ଡ ଖେଳାଇଲେ 'କେମିତି କରିବା' । ଜଣେ ଅଧେ ପ୍ରସ୍ତାବ ଦେଲେ ଗ୍ରୀଷ୍ମଅବସରେ ସଭା ସମିତି କରି ଲୋକଙ୍କୁ ଶୁଣାଇବାକୁ ହେବ, କିନ୍ତୁ ଧର ଠିକ୍ କି ସେ ବୁଝିବ ! ଗରମାଗରମ ବକ୍ତୃତା ଦେଲା ବେଳକୁ ମୁହଁରେ ଶୋଷଦେଇ ନେତାଏ ମଞ୍ଚ ଉପରେ ଉଡ଼ି ଜମେଇ ଦେବେ କିନ୍ତୁ କାମ କଥାକୁ ଆସିଲା ପରେ ଲୋକ ବାରଣ କରିବ—ତାହାର ପ୍ରତିକ୍ରିୟା କେଉଁଠି ହୁଡ଼ିଯିବ, ତାହାର ସଙ୍ଗେ ସଙ୍ଗେ ଗୁରୁ ରକ୍ତ ସ୍ରୋତ, କଠୋର ବିଶ୍ରାମ କଡ଼ା କଡ଼ି ପାଳନ କରିବାକୁ ହେବ, ଫୁଲକା ଉପରେ ନେତାଙ୍କ ଦର୍ଶନ ମିଳିବ ନାହିଁ । ଫଳରେ ଠେଙ୍ଗୁଣି ବସିବ, ଯେଉଁ ଜଣେ ଅଧେ ନେତାଙ୍କ ବକ୍ତୃତାରେ ତାତିଯାଇ କମ୍ବଳ ଭିତରୁ ପଦାକୁ ବାହାରି ଆସିଥିବେ, ତାଙ୍କର ମୁଣ୍ଡରେ । ଆମ ଲୋକେ ଅଳ୍ପ ଧନ ଭଳେ ଏମିତିଆ ଘଟଣା ଅନେକ ଦେଖିଛନ୍ତି ।

ତେଣୁ ସଭା ସମିତିରେ ଆଉ କାମ ଚଳିବ ନାହିଁ । ସଙ୍ଗେ ସଙ୍ଗେ ସେ ପ୍ରସ୍ତାବଟି ନାକଚ ହୋଇଗଲା ।

ଆଉ ଜଣେ ପ୍ରସ୍ତାବ ଦେଲେ—'ଗୁଳି ପିସ୍ତଲ, ବନ୍ଧୁକ, ବୋମା ନେଇ ଗୁପ୍ତରେ ବିଦ୍ରୋହର ନିଆଁ ଜଳାଇ ଦେବା ।' ଜଣେ ବି ସମର୍ଥକ ପାଲଟି କହିଲେ, 'ଖାସା ପ୍ରସ୍ତାବଟିଏ ଏଟା । ଏଇ ପନ୍ଥା ଧରି ଯଦି ଗୋଟାଏ ସ୍ୱତନ୍ତ୍ର ପ୍ରଦେଶ ପାଇଗଲେ, ଆମେ କାହିଁକି ନ ପାରିବା ?'

ଚିନ୍ତାଶୀଳ ବ୍ୟକ୍ତିପରି ଦିଶୁଥିବା ଧୁ'ରୁଣ ଜଣଙ୍କ ମନକୁ ଏ କଥା ଜମାରୁ ପାଇଲା ନାହିଁ । ଘୋର ପ୍ରତିବାଦ କରି ଜଣେ କହିଲେ "କଅଣ ହେଲା, ଅସି ଠାରୁ ମସୀ ବଡ଼ । ଜାଣୁ ଜାଣୁ ଆମେ ଅସି ଧରିବା ? କାଳେ କାଳେ ମସୀ ପୃଥିବୀକୁ ଓଲଟାଇ ଦେଇଛି । ଅମରତ୍ୱ ସାମାନ୍ୟ କାମ । ଆଉ ବି ଅସିରେ ବିପଦ ବହୁତ । ହାତ, ଗୋଡ଼ କେବେ କେବେ ମୁଣ୍ଡ ବି କଟି ଯାଇପାରେ । କିନ୍ତୁ ମସୀରେ ଏ ସବୁର ଭୟ ବିଲ୍‌କୁଲ୍ ନାହିଁ । ଯଦିବା ସରକାର ବୋକାମି କରି କାହାକୁ ମାମୁଁ ଘରେ ଟୁଙ୍କି ଦିଅନ୍ତି ତେବେ ତା ମୁଣ୍ଡରେ ଶିରପା ବନ୍ଧା ହେଲା ଜାଣ । ମାମୁଁ ଘରୁ ଫେରିଲା ବେଳକୁ କେତେକ ଫୁଲମାଳ, କେତେ ଅଭ୍ୟର୍ଥନା, କେତେ କଅଣ; ତାର ସୀମା ନ ଥିବ ।

ବିପଦ ନାହିଁ, ପରିଶ୍ରମ ନାହିଁ, ଶୀତ ବର୍ଷା ବି ସହିବାକୁ ପଡ଼ିବ ନାହିଁ ଅଥଚ ପୃଥିବୀକୁ ଓଲଟାଇ ଦେଇ ହେବ । ଏତେ ସୁବିଧା ଛାଡ଼େ କିଏ । ସମସ୍ତଙ୍କ ମନକୁ ଏ କଥାଟା ପାଇଗଲା । ମସୀର ଆଶ୍ରୟ ନେବାକୁ ସମସ୍ତେ ସ୍ଥିର କଲେ ।

ଜ୍ୱାଳାମୟୀ କବିତା ଉପରେ ସମସ୍ତଙ୍କର ଦୃଷ୍ଟି କେନ୍ଦ୍ରୀଭୂତ ହୋଇଗଲା । ପଖାଳଖିଆ ଓଡ଼ିଆଙ୍କର ଥଣ୍ଡା ରକ୍ତକୁ ଉଷ୍ଣ କରିବ

ଏହି ଜ୍ୱାଳାମୟୀ କବିତା । ଏହାର ଉତ୍ପ୍ରେରଣୀ ଶକ୍ତି ହିଁ କମ୍ବଳ ମୁଡ଼ାଇ ଘୁଙ୍ଘୁଁ ଘୁଙ୍ଘୁଁ କରେଇ ଦେଇ ନିଦ୍ରାଳୁମାନଙ୍କ ନିଦ୍ରା ଭଙ୍ଗ କରି ଦେବ । ତେଣୁ ଜ୍ୱାଳାମୟୀ କବିତା ରଚନାରେ ସମସ୍ତେ ଲାଗି ପଡ଼ିଲେ ।

ପର ବୈଠକରେ ସମସ୍ତେ ଏକଜୁଟ ହୋଇ ନିଜ ନିଜ କବିତାର ପ୍ରଶଂସାରେ ମୁଖର ହୋଇ ଉଠିଲେ—ହେଲେ ପ୍ରତ୍ୟେକ କବିତାର ପ୍ରଶଂସାକାରୀ ରଚକ ଛଡ଼ା ଅନ୍ୟ ଜଣେହେଲେ କେହି ନଥିଲେ, ବରଂ ଦୋଷ ଦୁର୍ଗୁଣ ଦେଖାଇବାକୁ ଆଠ ସାତ ବାହାରି ପଡ଼ୁଥିଲେ ।

ଜଣେ ପଢ଼ିଲା—"ଜାଗରେ ଜାଗରେ ଜାଗରେ ଓଡ଼ିଆ ଜାଗରେ ଜାଗରେ ଆଜି । ଫସଲ୍ ଫାଟୁଛି ପଲ୍ଲବ ଢଗରେ ଘୋର ନିଦ ଯାଅ ଭାଜି ।"

ଠେକୁଆକୁ ଶିଆଳିକୁକୁର ପଲ ଘେରିଗଲା ପରି ଅନ୍ୟମାନେ ଏ କବିତାକୁ ଘେରି ଯାଇ ସମାଲୋଚନା ଆରମ୍ଭ କରି ଦେଲେ "ହେଃ, ଏଇଥିରେ ନିଦ କେବେ ଭାଙ୍ଗିଲାଣି ନା ଭାଙ୍ଗିବ ! ଆ ଦେହ ତାତି ହେଲେ ସିନା ଉଠିବ ! ଓଲଟି ଏ ନାନାବାୟା ଗୀତରେ ଅଧିକ ଘୁଙ୍ଗୁଡ଼ି ମାରି ଶୋଇବ ।"

କବିଟି ବଲୁ ଲୁଚିଲ ଦେଖାଇ, ବଦଲା ନେବା ପାଇଁ ଅନ୍ୟ ଜଣଙ୍କର କବିତାକୁ ଛକି ରହିଲା ।

ଅନ୍ୟ ଜଣେ ପଢ଼ିଲା—

"ଉଠ ବିଦ୍ରୋହୀ ଉଠ ସୈନିକ
ଉଠ ତୁଙ୍ଗ ଶିଖରୁ ତଳେ
ଲୋଡ଼ା ନାହିଁ ଆଉ ଅନାଇଁ ରହିବା
ଏଇ ପର୍ବତ ମୂଳେ ।"

ଜଗୁ ମୁହଁରୁ ଏତକ ସବୁଛି କି ନାହିଁ ପୁଣି ଜଗୁ ଜଣକ ଘାଇଁ ବଡ ମାଡ ବସିଲା । ଗ୍ରେଗରୁ ବେଢ଼ି ଗଲା ପରେ ଅନ୍ୟମାନେ ବି ବେଢ଼ି ଗଲେ । ସମାଲୋଚନାର ରକେଟ ଛୁଟିଲା ।

"ଅବାସ୍ତବ, ଅବାସ୍ତବ । ଅଟେ ଯିଏ ଜାଗରୁ ଛୁଟିବାକୁ ପ୍ରସ୍ତୁତ ନୁହେଁ ସେ ଛୁଟିବ ତୁଙ୍ଗ ଶିଖରୀ ଚୂଳେ ? ଏତେ ପଥର ଖମା, କଣ୍ଟାବୁଦା ଡେଇଁ ସେ କାହିଁକି ଶିଖରୀ ଚୂଳକୁ ଛୁଟିବ । ତାର ନିଜର ଜୀବନ ଅଡୁଆ ହୋଇ ମଡ଼ୁଛି କି ? ଏମିତ ହଜାର ଧନ ଭାଗ ପଡେଇଲେ ବି ଏ ଛୁଟୁଭ ଭଲ ଦେଖି ।"

ଦ୍ୱିତୀୟ ଜଣଟି ପସାରୁଣି ପରି ସୁଙ୍ଘିଲାପରି ମୁହଁ କରି ଚୁପ୍ ହୋଇ ରହିଲେ । ତା'ପରେ ତୃତୀୟ ପଢ଼ିଲେ—

"ଜାଗର ପାଟେସ୍ ଭାଙ୍ଗିଦିଅ ଏବେ
ଲୌହ କବାଟ ଫାଡ଼ି ଦିଅ
ଜେଲର ଓ୍ୱାର୍ଡର୍ ସଭିଙ୍କ ଗଳାରେ
ଧକ୍କା ମାରଣ ଛଡ଼ି ଦିଅ ।"

ବାକ୍ୟୁଲି ପଢ଼ୁ ପଢ଼ୁ ଘଡ଼ଘଡ଼ି ପରି କରତାଳି ପଡ଼ୁ ପଡ଼ୁ ସମାଲୋଚନା ଚାଲି ଉଠିଲା—'ବେଶ ବେଶ ଭାରି ଭଲ ଉପାୟଟା ବତେଇ ବସିଲେ । ଜେଲ ପାଟେସ୍‌କୁ ଭାଙ୍ଗିବେ । ମିଲ୍‌ଟାରି ସବୁ ଜଣ ଅଫିମ ଖାଇ ଶୋଇଥିବେ ? ଜେଲର୍‌କୁ ଧକ୍‌କା ମାରିବେ, ସତେ ଯେମିତି ତା ହାତରେ ପିସ୍ତଲ ନାହିଁ । ଲୋକେ ପାଟେସ୍ ଭାଙ୍ଗି ମିଲ୍‌ଟାରି ହାତରୁ ଗୁଳି ମାଡ଼ ଖାଉଥିବା ବେଳେ ଜଗୁ ଅଗମରେ କମ୍ବଳ ଘୋଡ଼ିହୋଇ ଶୋଇ ରହିଥିବେ । ଅବସ୍ଥା ଅସମ୍ଭାଳ ହେଲେ ଓଲଟି କହିବେ—ଥାଉ, ଥାଉ, ଏପରି କରିବା ଭଲ ହେଉ ନାହିଁ ।'

ଏମିତି ଗୋଟିଏ ଗୋଟିଏ ହୋଇ ସବୁ କବିତା ପାଠ ହୋଇ ଗଲା । ସମସ୍ତେ ନୀରବ ହୋଇଯିବା ଦେଖି ମୂଳରୁ ସବୁ ମନ ଦେଇ ଶୁଣୁଥିବା ଜଣେ ଯୁବକ ଉଠି କହିଲା—"ମୁଁ ଏବେ ଜାଣି ଗଲିଣି, ଠିକ୍ ଠିକ୍ କେମିତିଆ କାଣ୍ଡ ଦରକାର । କି ପ୍ରକାରର ଜ୍ୱାଳାମୟୀ କବିତା ହେଲେ କାମ ଦେଖେଇବ । ଆମ ଜାତି ହେଲା ଗାଳିଦେବା ଜାତି, କଳିକରିବା ଜାତି । ଯେଉଁ ଜ୍ୱାଳାମୟୀ କବିତାରେ ଚୌଦ ଗାଳି ଗୁଲଜ ପେଣ୍ଡା ହୋଇଥିବ ସେହି କବିତା କେବଳ ଲୋକଙ୍କ ନିଦ ଭଙ୍ଗେଇବ । ମୋ ଜାଣିବାରେ ଜଣେ ମାତ୍ର କବି ଅଛନ୍ତି ଯେ କି ଏମିତିଆ କବିତା ଲେଖି ଆମ କାମ ତୁଲେଇ ଦେବ । ତାଙ୍କ ନାମ ହେଉଛି ଶ୍ରୀ ରବୀନ୍ଦ୍ରନାଥ ସିଂ । କବି ନୁହେଁ ସେ ଗୋଟିଏ ଚଳନଶୀଳ ଅଗ୍ନେୟଗିରି । ବୁଲି ବୁଲି, ଖାଇ ଖାଇ, ଦାନ୍ତ ଘଷୁ ଘଷୁ ମଧ୍ୟ ସେ ଜ୍ୱାଳାମୟୀ କବିତା ରଚନା କରି ପାରନ୍ତି । ଶୋଇ-ଶୋଇଲେ ମଧ୍ୟ ତାଙ୍କ ମୁହଁରୁ ଜ୍ୱାଳାମୟୀ କବିତା ବାହାରେ । କଳ୍ପିତ ଶତ୍ରୁମାନଙ୍କ ବିରୁଦ୍ଧରେ ତାଙ୍କୁ ଟିକିଏ ଚିଡ଼ାଇ ଦେଲେ କାମ ଫତେ···ଅହୁରି ବଢ଼ିଆ ହେବ ତାଙ୍କୁ କୌଣସି ପ୍ରକାରରେ ଧନେ ଉପାସ ରଖାଇ ଟିକିଏ ଧଡ଼ମ୍‌ଧଡ଼ା କରି ଦେଲେ । ତାଙ୍କ ମୁହଁରୁ ଖାଲି ଅଗ୍ନି ନୁହେଁ, ତରଳ ଲାଭା ଛୁଟି ଆସିବ । ତାଙ୍କ ମୁଣ୍ଡରେ ଏତିକି ଭର୍ତ୍ତି କରିବାକୁ ହେବ ଯେ ଦୁଷ୍ଟ ପୁଞ୍ଜିପତିମାନେହିଁ ଖଣ୍ଡିତ ଉତ୍କଳ ପାଇଁ ଦାୟୀ । ଯାବତ୍ ଚନ୍ଦ୍ରାର୍କେ ଓଡ଼ିଶାକୁ ଶୋଷିବା ଲାଗି ସେମାନଙ୍କର ଏ ଫନ୍ଦ । ସେମାନଙ୍କର ମୂଳୋତ୍ପାଟନରେ ହିଁ ଓଡ଼ିଶାର କଲ୍ୟାଣ । ଖାଲି କହି ଦେଲେତ ହବନି । କାମରେ ନମୁନା ନ ଦେଖେଇଲେ ସମସ୍ତଙ୍କ ବିଶ୍ୱାସ ହେବ କିପରି ? ଅଧି-କାଂଶଙ୍କର ଏହିପରି ମତ ଦେଖି ଯୁବକଟି କାର୍ଯ୍ୟରେ ଦେଖାଇ

ଦେବାକୁ ରାଜି ହେଲେ । ମଙ୍ଗଳବାରଦିନ ସାହିତ୍ୟସଂସଦର ବିଶେଷ ଅଧିବେଶନକୁ ରବୀନ୍ଦ୍ର ସିଂଙ୍କୁ ନିମନ୍ତ୍ରଣ କରାଗଲା ।

ସେଦିନ ସଂସଦ ଖୁବ୍ ସରଗରମ ଥାଏ । ଚଷମା ଭିତରୁ ରବି ସିଂଙ୍କ ଆଖି ଦିଓଟି ଦପ୍ ଦପ୍ ହୋଇ ଜଳୁ ଥାଏ । ଡମ୍ବ ସାପର ନିଶ୍ୱାସ ପରି ତାଙ୍କ ନିଶ୍ୱାସ ଫଁ ଫଁ ଶୁଭୁଥାଏ । ନିମନ୍ତ୍ରଣ କରି ଆଣି-ଥିବା ଯୁବକଟି ଫୁସ୍ ଫୁସ୍ କରି ଜଣେ ସଭ୍ୟଙ୍କ କାନରେ କହୁଥିଲା—‘ଯୋଜନା ଅନୁଯାୟୀ କବିଙ୍କ ଉପରେ ଦ'ଗୁଣ୍ଡା ଉତ୍ତମ, ମଧ୍ୟମ ବସିଛି । ଅତଏବ କାଲିଠାରୁ କବିଙ୍କର ନିର୍ଜଳା ଏକାଦଶୀ ହୋଇଛି ।’ ତେଣେ କବି କିନ୍ତୁ ଖଣ୍ଡେ କାଗଜରେ ଚର୍ ଚର୍ କରି ଲେଖି ଚାଲିଥାନ୍ତି, ସମୟ ହେଲା । ରବିସିଂ କଣ୍ଠ ଫାଡ଼ି ଅଗ୍ନ୍ୟୁତ୍ପାତ ଆରମ୍ଭ କଲେ—

ଶୁଭିଲାଣି ତୋର ମରଣ ଘଣ୍ଟା ଅବେ ଶଳା ‘ବେଇମାନ’
ମୁକାବିଲା ହେବ ତୋହର ସଙ୍ଗେ ଅବେ ଶଳା ସଇତାନ୍
ଅରେ ପାଷାଣ୍ଡ ହାରାମଜାଦା କଷ୍ଟ ପେଇଛୁ ଅନା
ଛୁଟି ଅସୁଅଛି ଜୀବନରୁ ତୋର ମୃତ୍ୟୁର ପରବାନା
ଶାଣିତ ଦାଅରେ ତୋହର ଦେହକୁ କଚ୍ କଚ୍ କଚ୍ କାଟିବି
ଲେଲିହାନ ମୁଖେ ତୋହର ରକ୍ତ ଚୁଲୁ ଚୁଲୁ କରି ଚାଟିବି
ଖଡ୍ଗ ଆଘାତେ ମୁଣ୍ଡକୁ ତୋର ଗଣ୍ଡି କରିବି ଅଲଗା
ଛୁରି ମାରି ତୋର ଚର୍ବିଲ ବୁକେ ବୁହାଇ ଦେବି ମୁଁ ହଲ୍ଗା
ସଦ୍ୟଦଗ୍ଧ ଶୋଣିତେ ପୁଷ୍ଟ ଉଦର ତୋହର ଚିରିବି
ଗଲେ ଲମ୍ବାଇ ଅନ୍ତ୍ରଗୁଳା ନରସିଂହ ମୁଁ ହୋଇବି
ତୋର ବଂଶେ ମୁଁ ହଇଜା, କାମଳ, ପ୍ଲେଗ୍, ମହାମାରୀ, ମଡ଼କ
ତୋର ଅଟ୍ଟାଳୀ ତୁଙ୍ଗ ଚୂଳରେ ଭୀଷଣ ମୁଁ ବଧାତଡ଼କ

ପ୍ରଳୟଙ୍କରୀ ଦାବାନଳ ମୂର୍ଚ୍ଛି ସାଇକ୍ଲୋନ୍ ଘୂର୍ଣ୍ଣି ଝଟିକା
ଆଟେବ ଶଳା ଦେଖ୍ ହେଇଛି ତୋହର ରଚିଲ୍ ଜୀବନ ନାଟିକା
ନିପାତ କରିବ ତୋହର ବଂଶ ଅଣ୍ଡା ବେଣ୍ଡା ଭରଲ
ଆଟେବ ଶଳା ଏବେ ଇଷ୍ଟ ସ୍ମର ହସ୍ତ୍ରବ ତୋର ସବଳ
ଉଠରେ ଉଠରେ ଦଳିତ ପେଷିତ ମଥିତ ସୁପ୍ତ ଓଡ଼ିଆ
ଦାଆ ଓ ହାତୁଡ଼ି ହସ୍ତରେ ଧରି ବାଧା ବିଘ୍ନକୁ ମାଡ଼ିଆ
କଲକଲା ରବ ଘୋର ଗର୍ଜନେ ମନ୍ତ୍ରି ଦିଅ ଏ ମେଦିନୀ
ଉଠ ଲୋ ଲଳନା ଉଠ ଲୋ ଚପଳା ଉଠ ଲୋ ଅଣିମା ପେଦିନୀ

× × × ×

ହଠାତ୍ କଣକର "ଡବଲ୍ ନାଇନ୍, ଡବଲ ନାଇନ୍" ପାଟିରେ କବିତା ପାଠ ବନ୍ଦ ହୋଇଗଲା । ବିରକ୍ତ ହୋଇ କବି ସେ ସ୍ଥାନ ପରିତ୍ୟାଗ କଲେ । ସମସ୍ତଙ୍କର ମୁଖରେ ପ୍ରଶ୍ନବାଚକ ଚିହ୍ନ ଦେଖି ପାଟି କରୁଥିବା ଯୁବକଟି କହିଲେ—"ବାହ୍‌ରେ ବା! ଏତ ବ୍ଲାଙ୍କ ଫଟନ'ସ କବିତା । ଡବଲ୍ ନାଇନକୁ ଫୋନ କରି ଫାୟାର୍ ବ୍ରିଗେଡ୍ ନ ମଗାଇଲେ ଏହାକୁ ସମ୍ଭାଳିବା କାଠିକର ପାଠ ହେବ । ସେ ଯାହା ହେଉ ଟିକଏ ଅଲ୍ଟ୍ରଆର କରି ଏମିତ କବିତାର ଧାରାବାହିକ ପ୍ରସ୍ତୁର ହେଲେ ଅମ ଜାତି ଉନ୍ନତିରେ ଉଠିପାରେ ।" ପ୍ରାୟ ସମସ୍ତେ ଏଥିରେ ଏକମତ ହୋଇଗଲେ ।